ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୭/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, November 27/2025 | Page 16 | ₹ 7.00 | DHENKANAL

୫୨ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 4 | ମୂଲ୍ୟ ₹୭/-




ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ବୁଧବାର ଅନୁଷ୍ଠିତ ବିଦ୍ୟାଳୟର ବିଜ୍ଞାନ ଓ ପ୍ରଯୁକ୍ତି ମହୋତ୍ସବ 'ସାଇଟେକ୍-୨୦୨୫'ରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ମହାକାଶଚାରୀ ତଥା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଉତ୍ସାହିତ ଛାତ୍ରୀଛାତ୍ରଙ୍କ ସହ ସେଲ୍ଫି ନେଉଛନ୍ତି।

# ୨୪ ଘଣ୍ଟାରେ ମିଳିବ ପଟ୍ଟା

## ମିଳିବ ୭୦ବର୍ଷର 'ଇସି'

ଭୁବନେଶ୍ୱର,୨୬।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠାରୁ ରାଜସ୍ୱ ବିଭାଗରେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଏବେ ଆଉ କେତେକ ସଂସ୍କାର ଅଣାଯିବାକୁ ରହିଛି। ଲୋକେ ଯେପରି ଜମି କିଣାବିକା ବେଳେ ସମସ୍ୟାର ସମ୍ମୁଖୀନ ନ ହେବେ ତାହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଣିକି ୨୪ ଘଣ୍ଟା ମଧ୍ୟରେ ପଞ୍ଜୀକରଣ ଜମିର ପଟ୍ଟା ଯୋଗାଇବା ଭଳି ଅଭିନବ ପଦକ୍ଷେପ ଗ୍ରହଣ କରାଯିବାକୁ ରହିଛି। ଏନେଇ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିଲେ ହେଁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନେକ ସମୟରେ ଗୋଟିଏ ଲେଖାଏ ପ୍ଲଟ୍ ଏକାଧିକ ଥର ପଞ୍ଜୀକରଣ ହେଉଥିବା ବିଭାଗର ନଜରକୁ ଆସୁଛି। ଏଥିଲାଗି ବିଭାଗ ସମସ୍ୟାରେ ପଡୁଛି। ଲୋକମାନେ କୋର୍ଟ-କଚେରିରେ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କୁ ମଧ୍ୟ ଏହାର ଜବାବ ଦେବାରେ ଖର୍ଚ୍ଚାନ୍ତ ହେବା ସହିତ ସମୟ ଗଡ଼ିଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏଣିକି ଜମି ପଞ୍ଜୀକରଣ ଦିନ ହିଁ ପଟ୍ଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ। ତେବେ ଏହି ପଟ୍ଟା ପ୍ରସ୍ତୁତ ହେବା ପୂର୍ବରୁ ପଞ୍ଜୀକରଣ ହୋଇଥିବା ଖାତା ଓ ପ୍ଲଟ୍ ନମ୍ବରରୁ ଉକ୍ତ ଅଂଶକୁ ବାଦ୍ ଦିଆଯିବ। ଫଳରେ ପରବର୍ତ୍ତୀ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ଧର୍ମୀୟ ନେତା

# ବାୟୁ ପ୍ରଦୂଷଣ: ଦେଶର ୬ଷ୍ଠ ସ୍ଥାନରେ ଅନୁଗୋଳ

ପ୍ରାୟ ୨ ସପ୍ତାହ ହେଲା ଦେଶର ରାଜଧାନୀ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ରହିଛି। ସେଥିରେ ସୁଧାର ଆସୁ ନ ଥିବାବେଳେ ଲୋକେ ଶ୍ୱାସ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ଏଭଳି ପରିବେଶ ଓଡ଼ିଶାର କେତେକ ସ୍ଥାନରେ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଅନୁଗୋଳରେ ଶୀର୍ଷରେ ରହିଛି। ବୁଧବାର ଅପରାହ୍ନ ୧ଟାବେଳକୁ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ (ସିପିସିବି)ର ଅନୁଗୋଳ ହାକିମପଡ଼ାସ୍ଥିତ କେନ୍ଦ୍ରରେ ହୋଇଥିବା ରେକର୍ଡ ଅନୁଯାୟୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୩୯ ରହିଥିଲା। ଫଳରେ ଅନୁଗୋଳ ଦେଶର ୬ଷ୍ଠ ସର୍ବୋଚ୍ଚ ବାୟୁ ପ୍ରଦୂଷିତ ସହର ପାଲଟିଥିଲା। ଏଭଳି ବାୟୁସ୍ତରକୁ ଅତି ନିକୃଷ୍ଟ (ଭେରି ପୋର) ବର୍ଗରେ ଗଣାଯାଇଥାଏ, ଯାହାକି ଶ୍ୱାସଜନିତ ଗୁରୁତର ରୋଗର କାରଣ ହୋଇଥାଏ। କେବଳ ଅନୁଗୋଳ ନୁହେଁ, ଦ୍ୱୈତନଗରୀ ଭୁବନେଶ୍ୱର ଏବଂ କଟକ ସ୍ଥିତି ମଧ୍ୟ ଉଦ୍‌ବେଗଜନକ ରହିଛି। ଏଠାରେ ଅପରାହ୍ନ ୧ଟାବେଳକୁ ଏକ୍ୟୁଆଇ ଯଥାକ୍ରମେ ୩୨୮ (ଲିଙ୍ଗରାଜ ମନ୍ଦିର ଅଞ୍ଚଳ) ଓ ୩୨୪ (ସିଡିଏ ଅଞ୍ଚଳ) ରହିଥିଲା। ସନ୍ଧ୍ୟା ୬ଟାବେଳକୁ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ରେକର୍ଡରୁ ଜଣାପଡ଼ିଛି।

## ଭୁବନେଶ୍ୱର, କଟକ ବାୟୁ ମାନ ଉଦ୍‌ବେଗଜନକ

ଅନୁଗୋଳ,୨୬।୧୧
(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲାରେ ବାୟୁର ମାନ ୩ଦିନ ହେବ ଲଗାତର ବିପଦସଂକେତ ଉପରେ ରହିଛି। ବାୟୁମଣ୍ଡଳରେ ଦିନକୁ ଦିନ ପ୍ରଦୂଷଣର ମାତ୍ରା ବୃଦ୍ଧି ହେଉଥିବା ବେଳେ ଅନୁଗୋଳର ବାୟୁ ସାଧାରଣ ଲୋକଙ୍କ ଶ୍ୱାସ ଅନୁପଯୋଗୀ ହେଉଛି। ଖଣିଖାଦାନ ସହ କାରଖାନା ଓ ଅତ୍ୟଧିକ ଯାନବାହନ ଚଳାଚଳ ପାଇଁ ଏ ପ୍ରକାର ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲାରେ ବର୍ତ୍ତମାନ ଶ୍ୱାସ ରୋଗ ସମ୍ବନ୍ଧୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ କେବଳ ଭର୍ଚୁଆଲ ଶୁଣାଣି ହୋଇପାରେ

ନୂଆଦିଲ୍ଲୀ,୨୬।୧୧(ପି.ଟି.)


ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ସୁପ୍ରିମକୋର୍ଟରେ ଶୁଣାଣିକୁ କେବଳ ଭର୍ଚୁଆଲ ମୋଡ୍‌ରେ କରିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ବିଚାର କରୁଛନ୍ତି। ସେ ମଙ୍ଗଳବାର ଘଣ୍ଟାଏ ପ୍ରାତଃଭ୍ରମଣ ପରେ ଅଣନିଃଶ୍ୱାସୀ ଅନୁଭବ କରିଥିଲେ ବୋଲି କହିଛନ୍ତି।

ରାଜଧାନୀ ଦିଲ୍ଲୀରେ କ୍ରମାଗତ ୧୨ ଦିନ ହେଲା ବାୟୁ ଗୁଣବତ୍ତା ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ରହିଛି। ଯଦି ବାର୍ ଆସୋସିଏଶନ୍ ଭର୍ଚୁଆଲ ମୋଡ୍‌ରେ ଶୁଣାଣି ପାଇଁ ରାଜି ହୁଅନ୍ତି, ତେବେ ସର୍ବୋଚ୍ଚ ଅଦାଲତ ନିୟମାବଳୀ ପ୍ରସ୍ତୁତି ଦିଗରେ ବିଚାର କରିପାରନ୍ତି ବୋଲି ସିଜେଆଇ କହିଛନ୍ତି। ଏବେ ସୁପ୍ରିମକୋର୍ଟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଆଇନଜୀବୀମାନଙ୍କ ପାଇଁ ଭର୍ଚୁଆଲ ଶୁଣାଣି ଅନୁମତି ରହିଛି। ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ୍‌ର ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ☞ପୃଷ୍ଠା-୪

# ବିଜେଡି ଛାଡ଼ିଲେ ତାଳଚେର ନଗରପାଳ, ୧୩ କାଉନସିଲର

ତାଳଚେର,୨୬।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ପୌରପରିଷଦର ନଗରପାଳ ପବିତ୍ର ଭୂତିଆଙ୍କ ସମେତ ୧୩ ଜଣ କାଉନସିଲର ବୁଧବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଜିଲା ବିଜେଡି ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ବିଜେଡିରୁ ଇସ୍ତଫା ଦେଇଥିବା କାଉନସିଲର ହେଲେ ୧ନଂ. ୱାର୍ଡର ଆସିଫ ଖାଁ, ୨ନଂ. ୱାର୍ଡର ଯଶୋବନ୍ତ ମିଶ୍ର, ୩ନଂ. ୱାର୍ଡର ଲିପିକା ବେହେରା, ୫ନଂ. ୱାର୍ଡର ସଞ୍ଜୀବ କୁମାର ବେହେରା, ୬ନଂ. ୱାର୍ଡର ଜିତେନ୍ଦ୍ର ଭୂତିଆ, ୯ନଂ. ୱାର୍ଡର ମମତା ରାଉତ, ୧୦ନଂ. ୱାର୍ଡର ଅଜିତ କୁମାର ସାହୁ, ୧୧ନଂ. ୱାର୍ଡର ନିରୂପମା ପଟ୍ଟନାୟକ, ୧୨ନଂ. ୱାର୍ଡର ସଞ୍ଜୀବ କୁମାର ଗଡ଼ନାୟକ, ୧୪ନଂ. ୱାର୍ଡର ବଲବିନ୍ଦର କୌର, ୧୫ନଂ. ୱାର୍ଡର ସବିତା ପାଲ, ୧୮ନଂ. ୱାର୍ଡର ଲୀନା ସାହୁ, ୨୦ନଂ. ୱାର୍ଡର ଶାନ୍ତନୁ ମିଶ୍ର। ନଗରପାଳ ଓ ଏହି ସମସ୍ତ କାଉନସିଲର ସେମାନଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ହେଲା ନଗରପାଳ ଓ କେତେଜଣ କାଉନସିଲର ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିବେ ବୋଲି ସହରରେ ଆଲୋଚନା ଚାଲୁଥିଲା।



# ଦୀଘାରୁ ଓଡ଼ିଶା ବ୍ୟବସାୟୀଙ୍କୁ ହଟାଇଲା ପଶ୍ଚିମବଙ୍ଗ ପ୍ରଶାସନ

- ସୀମାନ୍ତରେ ତେଜୁଛି ଉତ୍ତେଜନା
- ମୁହଁତୋଡ଼ ଜବାବ ଦେଲେ ସୀମାନ୍ତବାସୀ

ଭୋଗରାଇ,୨୬।୧୧
(ପ୍ରଦୀପ ଦାସ)

ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଦୀଘାରେ ଦୋକାନ ଖୋଲିଥିବା ଓଡ଼ିଆ ବ୍ୟବସାୟୀଙ୍କୁ ହଟାଇଛି ପଶ୍ଚିମବଙ୍ଗ ପ୍ରଶାସନ। ତୁରନ୍ତ ଦୋକାନ ବନ୍ଦକରି ଚାଲିଯିବାକୁ ଫତ୍ୱା ଜାରି କରି କରିବା ପରେ ଓଡ଼ିଶାର ବ୍ୟବସାୟୀମାନେ ଦୋକାନ ବନ୍ଦ କରି ପଳାଇ ଆସିଛନ୍ତି। ଏନେଇ ଉତ୍ତେଜନା ପ୍ରକଶ ପାଇଥିବା ବେଳେ ସୀମାନ୍ତବାସୀ ମଧ୍ୟ ମୁହଁତୋଡ଼ ଜବାବ ଦେଇଛନ୍ତି। ଚନ୍ଦନେଶ୍ୱର ବଜାର, ଉଦୟପୁର ଓ ତାଳସାରୀରେ ଥିବା ବଙ୍ଗୀୟ ବ୍ୟବସାୟୀଙ୍କୁ ଓଡ଼ିଶାରୁ ହଟିଯିବାକୁ କହିଛନ୍ତି। ଏନେଇ ଗୁରୁବାର ସକାଳ ୮ଟାରେ ଉଭୟ ରାଜ୍ୟର ସ୍ଥାନୀୟ ନେତା, ପ୍ରଶାସନିକ ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଜରୁରୀ ବୈଠକ ଡକାଯାଇଛି।

ସୂଚନାନୁଯାୟୀ, ସୀମାନ୍ତ ବାଲେଶ୍ୱର ଜିଲାର କେତେକ ଗ୍ରାମକୁ ପଶ୍ଚିମବଙ୍ଗ ସରକାର ଓ ପ୍ରଶାସନ କୌଶଳକ୍ରମେ ଦଖଲକୁ ନେବା ପାଇଁ ଉଦ୍ୟମ କରୁଥିବାବେଳେ ସୀମାନ୍ତବାସୀଙ୍କ ପ୍ରବଳ ପ୍ରତିରୋଧ ଯୋଗୁ ଏହା ସଫଳ ହୋଇପାରିନାହିଁ। ଏବେ ଏସ୍‌ଆଇଆର୍(ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ)କୁ ଆଳକରି ପଶ୍ଚିମବଙ୍ଗ କ୍ଷମତାସୀନ ଟିଏମ୍‌ସିର ନେତା, ପ୍ରଶାସନର ନଜର ପଡ଼ିଛି ନିଉ ଦୀଘାରେ ବ୍ୟବସାୟ କରୁଥିବା ଶତାଧିକ ଓଡ଼ିଆ ବ୍ୟବସାୟୀଙ୍କ ଉପରେ। ଦୀଘାର ☞ପୃଷ୍ଠା-୪

## ବିଧାନସଭାରେ ରାଷ୍ଟ୍ରପତି ଦେବେ ପ୍ରଥମ ଅଭିଭାଷଣ

### ଆଜିଠୁ ଶୀତ ଅଧିବେଶନ

ଭୁବନେଶ୍ୱର,୨୬।୧୧
(ରବିନାରାୟଣ ଜେନା)

ଓଡ଼ିଶା ବିଧାନସଭାରେ ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଶୀତକାଳୀନ ଅଧିବେଶନ ଐତିହାସିକ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବୁଧବାର ଅପରାହ୍ନରେ ବିଧାନସଭାରେ ମୁକେଶ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଅପରାହ୍ନ ୪ଟା ୩୦ ମିନିଟ୍‌ରେ ☞ପୃଷ୍ଠା-୪

# ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋ,୨୬।୧୧(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକ ସଂସ୍କରଣ ୨୦୩୦ରେ ଗୁଜରାଟର ଅହମଦାବାଦ ସହରରେ ହେବ। ଏ ନେଇ ଅଷ୍ଟ୍ରେଲିଆର ଗ୍ଲାସ୍‌ଗୋ ସହରରେ ବୁଧବାର ବସିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ବୈଠକରେ ଅହମଦାବାଦକୁ ଆନୁଷ୍ଠାନିକ ଭାବେ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି। ଏହି ନିଷ୍ପତ୍ତି ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଭିଳାଷକୁ ଆହୁରି ଦୃଢ଼ କରିଛି। ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଥିବା ଅହମଦାବାଦରେ ଗତ ଏକ ଦଶନ୍ଧିରେ ଅନେକ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସଂସ୍କରଣର ୧୯୩୦ରେ କାନାଡାର ହାମିଲଟନ ସହରରେ ଅନୁଷ୍ଠିତ ହୋଇଥିଲା।

ଗତମାସରେ ଅହମଦାବାଦକୁ ପ୍ରସ୍ତାବିତ ଆୟୋଜକ ସହର ଭାବେ ସୁପାରିସ କରାଯିବା ପରେ ୭୪ ସଦସ୍ୟବିଶିଷ୍ଟ ସାଧାରଣ ସଭାରେ ଭାରତର ବିଡ୍ ଉପରେ ମୋହର ଲାଗିବା କେବଳ ଔପଚାରିକ ଥିଲା। ୨୦୩୦ ରାଜ୍ୟଗୋଷ୍ଠୀ ବିଡ୍‌ରେ ଅହମଦାବାଦ ଓ ନାଇଜେରିଆର ଆବୁଜା ସହର ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କିନ୍ତୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଫ୍ରିକୀୟ ଦେଶକୁ ୨୦୩୪ ସଂସ୍କରଣ ଲାଗି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିଲା। ଭାରତ ଅନ୍ତିମଥର ୨୦୧୦ରେ ଦିଲ୍ଲୀଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଏହି ସଂସ୍କରଣର ଆୟୋଜନ ଲାଗି ଭାରତ ପାଖାପାଖି ୭୦ ହଜାର କୋଟି ଟଙ୍କା ବ୍ୟୟ କରିଥିଲା।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆସୋସିଏଶନ (ସିଜିଏ) ଆମ ଉପରେ ଦେଖାଇଥିବା ଭରସା ଲାଗି ଆମେ କୃତଜ୍ଞ। ୨୦୩୦ ଗେମ୍ସ କେବଳ ରାଜ୍ୟଗୋଷ୍ଠୀ ଅଭିଯାନର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ ତା ନୁହେଁ, ବରଂ ପରବର୍ତ୍ତୀ ଶତାବ୍ଦୀ ଲାଗି ମୂଳଦୁଆ ପକାଇବ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପିଟି ଉଷା କହିଛନ୍ତି। ତେବେ ୨୦୩୦ ଗେମ୍ସରେ ୨୫ରୁ ୨୭ ଇଭେଣ୍ଟ ସାମିଲ କରାଯିବ ବୋଲି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପକ୍ଷରୁ କୁହାଯାଇଛି। କେଉଁ କେଉଁ ଇଭେଣ୍ଟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରୋଗ୍ରାମରେ ସାମିଲ କରାଯିବ, ତାହାର ପ୍ରକ୍ରିୟା ଆସନ୍ତା ମାସରେ ଆରମ୍ଭ ହେବ ଏବଂ ଏହି ପ୍ରୋଗ୍ରାମ ଆସନ୍ତା ବର୍ଷ ଘୋଷଣା କରାଯିବ।

**ସୁପ୍ରିମକୋର୍ଟରେ ସମ୍ବିଧାନ ଦିବସ**

## ଭାଗନେଲେ ବିଭିନ୍ନ ଦେଶର ବିଚାରପତି

ନୂଆଦିଲ୍ଲୀ,୨୬ା୧୧(ପି.ଟି.)

ସୁପ୍ରିମକୋର୍ଟରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିବାବେଳେ ଏଥିରେ ବିଭିନ୍ନ ଦେଶରୁ ମୁଖ୍ୟ ବିଚାରପତି ଓ ବରିଷ୍ଠ ବିଚାରପତିମାନେ ସାମିଲ ହୋଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ। ବିଦେଶୀ ବିଚାରପତିମାନେ ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ସହ ସର୍ବୋଚ୍ଚ ଅଦାଲତରେ ଉପସ୍ଥିତ ରହି ବିଚାର ପ୍ରକ୍ରିୟା ଦେଖିଥିଲେ। ସେମାନଙ୍କ ମଧ୍ୟରେ ଭୁଟାନ ମୁଖ୍ୟ ବିଚାରପତି ଲ୍ୟୋନପୋ ନୋର୍ବୁ ଶେରିଙ୍ଗ, କେନିଆ ମୁଖ୍ୟ ବିଚାରପତି ମାର୍ଥା କେ. କୁମେ, ମରିସସ୍ ମୁଖ୍ୟ ବିଚାରପତି ରେହାନା ବିବି ମୁଙ୍ଗ୍‌ଲି-ଗୁଲ୍‌ବୁଲ୍, ଶ୍ରୀଲଙ୍କା ମୁଖ୍ୟ ବିଚାରପତି ପ୍ରୀତିପଦ୍ମନ ସୁରସେନା ଥିଲେ। ଏହା ବ୍ୟତୀତ କେନିଆ, ନେପାଳ, ଶ୍ରୀଲଙ୍କା ଏବଂ ମାଲେସିଆ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତିମାନେ ମଧ୍ୟ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀର ସମ୍ବିଧାନ ସଦନ ସେଣ୍ଟ୍ରାଲ ହଲ୍‌ରେ ବୁଧବାର ସମ୍ବିଧାନ ଦିବସ ପାଳନ ଅବସରରେ (ବାମରୁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗ ଦେଇଛନ୍ତି।

## ସାମ୍ବିଧାନିକ କର୍ତ୍ତବ୍ୟ ସୁଦୃଢ଼ ଗଣତନ୍ତ୍ରର ମୂଳଦୁଆ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୬ା୧୧(ପି.ଟି.)

ସାମ୍ବିଧାନିକ କର୍ତ୍ତବ୍ୟ ମଜଭୁତ ଗଣତନ୍ତ୍ରର ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସମ୍ବିଧାନ ଦିବସ ଅବସରରେ କହିବା ସହ ନାଗରିକମାନେ ସାମ୍ବିଧାନିକ କର୍ତ୍ତବ୍ୟ ପୂରଣ କରିବାକୁ ନିବେଦନ କରିଛନ୍ତି। ସେ ଗଣତନ୍ତ୍ରକୁ ସୁଦୃଢ଼ କରିବାର ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। କର୍ତ୍ତବ୍ୟ ସମ୍ପାଦନ ସାମାଜିକ ଓ ଅର୍ଥନୈତିକ ପ୍ରଗତିର ମୂଳଦୁଆ। ୧୮ ବର୍ଷ ବୟସରେ ପଦାର୍ପଣ କରୁଥିବା ପ୍ରଥମ ଥରର ଭୋଟରମାନଙ୍କୁ ସମ୍ମାନିତ କରିବା ଲାଗି ସ୍କୁଲ ଓ କଲେଜରେ ସମ୍ବିଧାନ ଦିବନ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି।

ଉପନିବେଶୀୟ ମାନସିକତାକୁ ତ୍ୟାଗକରି ଜାତୀୟତାବାଦୀ ଚିନ୍ତାଧାରାକୁ ଆପଣାଇବା ପାଇଁ ସମ୍ବିଧାନ ଏକ ମାର୍ଗଦର୍ଶକ ଦସ୍ତାବିଜ୍ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ପୁରୁଣା ପାର୍ଲାମେଣ୍ଟ ଭବନ (ସମ୍ବିଧାନ ସଦନ)ର ସେଣ୍ଟ୍ରାଲ ହଲ୍‌ରେ ସମ୍ବିଧାନ ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଥିଲେ, ଭାରତ ବିଶ୍ୱ ପାଇଁ ବିକାଶର ଏକ ନୂଆ ମଡେଲ୍ ପ୍ରଦାନ କରିଛି। ଭାରତ ଏକ ଓ ସବୁବେଳେ ଏକ ହୋଇ ରହିବ ଏହା ଆମ ସମ୍ବିଧାନର ପ୍ରସ୍ତାବନା ପ୍ରମାଣିତ କରିଛି। ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ପ୍ରତ୍ୟେକେ ଏକାଠି କାର୍ଯ୍ୟ କରିବା ପାଇଁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ନିବେଦନ କରିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନକୁ ଗରିବଙ୍କ ରକ୍ଷାକବଚ କହିବା ସହ ଏହା ଉପରେ କୌଣସି ଆକ୍ରମଣକୁ ସୁଯୋଗ ନ ଦେବା ଲାଗି ଶପଥ ନେବାକୁ ନାଗରିକମାନଙ୍କୁ ନିବେଦନ କରିଛନ୍ତି। ନ୍ୟାୟ, ସମାନତା, ସ୍ୱାଧୀନତା, ଭ୍ରାତୃଭାବ, ଧର୍ମନିରପେକ୍ଷତା ଆଦି ସମ୍ବିଧାନର ମୌଳିକ ମୂଲ୍ୟବୋଧର ସୁରକ୍ଷା ଆବଶ୍ୟକ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି।

# ଭିଆଇଟି କ୍ୟାମ୍ପସ୍‌ରେ ପୋଡ଼ାଜଳା

**ନିମ୍ନମାନର ଖାଦ୍ୟ, ପାଣିକୁ ନେଇ ତାତିଲେ ଛାତ୍ରୀଛାତ୍ର**

ଭୋପାଳ,୨୬ା୧୧

ମଧ୍ୟପ୍ରଦେଶର ସେହୋର ଜିଲାରେ ଥିବା ଭିଆଇଟି (ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି) ଭୋପାଳ ୟୁନିଭର୍ସିଟିରେ ମଙ୍ଗଳବାର ରାତିରେ ହିଂସାତ୍ମକ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ନିମ୍ନମାନର ଖାଦ୍ୟ ଓ ପାଣିକୁ ନେଇ ଉତ୍ତ୍ୟକ୍ତ ଛାତ୍ରୀଛାତ୍ର କଲେଜ କ୍ୟାମ୍ପସ୍‌ରେ ପୋଡ଼ାଜଳା କରିବା ସହ ବହୁ ଗାଡ଼ି ପୋଡ଼ିଦେଇଛନ୍ତି। ଏଥିରେ ଗୋଟିଏ ବସ୍, ୨ଟି ଚାରିଚକିଆ ଯାନ, ଗୋଟିଏ ଆମ୍ବୁଲାନ୍ସ, ହଷ୍ଟେଲ୍ ଝରକା, ଆର୍‌ଓ ପ୍ଲାଣ୍ଟ ଓ କ୍ୟାମ୍ପସ୍ ପରିସରର ବିଭିନ୍ନ ଭାଗ କ୍ଷତିଗ୍ରସ୍ତ ହୋଇଛି। ହିଂସାକାଣ୍ଡ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ପରିସରରେ ଉତ୍ତ୍ୟକ୍ତ ଛାତ୍ରଙ୍କ ପୋଡ଼ାଜଳା।

ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ପାଣି ପାଇଁ ଜଣ୍ଡିସ୍ ବ୍ୟାପୁଥିବା ଅଭିଯୋଗ କରି ୩ରୁ ୪ ହଜାର ଛାତ୍ରୀଛାତ୍ର ଭିଆଇଟି କ୍ୟାମ୍ପସ୍‌ରେ ବିକ୍ଷୋଭ କରିଥିଲେ। କ୍ୟାମ୍ପସ୍‌ରେ ପୋଲିସ ଅଫିସରଙ୍କ ସମେତ ବିଭିନ୍ନ ଥାନାରୁ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ପୋଲିସ ଅଧିକାରୀ ଆଲୋଚନାକରି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କଲେଜ ଏବଂ ହଷ୍ଟେଲ୍ କ୍ୟାମ୍ପସ୍‌ରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଆଷ୍ଟା ଏସ୍‌ଡିପିଓ ଆକାଶ ଅମଲକର କହିଛନ୍ତି। କ୍ୟାମ୍ପସ୍‌ରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। କଲେଜ ପରିଚାଳନା କର୍ତ୍ତୃପକ୍ଷ ଇତିମଧ୍ୟରେ ନଭେମ୍ବର ୩୦ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶ କଂଗ୍ରେସ ସଭାପତି ଜିତୁ ପଟୱାରି ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଭିଆଇଟିରେ ଜଣ୍ଡିସ୍ ବ୍ୟାପିବା ସହ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଭୋପାଳ, ଆଷ୍ଟା ଓ ସେହୋର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏହା କେବଳ ଶିକ୍ଷାନୁଷ୍ଠାନର ବିଫଳତା ନୁହେଁ, ବରଂ ସରକାର ଏବଂ ବ୍ୟବସ୍ଥାର ବିଫଳତା ବୋଲି ପଟୱାରି କହିଛନ୍ତି। ପିଲାମାନଙ୍କୁଠାରୁ ଅତ୍ୟଧିକ ଦେୟ ନେଉଥିବା ଶିକ୍ଷାନୁଷ୍ଠାନ ସେମାନଙ୍କୁ ସ୍ୱଚ୍ଛ ଜଳ ଓ ବିଶୁଦ୍ଧ ଖାଦ୍ୟ ପ୍ରଦାନ କରିବାରେ ବିଫଳ ହୋଇଛି। ଭାଜପା ସରକାର ପିଲାମାନଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ କରୁଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି।

## ୭,୨୦୦ କୋଟିର ବିରଳ ମୃତ୍ତିକା ଯୋଜନାକୁ କେନ୍ଦ୍ରର ମଞ୍ଜୁରୀ



ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୨୬ା୧୧(ପି.ଟି.)

ବିରଳ ମୃତ୍ତିକା ସ୍ଥାୟୀ ଚୁମ୍ବକ (ଆର୍‌ଇପିଏମ୍) ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ୭,୨୦୦ କୋଟି ଟଙ୍କାର ଏକ ଯୋଜନାକୁ କେନ୍ଦ୍ର ସରକର ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ କ୍ୟାବିନେଟ ବୈଠକ ବସି ସିଣ୍ଟରଡ ରେଆର୍ ଆର୍ଥ ପର୍ମାନେଣ୍ଟ ମ୍ୟାଗ୍‌ନେଟ୍ ଉତ୍ପାଦନ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି। ବାର୍ଷିକ ୬,୦୦୦ ମେଟ୍ରିକ୍ ଟନ୍ ସାମର୍ଥ୍ୟ ସୃଷ୍ଟିକରିବା ଲକ୍ଷ୍ୟ ରହିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି। ବିଦ୍ୟୁତ୍‌ଚାଳିତ ଯାନ, ଏରୋସ୍ପେସ୍, ଇଲେକ୍ଟ୍ରୋନିକ୍ସ, ଡାକ୍ତରୀ ଉପକରଣ ଏବଂ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନକାରୀ ବୃହତ୍ ଶିଳ୍ପସଂସ୍ଥାରେ ବିରଳ ମୃତ୍ତିକା ଚୁମ୍ବକ ଆବଶ୍ୟକ ହୋଇଥାଏ।

ଭାରତ ଆର୍‌ଇପିଏମ୍ ପାଇଁ ବିଦେଶରୁ ଆମଦାନୀ ଉପରେ ନିର୍ଭର କରୁଛି। ଏହି ଯୋଜନା ଦ୍ୱାରା ଭାରତ ପ୍ରଥମ ସମନ୍ୱିତ ଆର୍‌ଇପିଏମ୍ ଉତ୍ପାଦନ କାରଖାନା ବସାଇବା ସହ ନିଯୁକ୍ତି ସୃଷ୍ଟି କରିବ। ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ପାଇଁ ଆମଦାନୀ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଏଥିସହିତ କେନ୍ଦ୍ର କ୍ୟାବିନେଟ୍ ୨,୭୮୧ କୋଟି ଟଙ୍କା ବ୍ୟୟରେ ଗୁଜରାଟରେ ଦ୍ୱାରକ-କନଲୁସ୍ ରେଳଲାଇନ୍‌ର ଦୋହରୀକରଣ ଏବଂ ମୁମ୍ବାଇ ମେଟ୍ରୋପଲିଟାନ ଅଞ୍ଚଳର ବଦଲାପୁର ଏବଂ କରଜାତ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛି।

## ହଂକଂ ଉଚ୍ଚ ଅଟ୍ଟାଳିକାରେ ନିଆଁ: ୧୩ ମୃତ

ହଂକଂ,୨୬ା୧୧

ହଂକଂର ତାଇ ପୋ ଜିଲାରେ ଥିବା ହାଉସିଂ କମ୍ପ୍ଲେକ୍ସର ୭ଟି ସୁଉଚ୍ଚ ଅଟ୍ଟାଳିକାରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟୁନ ୧୫ ଜଣ ଆହତ ହୋଇଛନ୍ତି। ଆପାର୍ଟମେଣ୍ଟଗୁଡ଼ିକରୁ ୭୦୦ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଆହୁରି କେତେଜଣ ବିଲ୍ଡିଂ ମଧ୍ୟରେ ରହିଥିବା ଆଶଙ୍କା କରାଯାଉଛି। ବିଲ୍ଡିଂ ଚାରିପଟେ ଲାଗିଥିବା ବାଉଁଶ ସ୍କାଫୋଲ୍ଡିଂ ଏବଂ ଜାଲ ଯୋଗୁ ନିଆଁ କ୍ଷିପ୍ର ବେଗରେ ମାଡ଼ିଯାଇଥିଲା। ବହୁତ ଉଚ୍ଚ ପର୍ଯ୍ୟନ୍ତ ଅଗ୍ନିଶିଖା ଓ ବହଳ ଧୂଆଁ ଉଠୁଥିବା ଦେଖାଯାଇଛି। ହାଉସିଂ ବୋର୍ଡର ୮ଟି ବ୍ଲକ୍‌ରେ ୨,୦୦୦ ଆପାର୍ଟମେଣ୍ଟ ରହିଛି, ଯେଉଁଥିରେ ୪,୮୦୦ ଲୋକ ରହୁଥିଲେ। ବିଲ୍ଡିଂଗୁଡ଼ିକ ପାଖାପାଖି ଥିବାରୁ ନିଆଁ ବ୍ୟାପିଯାଇଥିଲା। ଲେବଲ୍ ୫ ସତର୍କତା ଜାରି ହୋଇଥିବାବେଳେ ୧୨୮ଟି ଦମକଳ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏଥିସହିତ ଆହତମାନଙ୍କୁ ହସ୍ପିଟାଲ ନେବା ପାଇଁ ୫୭ଟି ଆମ୍ବୁଲାନ୍ସକୁ ନିୟୋଜିତ କରାଯାଇଛି।



## ପୋଲ୍ ଭୁଶୁଡ଼ି ୨ ବାସ୍କେଟ୍‌ବଲ ଖେଳାଳିଙ୍କ ମୃତ୍ୟୁ

**ରୋହତକ କ୍ରୀଡ଼ା ଅଧିକାରୀ ନିଲମ୍ବିତ**

ଚଣ୍ଡିଗଡ଼,୨୬ା୧୧

ହରିୟାଣାରେ ଦୁଇଟି ପୃଥକ୍ ଘଟଣାରେ ବାସ୍କେଟବଲ୍ କୋର୍ଟ ପୋଲ୍ ଭୁଶୁଡ଼ି ୨ ଜଣ ନାବାଳକ ଖେଳାଳିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ଜାତୀୟସ୍ତରର ଖେଳାଳି ଅଛନ୍ତି। ଏହି ଘଟଣାରେ ହରିୟାଣା କ୍ରୀଡ଼ା ବିଭାଗ ରୋହତକ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନିଲମ୍ବନ କରିବା ସହ ଜିଲାର ବାସ୍କେଟ୍‌ବଲ୍ ପ୍ରଶିକ୍ଷଣ କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ କରିଦେଇଛନ୍ତି।



ଅମନ



ହାର୍ଦ୍ଦିକ

ପ୍ରଥମ ଦୁର୍ଘଟଣା ବାହାଦୁରଗଡ଼ରେ ଘଟିଥିବାବେଳେ ଦ୍ୱିତୀୟଟି ରୋହତକରେ ହୋଇଛି। ଏନେଇ ରାଜ୍ୟବ୍ୟାପୀ ବାସ୍କେଟ୍‌ବଲ୍ କୋର୍ଟଗୁଡ଼ିକର ସୁରକ୍ଷା ସମୀକ୍ଷା କରାଯିବା ସହ କ୍ରୀଡ଼ା ବିଭାଗ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଜରାଜୀର୍ଣ୍ଣ ଉପକରଣ ଯୋଗୁ ରୋହତକ ଦୁର୍ଘଟଣା ଘଟିଲା ବୋଲି କ୍ରୀଡ଼ାମନ୍ତ୍ରୀ ଗୌରବ ଗୌତମ କହିଛନ୍ତି। ସେ ୨୮ ତାରିଖରେ ସମସ୍ତ ଜିଲାର କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ବିଭାଗୀୟ ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସେମାନଙ୍କ ଜିଲା ମଧ୍ୟରେ ଥିବା ସମସ୍ତ ଷ୍ଟାଡିୟମ ଏବଂ ପ୍ରଶିକ୍ଷଣ କେନ୍ଦ୍ରକୁ ଯାଇ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋହତକ ବାସ୍କେଟ୍‌ବଲ୍ ହୁପ୍‌ର ଲୁହା ସ୍ତମ୍ଭ ଭୁଶୁଡ଼ି ଜାତୀୟସ୍ତରର ଖେଳାଳି ହାର୍ଦ୍ଦିକ (୧୬)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ବେଳର ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ହାର୍ଦ୍ଦିକ ସବ୍‌ଜୁନିୟର ନ୍ୟାଶନାଲ ଚାମ୍ପିୟନ୍‌ଶିପ୍ ପାଇଁ ଲଖନ ମାଜ୍ରା ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ପ୍ରସ୍ତୁତି ଚଳାଇଥିଲେ। ଏହାର ୨ ଦିନ ପୂର୍ବରୁ ବାହାଦୁରଗଡ଼ର ହୋଶିଆର ସିଂ ସ୍ପୋର୍ଟ୍‌ସ ଷ୍ଟାଡିୟମ୍‌ରେ ଅଭ୍ୟାସ ବେଳେ ବାସ୍କେଟ୍‌ବଲ୍ ପୋଲ୍ ଭୁଶୁଡ଼ି ୧୫ ବର୍ଷୀୟ ଅମନଙ୍କ ମୃତ୍ୟୁ ଘଟିଥିଲା।

**ଫୁରସତ୍**

## ୧୨୪ ବର୍ଷ ହେଲା ଓଲଟା ଚାଲୁଛି ଟ୍ରେନ୍

ବର୍ଲିନ୍

ଯେଉଁଠି ସାଧାରଣ ଟ୍ରେନ୍ ଭଳି ଧାରଣାରେ ନ ଚାଲି ତଳକୁ ଝୁଲି ରହି ଚାଲୁଛି ଟ୍ରେନ୍। ୧୨୪ ବର୍ଷ ହେଲା ଏଭଳି ଅଭିନବ ଶୈଳୀରେ ଚାଲୁଥିବା ବିସ୍ମୟକର ଟ୍ରେନ୍‌ର ନାମ 'ୱୁପର୍ଟାଲ ଶ୍ୱେବେବାହନ'। ଏହା ବିଶ୍ୱର ସର୍ବ ପୁରାତନ ସସ୍‌ପେନ୍ସନ ରେଲ୍‌ୱେ ବା ଝୁଲା ରେଳ ପ୍ରଣାଳୀ, ଯାହା ୧୯୦୧ ମସିହାରୁ ଜର୍ମାନୀର ୱୁପର୍ଟାଲ ସହରରେ ଚାଲୁଛି । ଏହାକୁ ଇଞ୍ଜିନିୟରିଂ ବିଦ୍ୟାର ଚମତ୍କାରିତା ଭାବେ ଅଭିହିତ କରାଯାଏ। ତେବେ ଏହି ଟ୍ରେନ୍ ଟ୍ରାକ୍(ଧାରଣା) ଉପରେ ଚାଲିବା ପରିବର୍ତ୍ତେ ଏକ ଅଭିନବ କୌଶଳରେ ପ୍ରସ୍ତୁତ ଶକ୍ତ ଲୁହା ଢାଞ୍ଚାଯୁକ୍ତ ଧାରଣା ତଳକୁ ଝୁଲି ରହି ଗତି କରେ। ଏଥିଯୋଗୁ ଯାତ୍ରୀମାନେ ନଦୀ ଓ ସହରର ଦୃଶ୍ୟ ତଳୁ ଉପରକୁ ଦେଖିବାର ଅନୁଭୂତି ପାଇଥାନ୍ତି। ଏହାର ନିର୍ମାଣ ୧୮୯୮ରେ ଆରମ୍ଭ ହୋଇଥିଲା ଏବଂ ୧୯୦୧ରେ ଏହା ଜନସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ୱୁପର୍ଟାଲ ସଂକୀର୍ଣ୍ଣ ନଦୀ ଉପତ୍ୟକାରେ ପାରମ୍ପରିକ ରେଳ ପାଇଁ ସ୍ଥାନର ଅଭାବ ଯୋଗୁ ଇଞ୍ଜିନିୟର୍ ଇଉଜେନ ଲାଙ୍ଗେନ ଏହି ଅଭିନବ ଧାରଣା ଦେଇଥିଲେ।



ଏହି ରେଲ୍‌ୱେ ଆଂଶିକ ଭାବରେ ମାଟିଠାରୁ ପ୍ରାୟ ୨୯ ଫୁଟ୍ ଉପରେ ରହିଛି। ଏହା ସହରର ପ୍ରମୁଖ ପରିବହନ ବ୍ୟବସ୍ଥା ହୋଇରହିଛି ଏବଂ ଦୈନିକ ୮୦,୦୦୦ରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇଥାଏ। ଟ୍ରେନ୍ ପ୍ରଥମ କ୍ୟାରେଜ, ଯାହାକୁ କାଇଜର୍ ୱିଲହେଲ୍ମ ୨ୟ ଥରେ ଯାତ୍ରା କରିଥିଲେ, ତାହା 'କାଇଜରୱାଗନ' ନାମରେ ଏବେ ବି ଘରୋଇ ଭ୍ରମଣ ପାଇଁ ଉପଲବ୍ଧ। ୨୦ଟି ଷ୍ଟେଶନ ଦେଇ ଥରେ ଯାତ୍ରା ପୂରା କରିବାକୁ ଏହି ଟ୍ରେନ୍‌କୁ ପ୍ରାୟ ୩୫ ମିନିଟ ସମୟ ଲାଗିଥାଏ। ଜଣେ ବ୍ୟକ୍ତିଙ୍କ ପାଇଁ ୨୪ ଘଣ୍ଟିଆ ପାସ୍‌ର ମୂଲ୍ୟ ପ୍ରାୟ ୯୦୫ ଟଙ୍କା ରହିଛି। ଅତିରିକ୍ତ ଯାତ୍ରୀଙ୍କ ପାଇଁ ପ୍ରାୟ ୪୫୨ ଟଙ୍କା ଏବଂ ୬ ଛଅ ବର୍ଷରୁ କମ୍ ପିଲାଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି।

## ପ୍ରେମିକା ପାଇଁ ଧର୍ମ ବଦଳାଇଲେ


ମୁମ୍ବାଇ



କପିଲ ଶର୍ମା

କମେଡିଆନ କପିଲ ଶର୍ମାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କିସ୍ କିସ୍‌କୋ ପ୍ୟାର୍ କରୁଁ ୨' ର ଟ୍ରେଲର୍ ବୁଧବାର ମୁକ୍ତିଲାଭ କରିଛି। ନିର୍ଦ୍ଦେଶକ ଯୋଡ଼ି ଆବ୍ବାସ-ମସ୍ତାନଙ୍କ ୨୦୧୫ର ହିଟ କମେଡି ଫିଲ୍ମର ଏହି ସିକ୍ୱେଲରେ କପିଲ ଶର୍ମା ପୁଣି ଥରେ ହାସ୍ୟରସ କାହାଣୀ ନେଇ ବଡ଼ ପରଦାକୁ ଫେରିଛନ୍ତି। ପ୍ରାୟ ୩ ମିନିଟର ଏହି ଟ୍ରେଲରେ କପିଲ ଶର୍ମାଙ୍କ ଚରିତ୍ରକୁ ଦେଖାଯାଇଛି, ଯିଏ ତାଙ୍କ ପ୍ରେମିକା ପାଇଁ ତିନି ଥର ଧର୍ମ ପରିବର୍ତ୍ତନ କରୁଛନ୍ତି ପ୍ରଥମେ ହିନ୍ଦୁରୁ ମୁସଲମାନ ଓ ପରେ ଖ୍ରୀଷ୍ଟିଆନ। କିନ୍ତୁ ସେ ତାଙ୍କ ଡ୍ରିମ ଗର୍ଲଙ୍କୁ ପାଉନାହାଁନ୍ତି, ବରଂ ଭୁଲ୍‌ରେ ତିନି ଭିନ୍ନ ଧର୍ମରୁ ଜଣେ ଲେଖାଏଁ ମହିଳାଙ୍କୁ ବିବାହ କରି ବଡ଼ ଅଡୁଆରେ ଫସି ଯାଉଛନ୍ତି।

'ଜଣେ ରାଜା ଏବଂ ତାଙ୍କର ତିନି ରାଣୀ' ଥିବା ଏହି କାହାଣୀରେ କପିଲ ନିଜର ତିନି ପତ୍ନୀଙ୍କୁ ଜଣଙ୍କଠାରୁ ଅନ୍ୟ ଜଣକୁ ଲୁଚାଇ ରଖିବା ପାଇଁ ଭିନ୍ନ ଭିନ୍ନ ପରିଚୟ ବ୍ୟବହାର କରିବାର ଦୃଶ୍ୟ ରହିଛି। ଏହା ମଧ୍ୟରେ ତିନିଥର ବିବାହ କରିଥିବା ଜଣେ ବ୍ୟକ୍ତିଙ୍କୁ ଖୋଜୁଥିବା ପୋଲିସର ପ୍ରବେଶ ପରିସ୍ଥିତିକୁ ଆହୁରି ଜଟିଳ କରିଛି। ଅନୁକଳ୍ପ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ କପିଲ ଶର୍ମାଙ୍କ ସହ ମନଜୋତ ସିଂ, ହିରା ୱାରିନା, ତ୍ରିଧା ଚୌଧୁରୀ, ପାରୁଲ ଗୁଲାଟି, ଆୟେଶା ଖାନ ପ୍ରମୁଖ ଭୂମିକାରେ ଅଛନ୍ତି। ଏହି କମେଡି ଫିଲ୍ମ ଆସନ୍ତା ମାସ ୧୨ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରହିଛି।




# ସମାନ ସମୟ ମାଗିଲେ ବିରୋଧୀ



## ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୬।୧୧ (ରବିନାରାୟଣ ଜେନା)

ବିଧାନସଭାର ଶୀତକାଳୀନ ଅଧିବେଶନର ଅବ୍ୟବହିତ ପୂର୍ବରୁ ବୁଧବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତି ଏବଂ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଧ୍ୟାହ୍ନ ୧୨.୩୦ ମିନିଟ୍‌ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଗୃହର ସୁପରିଚାଳନା ଲାଗି ବିସ୍ତୃତ ଆଲୋଚନା କରାଯାଇଛି। ଗୃହର ବିଜ୍‌ନେସ୍ ରୁଲ୍‌ସ ଆଣ୍ଡ ପ୍ରୋସିଡ୍ୟୁର ଅନୁଯାୟୀ, ଗୃହ ଆରମ୍ଭହେବା ମାତ୍ରେ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବି ଭଳି ସମସ୍ତ ବିଧିମୁତାବକ କାର୍ଯ୍ୟ ସମ୍ପାଦନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଦୀର୍ଘ ୨୯ ଦିନର ଏହି ଅଧିବେଶନଟି କିଭଳି ସୁରୁଖୁରୁରେ ଚାଲିବ ସେନେଇ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଥିଲେ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନଟି କିଭଳି ଶାନ୍ତିଶୃଙ୍ଖଳାର ସହ ଚାଲିବ ସେଥିଲାଗି ବାଚସ୍ପତି ସମସ୍ତ ଦଳର ସଦସ୍ୟଙ୍କୁ ଗୃହର ମର୍ଯ୍ୟାଦା ରକ୍ଷାକରି ସୁଚାରୁରୂପେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ ପକ୍ଷରୁ ଗୃହରେ ଶାସକ ଦଳକୁ ଗୁରୁତ୍ୱ ଦେଇ ଯେତିକି ସମୟ ଦିଆଯାଉଛି ସେହି ସମୟ ଦେବାକୁ ଦାବି କରାଯାଇଥିଲା, ଯାହାକୁ ବାଚସ୍ପତି ସମ୍ମତି ପ୍ରଦାନ କରିଛନ୍ତି। ସର୍ବଦଳୀୟ ବୈଠକରେ ସମସ୍ତ ଦଳ ଗୃହର ଗଣତାନ୍ତ୍ରିକ ପରମ୍ପରା ଓ ମର୍ଯ୍ୟାଦା ରକ୍ଷାକରି ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିରୋଧୀ ଯଦି ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଣନ୍ତି ତେବେ ତାକୁ ନମ୍ରତାର ସହ ଗ୍ରହଣକରି ଆଲୋଚନା କରାଯିବ ବୋଲି ମୁକେଶ କହିଛନ୍ତି।

ଏହି ଅବସରରେ ବିରୋଧୀ ଦଳ(ବିଜେଡି)ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଗୃହକାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ଚାଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ତାହାକୁ ବାଚସ୍ପତି କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାହା ଗୃହ ଚାଲିଲେ ଜଣାପଡ଼ିବ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଗୃହରେ ସମସ୍ତ ସଦସ୍ୟଙ୍କୁ ସମାନ ସମୟ ମିଳିବା ଉପରେ ଜୋର୍ ଦିଆଯାଇଥିଲା। ଏହାକୁ ମଧ୍ୟ ବାଚସ୍ପତି ଗ୍ରହଣ କରିଛନ୍ତି। ମାତ୍ର ଯେପର୍ଯ୍ୟନ୍ତ ଗୃହ ଚାଲିନାହିଁ, ଏବେ କେବଳ ସୁରୁଖୁରୁରେ ଗୃହ ଚାଲିବା ନେଇ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଗୁରୁବାର ଆରମ୍ଭ ହେଉଥିବା ଅତିରିକ୍ତ ବଜେଟ ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ରହିଛି। ଏହି ଶୀତ ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ୨୮ ତାରିଖରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟକୁ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଗୃହରେ ଉପସ୍ଥାପନ କରିବେ। ଡିସେମ୍ବର ୪, ୫ ଓ ୬ରେ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବାକୁ ରହିଛି।




# ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବଢ଼ାଇଲେ ମହାକାଶଚାରୀ ଶୁଭାଂଶୁ

■ ସଭ୍ୟତା ବିକାଶରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

■ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ 'ସାଇଟେଡ୍ ୨୦୨୫'

ଭୁବନେଶ୍ୱର,୨୬।୧୧ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବିଜ୍ଞାନ ଓ ପ୍ରଯୁକ୍ତି ମହୋତ୍ସବ 'ସାଇଟେଡ୍-୨୦୨୫' ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାକାଶଚାରୀ ତଥା ଗ୍ରୁପ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଯୋଗଦେଇ ତାଙ୍କର ମହାକାଶ ଯାତ୍ରା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହି ଉତ୍ସାହିତ କରିଥିଲେ। ଆକ୍ସିଅମ୍ ମିଶନରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍ଏସ୍)କୁ ଯାଇ କିପରି ଗବେଷଣା କରିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଇଏସ୍ଏସ୍‌ରେ ୧୮ଦିନ ରହି ପୃଥିବୀ ପାଇଁ ୭ଟି ଗବେଷଣା କରି ଫେରିଥିବା କହିବା ସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଚିନ୍ତା କରି ଆତ୍ମବିଶ୍ୱାସର ସହିତ ଭବିଷ୍ୟତକୁ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ। ମହାକାଶ ଅନୁସନ୍ଧାନ ବିଶ୍ୱ ବିଷୟରେ ଆବିଷ୍କାର ସହିତ ଭବିଷ୍ୟତ ପିଢ଼ିକୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ ବୋଲି ଶୁଭାଂଶୁ କହିଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଅତି ସରଳ ଭାବେ ରଖିଥିଲେ।

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଲେ, ସଭ୍ୟତାର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ବିଶ୍ୱଶକ୍ତି ହେବାକୁ ହେଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଆମ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ। ଆଜିର ପିଲାମାନେ ହିଁ ହେବେ ସମୃଦ୍ଧ ଓ ଓ ବିକଶିତ ଭାରତର ନିର୍ମାତା। ବିଜ୍ଞାନ ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧ ଲକ୍ଷ କୋଟି ଟଙ୍କାର ରିସର୍ଚ୍ଚ ଓ ଡେଭଲପମେଣ୍ଟ ଫଣ୍ଡ ଗଠନ କରିଛନ୍ତି। ଏହା ଆମର ଗବେଷଣା କ୍ଷେତ୍ରକୁ ସମୃଦ୍ଧ କରିବ ଏବଂ ଆମ ଦେଶର ଛାତ୍ରୀଛାତ୍ରମାନେ ଗବେଷଣା କ୍ଷେତ୍ରକୁ ଅଧିକ ଆକୃଷ୍ଟ ହେବେ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିରେ ନୂଆ ଉପଲବ୍ଧି ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଧୁନିକ ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଆମେ ଏବଂ ଆମର ପିଲାମାନେ ଜାଣିବା ଅତି ଆବଶ୍ୟକ। ଆମ ଭାରତୀୟଙ୍କ ପାଖରେ ସମଗ୍ର ବିଶ୍ୱରେ ସର୍ବୋତ୍ତମ ବୁଦ୍ଧିମତ୍ତା, ପ୍ରତିଭା ରହିଛି। ଆପଣମାନେ ଏହି ବୁଦ୍ଧିମତ୍ତାକୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ କରନ୍ତୁ। ବର୍ତ୍ତମାନ ଆପଣଙ୍କ ପାଖରେ ପଢିବା ପାଇଁ ଅନେକ ସମ୍ବଳ ଉପଲବ୍ଧ ଅଛି। ଭଲ ଶିକ୍ଷକ ଉପଲବ୍ଧ ଅଛନ୍ତି ଓ ଇଣ୍ଟରନେଟରେ ଜ୍ଞାନର ଅନେକ ଖୋଲା ଉତ୍ସ ଅଛି। ତେଣୁ ଛାତ୍ରୀଛାତ୍ର ଚାହିଁଲେ ବହୁତ କିଛି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ କହିଲେ, ସାଇଟେଡ୍ କେବଳ ଏକ ଅଧ୍ୟୟନ ନୁହେଁ, ଜୀବନର ଚ୍ୟାଲେଞ୍ଜକୁ ମୁକାବିଲା କରେ, ଗୁଣବତ୍ତାକୁ ଉନ୍ନତ କରେ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣକୁ ସଶକ୍ତ କରେ। ଅନ୍ୟତମ ଅତିଥି ଭାବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶଚନ୍ଦ୍ର ସାହୁ ଓ ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ହେଡ୍ ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅନୁଜ ରୋହାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ମନୋରଞ୍ଜନ ଯୋଗାଇଥିଲା।


'ସାଇଟେଡ୍'ରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା।

# ବିଦେଶ ଶିକ୍ଷାବୃତ୍ତି ଯୋଜନା ଶୁଭାରମ୍ଭ

■ ୩୪ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦେଲା ଉଚ୍ଚଶିକ୍ଷା ବିଭାଗ

■ ପର୍‌ଫରମାନ୍ସ ଅଡିଟ୍ ନିମନ୍ତେ ଉଚ୍ଚଶିକ୍ଷା ପରିଷଦକୁ କପି ରାଇଟ୍ ପ୍ରଦାନ

ଭୁବନେଶ୍ୱର,୨୬।୧୧ (ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ ହୋଇଛି। ଏଥିସହ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୩୪ଜଣଙ୍କୁ ଗ୍ରୁପ୍-ସି ଓ ଗ୍ରୁପ୍-ଡି ବର୍ଗରେ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ରହିଥିବା ଉଚ୍ଚଶିକ୍ଷାନୁଷ୍ଠାନଗୁଡିକର ଏକାଡେମିକ ପର୍‌ଫରମାନ୍ସ ଅଡ଼ିଟ ନିମନ୍ତେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦକୁ କପି ରାଇଟ ପ୍ରଦାନ କରାଯାଇଛି। ଏଣିକି ପରିଷଦ ଦ୍ୱାରା ରାଜ୍ୟରେ ଥିବା ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ଠିକ୍ ରୂପେ ଯାଞ୍ଚ କରାଯାଇପାରିବ। ସର୍ବଭାରତୀୟସ୍ତରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରଥମେ ଏଭଳି ବ୍ୟବସ୍ଥାକୁ ଲାଗୁ କରିଛି।

ବୁଧବାର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଜନାର ଶୁଭାରମ୍ଭ କରିବା ସହ ନିଯୁକ୍ତପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଦେଶ ଶିକ୍ଷା ବୃତ୍ତି ଯୋଜନା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କର ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବାର ସ୍ୱପ୍ନକୁ ସାକାର କରିବ। ବିଦେଶରେ ଉଚ୍ଚଶିକ୍ଷା ପାଇଁ ଅର୍ଥ ଆଉ ବାଧକ ସାଜିବ ନାହିଁ। ସେହିଭଳି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଏକାଡେମୀ ପର୍‌ଫରମାନ୍ସ ଅଡିଟ୍ କରାଯିବ। ଏହା ନିଶ୍ଚିତ ରୂପେ ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବ। ଏଥିସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଥିବା ସମସ୍ତ ନବନିଯୁକ୍ତମାନଙ୍କୁ ମନ୍ତ୍ରୀ ସୂରଜ ଅଭିନନ୍ଦନ ଜଣାଇଥିଲେ।

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ବିଦେଶ ଶିକ୍ଷାବୃତ୍ତି ଯୋଜନା ଲାଗୁ କରାଯିବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ର ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ସେମାନଙ୍କ ପରିବାରର ବାର୍ଷିକ ଆୟ ୧୨ଲକ୍ଷ ଟଙ୍କା କିମ୍ବା ଏହାଠାରୁ କମ୍ ହୋଇଥିବା ଆବଶ୍ୟକ। ଛାତ୍ରବୃତ୍ତି ପାଇବା ନିମନ୍ତେ ଛାତ୍ର ବା ଛାତ୍ରୀଜଣକ ବିଶ୍ୱର ଶ୍ରେଷ୍ଠ ୨୦୦ କ୍ୟୁଏସ୍ ର୍‍ୟାଙ୍କିଙ୍ଗ୍ ଶିକ୍ଷାନୁଷ୍ଠାନରେ ପିଜି ଓ ପିଏଚ୍‌ଡ଼ି ପାଠ୍ୟକ୍ରମ ପାଇଁ ନାମଲେଖା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଆବଶ୍ୟକ। ବୃତ୍ତି ନିମନ୍ତେ ପ୍ରତିବର୍ଷ ୨ଥର (ଜୁଲାଇ-ଅଗଷ୍ଟ ଏବଂ ଡିସେମ୍ବର-ଜାନୁଆରୀ ଅବଧି) ଆବେଦନ କରିପାରିବେ। ପ୍ରତିବର୍ଷ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୫୦ଜଣ ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷା ନିମନ୍ତେ ୧୦ ଜଣ (ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାରେ ପିଜି ପାଠ୍ୟକ୍ରମ ପାଇଁ ୪ଜଣ ଏବଂ ପିଏଚ୍‌ଡ଼ି ପାଇଁ ୬ଜଣ), ମେଡିକାଲ, କୃଷି, ଆର୍କିଟେକ୍ଚର ଓ ଅନ୍ୟାନ୍ୟ ଟେକ୍ନିକାଲ ପାଠ୍ୟକ୍ରମ ନିମନ୍ତେ ୧୦ଜଣ (ପିଜ ପାଇଁ ୪ଜଣ ଏବଂ ପିଏଚ୍‌ଡି ଲାଗି ୬ଜଣ), ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ପାଠ୍ୟକ୍ରମ ପାଇଁ ୩୦ଜଣ (ପିଜି ପାଇଁ ୧୦ଜଣ ଓ ପିଏଚ୍‌ଡି ଲାଗି ୨୦ଜଣ) ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସର୍ବାଧିକ ବାର୍ଷିକ ୨୫ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସମସ୍ତ ନବନିଯୁକ୍ତଙ୍କୁ ନିଷ୍ଠାପର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଣେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ମୃତ

ବଣାଇଁ, ୨୬।୧୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବନଖଣ୍ଡ ସରସରା ସେକ୍ସନ ଅନ୍ତର୍ଗତ ପୋଡ଼ାଗୋଠ ଗ୍ରାମରେ ବୁଧବାର ଅପରାହ୍ନରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣଙ୍କୁ ଗୋଡ଼ାଇବାରୁ ସେ ପଡ଼ିଯାଇ ଆହତ ହୋଇଛନ୍ତି। ମୃତକ ହେଲେ ପୋଡ଼ାଗୋଠ ଗ୍ରାମର ବସନ୍ତ ଓରାମ (୪୩), ଆହତ ଜଣକ ହେଲେ ବିକାଶ ଓରାମ। ଉଭୟେ ଜମିକୁ ଧାନ କାଟିବାକୁ ଯାଇ ଫେରୁଥିବାବେଳେ ଜଙ୍ଗଲରୁ ବାହାରି ଆସିଥିବା ୧୧ ଟିକିଆ ହାତୀ ପଲ ସମ୍ମୁଖରେ ପଡିଯାଇଥିଲେ। ହାତୀପଲକୁ ଦେଖି ସେମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବସନ୍ତଙ୍କୁ ଏକ ଦନ୍ତାହାତୀ ଶୁଣ୍ଢରେ ଟେକି କଚାଡ଼ି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ବସନ୍ତଙ୍କ ମୃତ୍ୟୁ ଘଟିଥିଲା। ବିକାଶ ହାତୀ କବଳରୁ ବର୍ତ୍ତିଯାଇଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୫, ସ୍ଥାନ: ମେ ଫେୟାର ସେଣ୍ଟ୍ରାଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଓସିସିଆଇ ଏକ୍ସପୋ ୨୦୨୫ ଉନ୍ମୋଚନ ଉତ୍ସବ, ସ୍ଥାନ: ରାଜ୍ ଦରବାର, ହୋଟେଲ ଏମ୍ପାୟାର, ଶହୀଦ ନଗର, ସମୟ: ଅପରାହ୍ନ ୪ଟା।
- ପିଏମ୍‌ଶ୍ରୀ ଡେମୋନ୍‌ଷ୍ଟ୍ରେଶନ୍ ମଲ୍ଟିପରପୋଜ୍ ସ୍କୁଲ୍ ପକ୍ଷରୁ ଭାଲିଡିକ୍ଟୋରି ଫଙ୍କସନ୍ ଇନ୍‌ଡେମ୍ ୨୦୨୫, ସ୍ଥାନ: ଆର୍‌ଆଇଇ ଅଡିଟୋରିୟମ୍, ସମୟ: ଅପରାହ୍ନ ୬ଟା।
- ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ ୨୦୨୫, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା ୧୫।
- ପତ୍ରିକା ମଧୁଲିତାର ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସାହିତ୍ୟିକ ନରସିଂହ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଆଲୋଚନାଚକ୍ର ଓ ସ୍ମୃତିସଭା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ୍ ପକ୍ଷରୁ ବାର୍ଷିକ ମ୍ୟୁଜିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମହିଳା ଜନଶୁଣାଣି ଶିବିର,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ୍ ହଲ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଲୋକ ମହୋତ୍ସବର ନବମ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ମହାପ୍ରଭୁଙ୍କ ୩୨ ବେଶର ୨ୟ ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ଭଦ୍ରକ ନାଗରିକ ମଞ୍ଚର ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥପୁର ଗ୍ଲାକ୍ସକୋ ଇଣ୍ଡଷ୍ଟ୍ରିଜ୍ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ରାମଚନ୍ଦ୍ରପୁର ଗ୍ରାମ ରଘୁଆଳ ସାହି ନିକଟ ମା ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ପ୍ରାତଃ ୫ ଟା।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନର ରାଲି, ସ୍ଥାନ: ବିଜୁ ପଟ୍ଟନାୟକ ହୋମିଓପାଥିକ କଲେଜରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଜଳ ସଂରକ୍ଷଣ ଉପରେ ଆଲୋଚନା,ସ୍ଥାନ: ଏରଡ଼ା(୨), ନାଉଗାଁ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ବିଜେଡିର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନ ସମ୍ପର୍କ ଯାତ୍ରାରେ ଗାନ୍ଧିଜୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ଗରାପୁର, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୧ଟା, ସ୍ଥାନ:ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର ମଧ୍ୟାହ୍ନ ୧୨ଟା, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୩ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଲାର, ଡେରାବିଶ, ସମୟ:ସଂଧ୍ୟା ୬ଟା ।

## ଯାଜପୁର

- ଜିଲାସ୍ତରୀୟ ସଷ୍ଟେନେବୁଲ ଡେଭଲପମେଣ୍ଟ ଗୋଲ(ଏସଡିଜି) ତାଲିମ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ମାଣବସା ପର୍ବ ଉଦ୍‌ଯାପନ, ସ୍ଥାନ: କଣ୍ଟିଲୋ, ସମୟ: ପ୍ରାତଃ ୫ଟା।
- ତ୍ରିନାଥ ଠାକୁରଙ୍କ ୪୪ତମ ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସରେ ରାବଣ ବଦ୍ଧ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ:ନୟାଗଡ ତ୍ରିନାଥ ଛକ, ସମୟ:ସକାଳ ୭ଟାରୁ ରାତି ୧୧ଟା ।
- ଘୋଡଲାଗି ପର୍ବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଯୁବ ମହୋତ୍ସବରେ ପ୍ରତିଯୋଗିତା ସହ ବିଜ୍ଞାନମେଳା ପ୍ରଦର୍ଶନୀ, ସ୍ଥାନ:ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ:ସକାଳ ୮ଟା ।

## ସମ୍ବଲପୁର

- ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା, ସ୍ଥାନ : ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ସକାଳ ୭ଟା ।
- ଉକିଆ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- କାରଡେଲ୍ ବେବି ରିସେପ୍‌ସନ୍ ପଏଣ୍ଟର ଉଦ୍‌ଘାଟନ, ସ୍ଥାନ: ସ୍ୱତନ୍ତ୍ର ଶିଶୁ ଯତ୍ନ କେନ୍ଦ୍ର, ପେଲେସଲାଇନ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ୬୯ତମ ଓଡିଶା ବିଦ୍ୟାଳୟ ସମୂହ ଫୁଟବଲ, ଫେନସିଙ୍ଗ୍ ଓ ଥାଙ୍ଗ୍‌ତା ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ।

## ରାଉରକେଲା

- ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନ ପକ୍ଷରୁ ପଦଯାତ୍ରା, ସ୍ଥାନ: ନୟାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଅନୁରାଗ ଅନୁଷ୍ଠାନ ପକ୍ଷରୁ କବିତା ସନ୍ଧ୍ୟା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ, ସ୍ଥାନ:ବିରମାଲ ହାଇସ୍କୁଲ,ସମୟ:ମଧ୍ୟାହ୍ନ ୧୨ଟା।
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ପରିବେଶ ସୁରକ୍ଷା ଉପରେ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସ୍ୱର୍ଡ଼ ସଂସ୍ଥାର ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ ସହ ୟୁନିଫୋର୍ମ ଏବଂ ପାଠ୍ୟ ପୁସ୍ତକ ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ବାବୁ ସାହି ସୋର୍ଡ ତାଲିମ କେନ୍ଦ୍ର ବଡ଼ ବଗିଚା ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବ ଭାରତୀୟ ପ୍ରଧାନପାଟ କପ ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଭାଗବତ ସପ୍ତାହ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଦେବଗଡ ସହର ମଠ ସାହମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ମନ୍ଦର ପରିସର, ମନ୍ଦିର, ସମୟ : ସନ୍ଧ୍ୟା ୬ଟା୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତୀ, ସ୍ଥାନ : ଦେବଗଡ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ : ଦେବଗଡ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର,ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ତରଭା ସହରରେ ଲକ୍ଷ୍ମୀପୂଜାର ଶୁଭାରମ୍ଭ, ସ୍ଥାନ: ମେହେର ପଡା, ସମୟ: ସକାଳ ୮ଟା ୩୦।
- କୁରାଳ ପଞ୍ଚମୀ ମହୋତ୍ସବ ଅବସରରେ ଆୟୋଜିତ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କ୍ଷଣ୍ଡା,ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ଦଶମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖଡ଼ିଆଳ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ତରବୋଡ଼, ସମୟ: ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଲୋନିପଡ଼ା ଓ ବଙ୍ଗଳାପଡ଼ା, ସମୟ: ଅପରାହ୍ନ ୫ଟା ୩୦।

# ବେଗୁନିଆ-ବୋଲଗଡ଼ର ବହୁ ବିଜେଡି ନେତା, କର୍ମୀ ଭାଜପାରେ ମିଶିଲେ

ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ବେଗୁନିଆ- ବୋଲଗଡ଼ ନିର୍ବାଚନମଣ୍ଡଳୀର ଦଳେଇସାହି ସରପଞ୍ଚ ସୁଶାନ୍ତ କୁମାର ପରିଡ଼ାଙ୍କ ସମେତ ସମିତି ସଭ୍ୟା ମନସ୍ମିତା ଦଳାଇ, ସମିତି ସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ୱାର୍ଡ ମେମ୍ବର କୈଳାସ ସୁନ୍ଦରାୟ, ଜ୍ୟୋସ୍ନାରାଣୀ ନାୟକ, ଭାଗୀରଥି ପୃଷ୍ଟି, ଖୁର୍ସିଜା ବେଗମ, ପବନୀ ଦେଈ, ସେହନ୍ନା ବେଗମ, ସେକ୍ କାଜଲ, ଅଶାନ୍ତି ବିଶ୍ୱାଳ ବିଜେଡି ଛାଡି ବୁଧବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ସାନପଦର ଗ୍ରାମପଞ୍ଚାୟତର ସମିତି ସଭ୍ୟ ତଥା ବିଜେଡି ଉପସଭାପତି ଦିଲୀପ କୁମାର ମହାପାତ୍ର, ୱାର୍ଡ ମେମ୍ବର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତ୍ରିନାଥ ମୁଦୁଲି, ମନୋଜ କୁମାର ପରିଡା, ଅନନ୍ତ ମୁଦୁଲି, ସ୍ୱାଧୀନ ମହାପାତ୍ର, ବିରଜା ପ୍ରସାଦ ଭଞ୍ଜ ସାମନ୍ତ, ରଶ୍ମିରଞ୍ଜନ ବେହେରା, ମାୟାଧର ରାଉତରାୟ, ପ୍ରଫୁଲ୍ଲ କୁମାର, ଅମରେନ୍ଦ୍ର, ଅସରଳା ଦଳ ଗ୍ରାମପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାପାତ୍ର, ୱାର୍ଡ ମେମ୍ବର ପବିତ୍ର ନାୟକ, ରୂପାଲୀ ସାହୁ, ସାଗୁରଗାଁ ଗ୍ରାମପଞ୍ଚାୟତର ସମିତିସଭ୍ୟ ତୋଫାନ ବେହେରା, ପଙ୍ଗାରସିଂ ଗ୍ରାମପଞ୍ଚାୟତର ରଜତ ମହାପାତ୍ର, ଫାସିଓଦା ଗ୍ରାମପଞ୍ଚାୟତର ବ୍ରଜକିଶୋର ସୁବୁଦ୍ଧି, ନେପାଳ ରାୟ, ନିରଞ୍ଜନ ସେଠୀ, ଅଭିଳାଷ ପଣ୍ଡା, ରାକେଶ ମିଶ୍ର ପ୍ରମୁଖ ବିଜେଡି ତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁକାରକ ବୁଧ ସପ୍ତମଭାବରେ ରହିଥିବାରୁ ଯେଉଁମାନେ ପାଖ ମାଡୁ ନ ଥିଲେ ସେହିମାନେ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ସ୍ନାୟବିକ ଦୁର୍ବଳତା ଦୂର ହେବ। ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଜମିଜମା ସୀମାବିବାଦକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ବୃଷ** ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପର ଲୋକଙ୍କୁ ଆପଣାର କରିବାକୁ ବାଧ ହେବେ। କର୍ମକ୍ଷେତ୍ରର ଚାପ ବୃଦ୍ଧି ପାଇବା କାରଣରୁ ଆଜି ଅଫିସ କାର୍ଯ୍ୟରେ ବେଶି ବ୍ୟସ୍ତ ରହିବେ। ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ପିଲାମାନେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ମିଥୁନ** ରାଶ୍ୟାଧପତି କୋଣସ୍ଥାନରେ ରହିଥିବାରୁ ସାହାଯ୍ୟ ଆଶା ନେଇ ଅନ୍ୟମାନେ ଆପଣଙ୍କୁ ଖୋଜିପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ଆଜି ସନ୍ଧ୍ୟାରେ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବା ସକାଶେ ଚେଷ୍ଟା ଅବ୍ୟାହତ ରହିବ। କିଏ ଭଲ କହୁ କିମ୍ବା ନ କହୁ ଆପଣ ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରିବା ଭଲ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଗବେଷଣା ତଥା ଆଇନ ଅଦାଲତରେ ସଫଳତା ପାଇବେ।

**ସିଂହ** ବହୁତ ଦିନରୁ ଚେଷ୍ଟା କରୁଥିବା କାମରେ ଆଜି ସଫଳତା ମିଳିବାର ଆଶା ରହିଛି। କେହି ବୟସ୍କ ବ୍ୟକ୍ତିଙ୍କ ସହାନୁଭୂତିର ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଆଣିଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। ଘର, ଗାଡି, କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇ ପାରନ୍ତି।

**କନ୍ୟା** ଦୃଢ଼ ମନୋବଳ ହେତୁ କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ ଅସୁବିଧା ହେବ ନାହିଁ। ବ୍ୟବହାରରେ ଅସଂଯମତା ସମସ୍ୟାକୁ ନିମନ୍ତ୍ରଣ କରିପାରେ। ପୂର୍ବରୁ ଶତ୍ରୁତା କରୁଥିବା ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି,ଏଣୁ ସତର୍କତା ରକ୍ଷା କରିବା ଭଲ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରକାଶନ କ୍ଷେତ୍ରରେ ସମସ୍ୟା ଅବଶ୍ୟ ରହିବ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ହଜିଯିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। କିନ୍ତୁ ପାରିବାରିକ ସ୍ଥିତିରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ବିଛା** କୌଣସି ଏକ ସାଧାରଣ କଥାକୁ କେନ୍ଦ୍ର କରି ପ୍ରିୟ ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। କର୍ମକ୍ଷେତ୍ରରେ ଦକ୍ଷତା ଓ ସମୟାନୁବର୍ତ୍ତିତା ହେତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ଊଣା ହେବ ନାହିଁ। ସାହିତ୍ୟ, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଥଣ୍ଡାଜନିତ କଫ ଓ କାଶରୁ ପୀଡ଼ାନୁଭବର ସୂଚନା ରହିଛି।

**ଧନୁ** ଆଜିର ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଖୁସି ଓ ଆନନ୍ଦରେ ଅତିବାହିତ କରିବେ। ବନ୍ଧୁଙ୍କ ଆଦରବୋଳା କଥାରେ ସବୁ ଦୁଃଖ ଭୁଲିଯିବେ। ନୂତନ ଯୋଜନା, ଅବହେଳିତ କାମ,ବାକି ରହିଥିବା ଟଙ୍କା, ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ପୂର୍ବରାଗ ଶୁଝାଇବାକୁ ନିଜ ଲୋକ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ। ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ** ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ କିନ୍ତୁ ଏଥିପାଇଁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡିବ। ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ପାରିବାରିକ ସମସ୍ୟା ସମାଧାନ ସକାଶେ ସମ୍ପର୍କୀୟ ଆଲୋଚନା ପାଇଁ ଡାକି ପାରନ୍ତି। ଆଲୋଚନା ପରିସରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ପିଲାଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ହେଲେ ମଧ୍ୟ କୌଣସି କଠୋର ପଦକ୍ଷେପ ନେଇପାରିବେ ନାହିଁ।

ଆଜି ନଭେମ୍ବର ୨୭ ତାରିଖ, ମାର୍ଗଶିର ଶୁକ୍ଳ ସପ୍ତମୀ ଗୁରୁବାର, ମାଣବସା ଗୁରୁବାରର ଚତୁର୍ଥପାଳି, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୦୨।୦୬ ଗତେ କୁମ୍ଭଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୬ ଗତେ ୦୭।୩୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨।୫୬ ଗତେ ଘ.୦୨।୧୮ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏନ୍ତା ଲୋକ କେନ୍ତା**
**ଖଲିଖିଆ ଲୋକ ଥାଳି ଥିଁ ଖାଏଲେଁ**
**ଲୋକ ଚିନଭା ସେ କେନ୍ତା ।**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକ କୁତା ଶ୍ୱଶୁର ଘରେ ଜ୍ୱାଇଁ,**
**ଏକ କୁତା ଭଉଣୀ ଘରେ ଭାଇ।**

ସମ୍ପର୍କୀୟ ଘରେ ବେଶି ଦିନ ରହିଲେ ଓଜନ ହରାଇବାକୁ ପଡ଼େ। ଏପରି ସ୍ଥଳେ ଶ୍ୱଶୁର ଘରେ ଜ୍ୱାଇଁ ଓ ଭଉଣୀ ଘରେ ଭାଇ ଆବଶ୍ୟକତା ଠୁଁ ଅଧିକ ଦିନ ବା କାଳ ରହିଲେ ଅବଜ୍ଞାର ପାତ୍ର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିଧାନସଭାରେ ରାଷ୍ଟ୍ରପତି ...

ଗୃହରେ ପ୍ରଥମଥର ପାଇଁ ତାଙ୍କର ଅଭିଭାଷଣ ରଖିବେ। ଏହା ଆମ ଓଡ଼ିଶା ପାଇଁ ଗର୍ବର ବିଷୟ। ଏଥିଲାଗି ବିଧାନସଭା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେ କହିଛନ୍ତି, ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରଥମାର୍ଦ୍ଧରେ ଦିବଂଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଗୃହ ମୁଲତବୀ ରହିବ। ଏହାପରେ ଦ୍ୱିତୀୟାର୍ଦ୍ଧରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣ ରଖିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୭ ମାସ ମଧ୍ୟରେ ଅନେକଗୁଡ଼ିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଭାଜପା ସରକାର ଲୋକଙ୍କୁ ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ତାକୁ ପାଳନ କରିବାକୁ ଉଦ୍ୟମ କରିଛି। ସେଥିମଧ୍ୟରୁ ଅଧିକାଂଶ ଯୋଜନା ଇତିମଧ୍ୟରେ କାର୍ଯ୍ୟକାରୀ ହୋଇସାରିଛି। ସରକାର କ୍ଷମତାସୀନ ହେବାଦିନଠାରୁ ଇତିମଧ୍ୟରେ ୧୧ଟି ପ୍ରତିଶ୍ରୁତି ପାଳନ ହୋଇସାରିଲାଣି। ସେଥିମଧ୍ୟରେ ମହିଳାଙ୍କୁ ସଶକ୍ତୀକରଣ କରିବା ଲାଗି 'ସୁଭଦ୍ରା' ଯୋଜନାଠାରୁ ଆରମ୍ଭକରି ଚାଷୀଙ୍କୁ ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧମାନଙ୍କୁ ୩,୫୦୦ ଟଙ୍କା ଭତ୍ତା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥିଯୋଗୁ ରାଜ୍ୟର ଅଭିବୃଦ୍ଧି ଦିନକୁ ଦିନ ବଢ଼ିଚାଲିଛି। ଓଡ଼ିଶାର ଅଭିବୃଦ୍ଧି ଜାତୀୟସ୍ତର ଅପେକ୍ଷା ୨.୨୦% ଅଧିକ ରହିଛି। ରାଜ୍ୟ ସରକାର ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଅହରହ ଉଦ୍ୟମ କରୁଛନ୍ତି। ଭିଜନ-୨୦୩୬ରେ ଓଡ଼ିଶା ଯେତେବେଳେ ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ, ସେତେବେଳକୁ ରାଜ୍ୟ ଦେଶର ସବୁଠାରୁ ବିକାଶଶୀଳ ରାଜ୍ୟ ରୂପେ ପରିଗଣିତ ହୋଇଥିବ ବୋଲି ମୁକେଶ କହିଛନ୍ତି।

## ୨୪ ଘଣ୍ଟାରେ ...

ପର୍ଯ୍ୟାୟରେ ଆଉ ଗୋଟିଏ ପ୍ଲଟ୍‌କୁ ଏକାଧିକ ଥର ବିକାକିଣା ହୋଇପାରିବ ନାହିଁ। ତେବେ ଏହି ପଟ୍ଟା ପ୍ରୋଭିଜନାଲି ଦେବାକୁ ଏବେ ଆପାତତଃ ସ୍ଥିର ହୋଇଛି। ଏନେଇ ଆସନ୍ତା ୨୮ତାରିଖରେ ପୁନର୍ବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବ। ଉକ୍ତ ବୈଠକରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶ ପାଇବ। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ରେକର୍ଡ ଡିଜିଟାଇଜେଶନ ହେବା ଦ୍ୱାରା ଏବେ ୩୦ ବର୍ଷର ଏନ୍‌କମ୍ବରାନ୍ସ ସାର୍ଟିଫିକେଟ୍(ଇସି) ପ୍ରଦାନ କରାଯାଇପାରୁଛି। ଏହାକୁ ୭୦ ବର୍ଷ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଦେବାକୁ ରାଜସ୍ୱ ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ ଏବେ ଆଉ ୨୦ ବର୍ଷର ରେକର୍ଡ ଡିଜିଟାଇଜେଶନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ହୋଇପାରିଲେ, ଜମିଜମା କିଣାବିକା ସମସ୍ୟାରେ ଅଧିକ ସ୍ୱଚ୍ଛତା ଆସିବା ସହିତ ଲୋକେ ଝମେଲାରେ ପଡ଼ିବେ ନାହିଁ ବୋଲି ବିଭାଗ ଲକ୍ଷ୍ୟ ରଖିଛି। ସେହିପରି ବିଭାଗ ପକ୍ଷରୁ ବିନା କାଗଜରେ ସରକାରୀ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟସ୍ତରରୁ ତହସିଲ୍‌ଦାର ଏବଂ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏଣିକି ବିନା କାଗଜପତ୍ରରେ ହେବ। ଲୋକସେବା ଭବନରେ ଯେପରି 'ଓସ୍ୱାସ୍' ମାଧ୍ୟମରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନା ହେଉଛି ଅନୁରୂପ ଭାବେ ତହସିଲଦାର ଓ ଆର୍‌ଆଇଙ୍କ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଆପଣାଯିବ। ଯାହାଫଳରେ ଲୋକେ ଉନ୍ନତମାନର ରାଜସ୍ୱ ସେବା ହାତପାଆନ୍ତାରେ ପାଇପାରିବେ ବୋଲି ବରିଷ୍ଠ ଅଧିକାରୀ ଜଣକ ନିଜ ନାମ ଗୋପନ ରଖି କହିଛନ୍ତି।

## ବାୟୁ ପ୍ରଦୂଷଣ: ଦେଶର ...

ଦେଖାଯାଇଛି। ସୂଚନା ମୁତାବକ, ଚଳିତମାସ ଆରମ୍ଭ ବେଳକୁ ଅନୁଗୋଳରେ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୬୦ ଓ ୬୧ ରହିଥିଲା। ହେଲେ ୩ ତାରିଖଠାରୁ କ୍ରମାଗତ ଭାବେ ଏହି ସୂଚକାଙ୍କ ବଢ଼ିବାରେ ଲାଗିଥିଲା। ପ୍ରଥମେ ୧୦୪, ୧୧୬ ଦେଇ ୧୧ ତାରିଖରେ ଏହା ବୃଦ୍ଧିପାଇ ୨୬୯ରେ ପହଞ୍ଚିଥିଲା। ଗତ ୩ ଦିନ ଧରି ସହର ମଧ୍ୟରେ ପ୍ରଦୂଷଣର ମାତ୍ରା ଏତେ ବୃଦ୍ଧି ହୋଇଛି ଯେ ଏକ୍ୟୁଆଇ ବିପଦସଂକେତ ଦେଇ ଗତି କରୁଛି। ୨୪ ତାରିଖରେ ଏକ୍ୟୁଆଇ ୩୨୨ରେ ପହଞ୍ଚିଥିଲା। ସେହିପରି ୨୫ ତାରିଖରେ ବାୟୁର ମାନ ଆହୁରି ଖରାପ ହୋଇ ୩୫୩ ଛୁଇଁଥିଲା। ବୁଧବାର ଅପରାହ୍ନ ଗୋଟାଏ ବେଳକୁ ଏକ୍ୟୁଆଇ ୩୩୯ ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ସାମାନ୍ୟ ସୁଧାର ଆସି ୩୩୭ ରହିଥିଲା। ଏହି ମାନର ବାୟୁ ସଂସ୍ପର୍ଶରେ ଆସିଲେ ଶାସକ୍ରିୟାଜନିତ ରୋଗ ହେବା ଆଶଙ୍କା ଅଧିକ। ଶ୍ୱାସ ଓ ହୃଦ୍‌ରୋଗୀଙ୍କ ପାଇଁ ଏହା ଅତି ବିପଜ୍ଜନକ। କିଛିଦିନ ହେବ ଏହି ପ୍ରଦୂଷଣ କାରଣରୁ ଅନୁଗୋଳ ସହର ଓ ଆଖପାଖରେ ସକାଳ ଓ ସନ୍ଧ୍ୟାରେ କୁହୁଡି ପରି ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି। ଏପରିକି ଗାଁରୁ ସହର ପ୍ରତି ଘରେ ଥଣ୍ଡା ଜନିତ ରୋଗରେ ପ୍ରାୟତଃ ଲୋକ ପୀଡ଼ିତ ହେଉଥିବା ଦେଖାଯାଇଛି। ବାୟୁମଣ୍ଡଳରେ ଧୂଳିକଣା ବୃଦ୍ଧି କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା କହିଛନ୍ତି।

ବୁଧବାର ଅପରାହ୍ନ ୧ଟା ବେଳକୁ ଉତ୍ତରପ୍ରଦେଶର ଗାଜିଆବାଦ (ଲୋନି ଅଞ୍ଚଳ)ରେ ଏକ୍ୟୁଆଇ ସର୍ବାଧିକ ୪୦୫ ରହିଥିଲା। ଏହାପଛକୁ ନୋଇଡା (ସେକ୍ଟର-୧୨୫ରେ ୩୮୫), ଦିଲ୍ଲୀ (ବାୱାନା-୩୭୨), ଉତ୍ତରପ୍ରଦେଶର ହାପୁର(ଆନନ୍ଦବିହାର ୩୬୫), ଗ୍ରେଟର ନୋଇଡା ଏବଂ ଅନୁଗୋଳ ରହିଥିଲା। ସନ୍ଧ୍ୟା ୬ଟା ବେଳକୁ ସ୍ଥିତିରେ ପରିବର୍ତ୍ତନ ଆସି ଗାଜିଆବାଦ (ଲୋନି)ରେ ୪୧୮, ନୋଇଡା (ସେକ୍ଟର ୧୨୫)ରେ ୩୭୬, ଦିଲ୍ଲୀର ବାୱାନାରେ ୩୬୬ (ଆନନ୍ଦବିହାରରେ ୩୫୫), ହାପୁରର ଆନନ୍ଦବିହାରରେ ୩୬୬, ଗ୍ରେଟର ନୋଇଡାରେ ୩୫୩ ଏକ୍ୟୁଆଇ ରହିଥିଲା।

ଓଡ଼ିଶା କଥା ଦେଖିଲେ, ଅପରାହ୍ନ ଗୋଟାଏରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଏକ୍ୟୁଆଇ ୩୨୮, ପଟିଆରେ ୩୧୧ ରହିଥିଲା। କଟକରେ ୩୨୪ ଥିବାବେଳେ ବାଲେଶ୍ୱରରେ ୨୯୪, ବାରିପଦାରେ ୨୧୪, ତାଳଚେରରେ ଏକ୍ୟୁଆଇ ୨୪୭ ରହିଥିଲା। ସନ୍ଧ୍ୟା ୬ ବେଳକୁ ଭୁବନେଶ୍ୱର ପଟିଆରେ ୨୯୭, କଟକରେ ୨୯୮, ବାଲେଶ୍ୱରରେ ୨୬୦, ବାରିପଦାରେ ୧୮୯, ତାଳଚେରରେ ଏକ୍ୟୁଆଇ ୨୨୨ ରହିଥିଲା।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନମୋହନ ପ୍ରଧାନ କହିଛନ୍ତି, ଶୀତଦିନେ ପ୍ରଦୂଷଣ ମାତ୍ରା ବୃଦ୍ଧି ଘଟୁଛି। ଦିଲ୍ଲୀ ଭଳି ଅନୁଗୋଳରେ ବାୟୁମଣ୍ଡଳର ସ୍ଥିତି ଭଲନାହିଁ। ଶ୍ୱାସ ଜନିତ ରୋଗ ବୃଦ୍ଧି ପାଉଛି। ଏନେଇ ଲୋକେ ଆମକୁ ଯୋଗାଯୋଗ ମଧ୍ୟ କରୁଛନ୍ତି। ମୁଖ୍ୟତଃ ସନ୍ଧ୍ୟା ସମୟରୁ ଶ୍ୱାସଜନିତ ରୋଗ ଅଧିକ ମାତ୍ରାରେ ପ୍ରଭାବ ଦେଖାଉଥିବା ବେଳେ ସକାଳକୁ ଏହା ସାମାନ୍ୟ ଉପଶମ ହେଉଛି। ଲୋକଙ୍କୁ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଶ୍ୱାସ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ଲୋକେ ସନ୍ଧ୍ୟା ସମୟରେ ସତର୍କ ରୁହନ୍ତୁ। ଗାଁ ଗଣ୍ଡାରୁ ସହର ଯାଏ ଏବେ ଛିଙ୍କ, ଜ୍ୱର, ଥଣ୍ଡା ମଧ୍ୟ ଲାଗି ରହିଥିବା ଡାକ୍ତର ପ୍ରଧାନ କହିଛନ୍ତି।

## ସୁପ୍ରିମକୋର୍ଟରେ ...

ରାକେଶ ଦ୍ୱିବେଦୀ ବ୍ୟକ୍ତିଗତ ହାଜିରାରୁ ମୁକ୍ତିଦେବା ପାଇଁ ନିବେଦନ କରିବାରୁ ସିଜେଆଇ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ପରବର୍ତ୍ତୀ ତାରିଖରୁ ସେ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହେବାକୁ ଚାହାନ୍ତି ବୋଲି ଦ୍ୱିବେଦୀ କହିବା ସହ ଏଥିପାଇଁ ଅନୁମତି ଦେବାକୁ ଅଦାଲତଙ୍କୁ ନିବେଦନ କରିଥିଲେ। ଦିଲ୍ଲୀରେ ବାୟୁଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ରୁ ୫୦୦ ମଧ୍ୟରେ ରହୁଥିବାବେଳେ ଆମ ବୟସର ଓକିଲମାନଙ୍କୁ ଏଭଳି ନିକୃଷ୍ଟ ବାୟୁରେ ଶ୍ୱାସ ନେବାକୁ ପଡୁଛି ବୋଲି ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ।

## ଦୀଘାରୁ ଓଡ଼ିଶା ...

ଅଧିକାଂଶ ବ୍ୟବସାୟୀ ଭୋଗରାଇ ଅଞ୍ଚଳର। ତେବେ ବାଲିଆପାଳ, ଜଳେଶ୍ୱର, ବସ୍ତା ଅଞ୍ଚଳର ବ୍ୟବସାୟୀମାନେ ଦୋକାନ ବନ୍ଦକରି କର୍ମସଂସ୍ଥାନ ହରାଇ ଭୋଗରାଇ ବିଧାୟକ, ବାଲେଶ୍ୱର ଏମ୍‌ପି, ଜିଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ପଶ୍ଚିମବଙ୍ଗର ଓଲ୍ଡ ଏବଂ ନିଉ ଦୀଘାରେ ୩ ହଜାରରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକ ବିଭିନ୍ନ ସଂସ୍ଥା, ହୋଟେଲ, ମୁହାଣ ମାଛ ମାର୍କେଟରେ କର୍ମସଂସ୍ଥାନରେ ନିଯୁକ୍ତ ଅଛନ୍ତି। ପଶ୍ଚିମବଙ୍ଗ ଦୀଘା ଅଞ୍ଚଳର ଟିଏମ୍‌ସି ନେତା, ବ୍ୟବସାୟୀ ଓ ପ୍ରଶାସନ ମିଳିତ ଭାବେ ଓଡ଼ିଆ ବ୍ୟବସାୟୀଙ୍କୁ ସେଠାରୁ ହଟାଇବାକୁ ନେଇ ଉଭୟ ରାଜ୍ୟ ସୀମାରେ ଉତ୍ତେଜନା ସୃଷ୍ଟି ହୋଇଛି। ଚନ୍ଦନେଶ୍ୱର ଅଞ୍ଚଳର ବ୍ୟବସାୟୀ, ରାଜନୈତିକ ଦଳର ନେତୃବୃନ୍ଦ ଓ ସୀମାନ୍ତବାସୀ ପଶ୍ଚିମବଙ୍ଗର ଦାଦାଗିରିକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଚନ୍ଦନେଶ୍ୱର ବଜାର, ଉଦୟପୁର ଓ ତାଳସାରୀରେ ଥିବା ବଙ୍ଗୀୟ ବ୍ୟବସାୟୀଙ୍କୁ ଓଡ଼ିଶାରୁ ହଟିଯିବାକୁ ପାଲଟା ଜବାବ ଦେଇଛନ୍ତି। ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଉଥିବା ସମସ୍ତ ଗାଡ଼ିକୁ ସାହାବାଜିପୁର ସୀମାନ୍ତରେ ଅଟକ ରଖିବାକୁ ସ୍ଥାନୀୟ ଲୋକେ ଧମକ ଦେଇଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି କହିଛନ୍ତି। ପଶ୍ଚିମବଙ୍ଗ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଅତି ନିବିଡ଼ ଓ ଭାଗୀଦାରି ରହିଥିବାରୁ ଉଭୟ ରାଜ୍ୟର ନେତା, ପ୍ରଶାସନ, ବ୍ୟବସାୟୀ ଓ ସୀମାନ୍ତବାସୀଙ୍କୁ ସଂଯମତା ଅବଲମ୍ବନ କରିବାକୁ ସେ ନିବେଦନ କରିଛନ୍ତି। ଉଭୟ ରାଜ୍ୟର ଭାଇଚାରା ସମ୍ପର୍କ ଅତୁଟ ରଖିବାକୁ ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ସମିତି ସଦସ୍ୟ ତରଣୀକାନ୍ତ ସେନାପତି ଓ ହୁଗୁଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା କହିଛନ୍ତି। ଟିଏମ୍‌ସି ନେତା ଓ ପ୍ରଶାସନ ଦବଙ୍ଗଗିରି ବନ୍ଦ ନ କଲେ ସୀମାନ୍ତବାସୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଭାଜପା ନେତା ଦିଲୀପ କାମିଲା ଚେତାବନୀ ଦେଇଛନ୍ତି।


# କୋଲନ କ୍ୟାନ୍ସରକୁ ପ୍ରତିହତ କରିବ ପିପ୍ପଳି

## ରାଉରକେଲା ଏନ୍ଆଇଟିର ନୂଆ ଗବେଷଣା

ରାଉରକେଲା,୨୬।୧୧
(ସଙ୍ଗୀତା ଜେନା)

ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା କୋଲନ କର୍କଟ (କ୍ୟାନ୍ସର) ବିରୋଧରେ ଯୌଗିକ ଲଙ୍ଗ୍‌ପିପର (ପିପ୍ପଳି)ରୁ ଏକ ପ୍ରଭାବଶାଳୀ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଉପଶମ ବିକଶିତ କରିଛି ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ର ଜୀବ ବିଜ୍ଞାନ ବିଭାଗ। ଏହି ଗବେଷଣା ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା ବାୟୋଫ୍ୟାକ୍ଟର୍ସରେ ପ୍ରକାଶିତ ହୋଇଛି। ଏନ୍ଆଇଟି ଜୀବ ବିଜ୍ଞାନର ସହକାରୀ ପ୍ରାଧ୍ୟାପକ ପ୍ରଫେସର ବିଜେଶ ବିଶ୍ୱାଳ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର ରାଜୀବ ସାହୁ, ସ୍ମୃତି ବିଶ୍ୱାଳ, ସମ୍ମିତ ପାତ୍ର, ଶିକ୍ଷାସ୍ୱରୂପା ପଣ୍ଡାଙ୍କ ସମେତ ଆମେରିକାର ୟୁନିଭର୍ସିଟି ଅଫ୍ ନର୍ଥ କରୋଲାଇନାର ଡ. ସୂର୍ଯ୍ୟକାନ୍ତ ତ୍ରିପାଠୀ, ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ସାଉଥ୍ ବିହାରର କୃଷ୍ଣେନ୍ଦୁ ବାରିକ ଓ ଡ. ଅନିଲ କୁମାରଙ୍କ ସହଯୋଗରେ ଏହା ଲେଖାଯାଇଛି। ମଣିଷ ଶରୀରରେ ଥିବା ବଡ଼ ଅନ୍ତଃନଳୀରେ ଅନିୟନ୍ତ୍ରିତ ଭାବେ କୋଷବୃଦ୍ଧି ପାଇ ସେଥିରେ ଟ୍ୟୁମର ଗଠନ କରେ। ପରବର୍ତ୍ତୀ ପର୍ଯ୍ୟାୟରେ ତାହା କ୍ୟାନ୍ସରରେ ପରିଣତ ହୋଇଥାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ଅନୁଯାୟୀ, ୨୦୨୨ରେ ପ୍ରାୟ ୧.୯ ନିୟୁତ ନୂତନ ମାମଲା ଏବଂ କୋଲନ କର୍କଟରେ ପ୍ରାୟ ୯ ଲକ୍ଷ ମୃତ୍ୟୁ ରିପୋର୍ଟ ହୋଇଥିଲା। କର୍କଟ ପାଇଁ କେମୋଥେରାପି ଭଳି ପାରମ୍ପରିକ ଚିକିତ୍ସା ଯନ୍ତ୍ରଣାଦାୟକ। ଏହାର ଦୀର୍ଘସ୍ଥାୟୀ ପାର୍ଶ୍ୱ ପ୍ରତିକ୍ରିୟା ଯଥା କେଶ ଝଡ଼ିବା, ଥକ୍କାପଣ, ସ୍ନାୟୁରେ କ୍ଷତି, ଦୁର୍ବଳ ରୋଗ ପ୍ରତିଷେଧକ ଶକ୍ତି ଆଦି ରହିଛି। କେମୋଥେରାପି ଦ୍ୱାରା କର୍କଟ ଆକ୍ରାନ୍ତ କୋଷ ଗୁଡ଼ିକର ପ୍ରତିରୋଧର ବିକାଶ ବାଧିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ରାଉରକେଲା ଏନ୍ଆଇଟି ନେତୃତ୍ୱରେ ବହୁ ସଂସ୍ଥାଗତ ଗବେଷକ ଦଳ କେମୋଥେରାପିର ବିକଳ୍ପ ଭାବେ ଏକ ଯୌଗିକ ପାଇପରଲଙ୍ଗୁମିନ୍ ବା ଲଙ୍ଗ୍‌ପିପରର କାର୍ଯ୍ୟକଳାପ ଦେଖାଇବା ପାଇଁ ପରୀକ୍ଷଣ କରିଥିଲେ। ଗବେଷଣାରେ ଦେଖାଯାଇଥିଲା ଏହାର ଯୌଗିକ ସୁସ୍ଥ କୋଷଗୁଡ଼ିକୁ ଅକ୍ଷତ ରଖି କର୍କଟ ଆକ୍ରାନ୍ତ କୋଷଗୁଡ଼ିକୁ ବାଛି ବାଛି ନଷ୍ଟ କରୁଛି। ପରେ ଏହି ଗବେଷକ ଦଳ ଏମ୍‌ଟିଟି ପରୀକ୍ଷା ମାଧ୍ୟମରେ ଲଙ୍ଗ୍‌ପିପର ସହିତ ଚିକିତ୍ସା ପରେ କୋଲନ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର କାର୍ଯ୍ୟକ୍ଷମତା ଯାଞ୍ଚ କରିଥିଲା। ଆପୋପୋଟିକ୍ ଇଣ୍ଡକ୍ସନ୍, ନ୍ୟୁକ୍ଲିୟର କ୍ଷତି ଓ ମାଇଟ୍ରୋକଣ୍ଡ୍ରିଆଲ୍ ଡିସଫଙ୍କଶନ ସମେତ ଅନ୍ୟ ପରୀକ୍ଷା ଦ୍ୱାରା କୋଷ ନଷ୍ଟ ହୋଇଥିବା ଦେଖାଯାଇଥିଲା। ଲଙ୍ଗ୍‌ପିପର କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ଭିତରେ ଅକ୍ସିଡେଟିଭ୍ ଚାପ ବୃଦ୍ଧି କରେ। ଯାହାଦ୍ୱାରା କର୍କଟ ରୋଗ ପ୍ରଭାବିତ କୋଷଗୁଡ଼ିକ ସ୍ୱୟଂ ଧ୍ୱଂସ ହୋଇଥାଏ। ଏହି ଲଙ୍ଗ୍‌ପିପର ଏକ ଶସ୍ତା, ସହଜ ଚାଷ କରାଯାଉଥିବା ଉଦ୍ଭିଦ, ଯାହା ଭାରତୀୟ ଜନସଂଖ୍ୟାର ଏକ ବଡ଼ ଖାଦ୍ୟ ଅଂଶ ରହିଆସିଛି। ତେଣୁ ଲଙ୍ଗ୍‌ପିପର ଫର୍ମୁଲେଶନ ଏକ ସ୍ୱଳ୍ପ ମୂଲ୍ୟଯୁକ୍ତ, ସବୁଜ ଚିକିତ୍ସା ବିକଳ୍ପ ଭାବେ ଉଭା ହୋଇଛି। ବିଶେଷକରି କର୍କଟ ଚିକିତ୍ସା ଖର୍ଚ୍ଚବହୁଳ ଯୋଗୁ ନିମ୍ନ ତଥା ମଧ୍ୟମ ଆୟକାରୀ ଦେଶମାନଙ୍କ ପାଇଁ ଏହା ଲାଭଦାୟକ ଅଟେ। ଗବେଷଣାର ନିଷ୍କର୍ଷ ବିଷୟରେ ପ୍ରଫେସର ବିଶ୍ୱାଳ କୁହନ୍ତି, ଲଙ୍ଗ୍‌ପିପରର ଏହି ପ୍ରାକୃତିକ ଯୌଗିକ ସର୍ବନିମ୍ନ ପାର୍ଶ୍ୱ ପ୍ରତିକ୍ରିୟା ସହିତ ଦୃଢ଼ କର୍କଟ ପ୍ରତିରୋଧୀ ପ୍ରଭାବ ଦେଖାଇଛି। ଯାହାକୁ ଏକ ପ୍ରତିଶ୍ରୁତିପୂର୍ଣ୍ଣ ଓ ସୁରକ୍ଷିତ ବିକଳ୍ପ ଭାବେ ଗ୍ରହଣ କରାଯାଇପାରେ। ଅନେକ ସମୟରେ କେମୋଥେରାପି ରୋଗୀଙ୍କ ଉପରେ କାମ କରିବା ବନ୍ଦ କରିଦେଇଥାଏ। ଏଥିଯୋଗୁ ମୃତ୍ୟୁ ହାର ବୃଦ୍ଧି ହୋଇଥାଏ। ଆମ ଗବେଷକ ଦଳ ରୋଗୀଙ୍କ ପ୍ରତିକ୍ରିୟାକୁ ପୁନଃସ୍ଥାପିତ କରିବାରେ ସାହାଯ୍ୟ କରିବା ପାଇଁ ଅକ୍ସାଲିପ୍ଲାଟିନ୍ ଭଳି କେମୋଥେରାପ୍ୟୁଟିକ୍ ଔଷଧ ସହିତ ଲଙ୍ଗ୍‌ପିପର ବ୍ୟବହାର କରି ପରୀକ୍ଷଣ କରିଛନ୍ତି। ଏହି ଆବିଷ୍କାର ଉନ୍ନତ ତଥ୍ୟର କେମୋ ପ୍ରତିରୋଧୀ କୋଲେରେକଟଲ୍ କର୍କଟ ଚିକିତ୍ସା ପାଇଁ ନୂତନ ସମ୍ଭାବନା ବୋଲି ପ୍ରଫେସର ବିଶ୍ୱାଳ କହିଛନ୍ତି।



ରାଉରକେଲା ଏନ୍ଆଇଟିର ଗବେଷକ ଦଳ।

# ମାଡ଼ିଗଲା ବରଗାଡ଼ି, ବରପିତାଙ୍କ ମୃତ୍ୟୁ

ବେଲପଡ଼ା/ଲୋଇସିଂହା, ୨୬।୧୧(ମନୋଜ କୁମାର ମିଶ୍ର/ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମଣ୍ଡଳ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ପୁଅର ବାହାଘର ପାଇଁ ବରଯାତ୍ରୀଙ୍କୁ ସାଙ୍ଗରେ ନେଇ ଶୋଭାଯାତ୍ରାରେ ବାପା ଯାଉଥିଲେ। ହେଲେ ବରବେଶରେ ପୁଅ ବସିଥିବା କାର୍ ଆଗରେ ବାପା ଚାଲି ଚାଲି ଯାଉଥିବାବେଳେ ଉକ୍ତ କାର୍ ଧକ୍କାରେ ବରପିତା ଚୈତନ୍ୟ ବାଗ(୬୦)ଙ୍କ ମୃତ୍ୟୁ ଘଟିଛି। ଏପରି କି ଏହି ଘଟଣାରେ ବର ଶୋଭାଯାତ୍ରାକୁ ବାଟେଇ ନେଉଥିବା କନ୍ୟାଙ୍କ ମାଉସୀ ପୁଅ ଭାଇ ପପୁ ଥପା(୩୦) ଗୁରୁତର ଆହତ ହୋଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ବାହାଘରର ସବୁ ଖୁସି ଓ ଆନନ୍ଦ ଆଖି ପିଛୁଳାକେ ମିଳାଇ ଯାଇଛି।


ପ୍ରକାଶ ଯେ, ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଥା ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଆମ୍ବପାଲି ଗାଁର ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମ ବାଗଙ୍କ ବାହାଘର ବେଲପଡ଼ା ବ୍ଲକ ମଣ୍ଡଳ ଗ୍ରାମର ପୂର୍ଣ୍ଣିମା ଖର୍ସେଲଙ୍କ ସହ ମଙ୍ଗଳବାର ହେବାର ଥିଲା। ଉକ୍ତ ଗାଁକୁ ଲୋଇସିଂହା ଥାନା ଅନ୍ତର୍ଗତ ଆମ୍ବପାଲି ଗ୍ରାମରୁ ବରଯାତ୍ରୀ ଦଳ ଆସିଥିଲେ। ବରପକ୍ଷ ମଣ୍ଡଳ ଗ୍ରାମରେ ପହଞ୍ଚିବା ପରେ କନ୍ୟାଘର ଲୋକେ ଜଳଖିଆ ଖାଇବାକୁ ଦେଇଥିଲେ। ପରେ ବରଯାତ୍ରୀ କନ୍ୟା ଘରକୁ ଯିବା ପାଇଁ ଡିଜେ ବଜାଇ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ବି ଧୁମ୍‌ଧାମ୍‌ରେ ଚାଲିଥିଲା। ସମସ୍ତେ ନାଚଗୀତରେ ମସ୍‌ଗୁଲ ରହିଥିଲେ। ବର ବସିଥିବା କାର୍ ସାମ୍ନାରେ ବରଙ୍କ ବାପା ବରଯାତ୍ରୀଙ୍କ ସହ ଚାଲି ଚାଲି ଯାଉଥିଲେ। ଏହି ସମୟରେ ହଠାତ୍ ବର ବସିଥିବା କାର୍ (ନଂ. ଓଡି୧୪-ଏନ୍-୮୦୨୧) ମାଡ଼ି ଆସି ବରଙ୍କ ବାପା ଓ କନ୍ୟାଙ୍କ ସମ୍ପର୍କୀୟ ଭାଇଙ୍କୁ ଜୋର୍‌ରେ ଧକ୍କାଦେଇଥିଲା। ଉକ୍ତ କାର୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ବରପିତା ଚୈତନ୍ୟ ୨୦୦ ମିଟର ଦୂରକୁ ଘୋଷାରି ହୋଇଯାଇଥିଲେ। ସମ୍ପର୍କୀୟ ଭାଇ ମଧ୍ୟ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବେଲପଡ଼ା ଡାକ୍ତରଖାନା ନିଆଯାଇଥିଲା। ପରେ ସେମାନଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଚୈତନ୍ୟଙ୍କୁ ସେଠାରେ ମୃତ ଘୋଷଣା କରାଯାଇଥିଲା। କନ୍ୟାଙ୍କ ଭାଇ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ଭୋଜିଭାତ ଓ ନାଚଗୀତ ବନ୍ଦ ହୋଇଯାଇଥିଲା। ଶେଷରେ ବିଳମ୍ବିତ ରାତିରେ ଶୋକାକୁଳ ପରିବେଶରେ ବର ଓ କନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଥିବା ଜଣାଯାଇଛି। ଖବରପାଇ ବେଲପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ଥାନାକୁ ଆଣି ତଦନ୍ତ ଚଳାଇଛି। ତେବେ କାର୍ ଚାଳକ ଫେରାର ମାରିଥିବା ସୂଚନା ମିଳିଛି। ଅପରପକ୍ଷେ ବୁଧବାର ଚୈତନ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନର କରାଯାଇଥିଲା। ଅପରାହ୍ଣରେ ଆମ୍ବପାଲି ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବା ଜଣାପଡିଛି। ଏହି ହୃଦୟବିଦାରକ ଘଟଣା ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।













“ପ୍ରକୃତ ଗୁଣବାନ୍ ଓ ବୁଦ୍ଧିମାନ୍ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା’ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ । –ଶ୍ରୀମା

-ମାଣବସା ଗୁରୁବାର



# ଧର୍ମୀୟ ନେତା



ଦେବଦତ୍ତ ପଟ୍ଟନାୟକ

ପାଶ୍ଚାତ୍ୟର ନେତୃତ୍ୱ ନିଜକୁ ମୁଖ୍ୟ ଭାବେ ପ୍ରଦର୍ଶିତ କରିବା ସହ ଅନ୍ୟକୁ ନିୟନ୍ତ୍ରଣ କରେ, ଯାହାର ମଡେଲ୍‌ଗୁଡ଼ିକ ହେଉଛି ସାମରିକ ଶକ୍ତିଭିତ୍ତିକ। ଏହା କାର୍ଯ୍ୟ ପନ୍ଥା ଚିହ୍ନଟ କରି ଲକ୍ଷ୍ୟ ହାସଲ କରିବା ଉପରେ ଗୁରୁତ୍ୱ ଦେଇଥାଏ। କିନ୍ତୁ ଭାରତର ନେତୃତ୍ୱ ମଡେଲ୍‌ଗୁଡ଼ିକ ଲୋକକୈନ୍ଦ୍ରିକ ଏବଂ ଏହି ନେତୃତ୍ୱ ପାଶ୍ଚାତ୍ୟର ନେତୃତ୍ୱ ମଡେଲ୍‌କୁ ସୂଚେଇ ଦିଏ ଯେ, ଜୀବନର ଉଦ୍ଦେଶ୍ୟ କେବଳ ନିଜେ ଖାଇବା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଅନ୍ୟମାନଙ୍କୁ ଖୁଆଇବା। ଅନ୍ୟମାନଙ୍କୁ ଖାଇବାକୁ ଦେବା ହିଁ ବାସ୍ତବରେ ଧର୍ମ। ଯିଏ ନିଜ ଖାଇବା କଥା କମ୍ ଚିନ୍ତା କରି ଅନ୍ୟମାନଙ୍କୁ ଖୁଆଇ ଥାଆନ୍ତି ସେ ପ୍ରକୃତରେ ଜଣେ ଧର୍ମୀୟ ନେତା।

ନିଜେ ଖାଇ ଅନ୍ୟଙ୍କୁ ଖୁଆଇବା କ୍ଷମତା ସମସ୍ତଙ୍କର ଅଛି। ପ୍ରଥମେ ଯେଉଁମାନେ ଖାଇବାକୁ ଦିଅନ୍ତି ସେମାନେ ‘ଯଜମାନ’ ପଦବାଚ୍ୟ। ଯେଉଁମାନେ ଅନ୍ୟକୁ ଖାଇବାକୁ ଦେବାସହ ତା’ବଦଳରେ କିଛି ଦିଅନ୍ତି ସେମାନେ‘ଦେବତା’ଭାବେ ଗଣାଯାଆନ୍ତି। କ୍ଷୁଧା, ଭୟ, ସଙ୍କୁଚିତ ତଥା ଅସ୍ୱଚ୍ଛ ମନ ଶ୍ରେଷ୍ଠତା ଏବଂ ତୁଚ୍ଛତା ବିଷୟରେ ଧାରଣା ଜନ୍ମାଏ। ଅସ୍ୱଚ୍ଛ ବା ଅସ୍ଥିର ମନ ହେଉଛି ଅହଂକାର (ଅହମ୍)। ଯୋଗ ଏଭଳି ମନର ଅସ୍ଥିରତାକୁ ଦୂର କରିବାରେ ସାହାଯ୍ୟ କରିଥାଏ, ଦେବତ୍ୱ ସହ ଯୋଡ଼ିବାରେ ସହାୟକ ହୁଏ। ସ୍ୱଚ୍ଛ ତଥା ଅବିଚଳିତ ମନ ହେଉଛି ଆତ୍ମା। ତେଣୁ ସେଭଳି ମନ ଯାହାର ରହିଥାଏ ସେ ତା’ ଆଖପାଖର ଲୋକଙ୍କ ଭୋକ କଥା ବୁଝେ, ଅସୁରକ୍ଷିତ ପରିବେଶକୁ ସୁଧାରିବା ଲାଗି ଗୁରୁତ୍ୱ ମଧ୍ୟ ଦେଇଥାଏ। ଏଣୁ ଧର୍ମୀୟ ନେତାମାନେ ଯୋଗର ପଥକୁ ଆପଣାଇଥାନ୍ତି ଏବଂ ଏହାକୁ ଜୀବନରେ ଗୁରୁତ୍ୱ ଦିଅନ୍ତି । ଅନ୍ୟଙ୍କୁ କିଛି ଦେବା କିମ୍ବା ବିନିମୟ ଭାବନା ଆଣିବାରେ ଯୋଗ ଆମକୁ ସକ୍ଷମ କରାଏ। ଏହା କ୍ଷୁଧା ଉପରେ ଅଙ୍କୁଶ ଲଗାଇବା ସହ ଅନ୍ୟ ଲୋକଙ୍କ କ୍ଷୁଧା ଉପରେ ଧ୍ୟାନ ଦେବାକୁ ବ୍ୟକ୍ତିଙ୍କୁ ପ୍ରେରିତ କରେ। ଆମେ ଯୋଗ ବିନା ଯଜ୍ଞ କଲେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିପାରିବା ନାହିଁ। ଜଣେ ଯଜମାନ ହେବା ପାଇଁ ସହାନୁଭୂତି ଜରୁରୀ, ଯାହା ଅନ୍ୟମାନଙ୍କୁ ଖାଇବାକୁ ଦେବା ଲାଗି ତାଙ୍କୁ ସକ୍ଷମ କରିବ। ଯଜମାନମାନେ ରାବଣଙ୍କୁ ଖଳନାୟକ ଭାବେ ଦେଖନ୍ତି ନାହିଁ, ବରଂ ସେ ଭୟ, ଅନିଶ୍ଚିତ ଭାବନା ଓ ଅହଂକାର ଦ୍ୱାରା ନିୟନ୍ତ୍ରିତ ବୋଲି ବିଚାର କରନ୍ତି। ଅନ୍ୟପଟେ ରାମଙ୍କର ଏପରି ଭୟ ନାହିଁ । ତାଙ୍କ ବିଚାର ସନ୍ତୁଳିତ ଏବଂ ସେ ଚିନ୍ତା ମୁକ୍ତ। ସେ ଭୟ ପୀଡ଼ିତ ନୁହନ୍ତି କିମ୍ବା ହିରୋ ବୋଲି ନିଜକୁ ମନେକରନ୍ତି ନାହିଁ। ସେ ସବୁବେଳେ ଆତ୍ମାନୁଭବରେ ବୁଡ଼ି ରହିଥାନ୍ତି।

ସୁଖ ଓ ଶାନ୍ତି ସବୁବେଳେ ସ୍ଥାୟୀ ନୁହେଁ ଏବଂ ସବୁକିଛି ବଦଳିଯାଏ ଓ ସମୟକ୍ରମେ ଶେଷ ହୋଇଯାଏ ବୋଲି ଜଣେ ଯଜମାନ ଭଲ ଭାବେ ଜାଣନ୍ତି। ଏଭଳି ବିଚାର ରଖିଲେ



ଅନେକ ବିଷୟକୁ କିଞ୍ଚିତ୍ ସୁଖଦ କରିପାରିବା। ଉଗ୍ର ଆଚରଣ କମ୍ କଲେ ଅଧିକ ଆନନ୍ଦ ପାଇପାରିବା। ମଣିଷ ମରଣଶୀଳ, ଏହା ଜାଣିବା ହେଉଛି ଜୀବନର ମୂଳ କଥା ଏବଂ ‘ମଖାଦେବ ଜାତକ’ରେ ରାଜା ଏହାକୁ ଭଲ ଭାବେ ହୃଦୟଙ୍ଗମ କରିଥିଲେ। ରାଜାଙ୍କ ନାପିତ ରାଜାଙ୍କୁ କହିଥିଲେ ଯେ ସେ ତାଙ୍କ ମୁଣ୍ଡରେ ଏକ ପାଚିଲା କେଶ ଦେଖିଛନ୍ତି। ଏହା ଶୁଣି ରାଜା ସେହିଦିନ ସ୍ଥିର କଲେ ଯେ ତାଙ୍କର ଅବସର ନେବାର ସମୟ ଉପନୀତ ଏବଂ ଦାୟିତ୍ୱ ଶେଷ ହୋଇଗଲା। ଫଳରେ ସେ ସିଂହାସନ ମୋହ ଏଡ଼ାଇ ରାଜ୍ୟ ଛାଡ଼ି ଚାଲିଯାଇଥିଲେ। ରାମାୟଣରେ ରାବଣର ମୃତ୍ୟୁ ସମୟରେ ରାମ ତାଙ୍କୁ ଲଙ୍କାର ଆଗାମୀ ପିଢ଼ି ରାଜାଙ୍କ ସହିତ ତାଙ୍କ ଜ୍ଞାନ ବାଣ୍ଟିବାକୁ କହିଥିଲେ। ତାହା ଶୁଣି ପ୍ରଥମେ ରାବଣ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି କିନ୍ତୁ ପରେ ଶାନ୍ତ ହୋଇଯାଇଛନ୍ତି। ସେହିଭଳି କାହାଣୀ ମଧ୍ୟ ମହାଭାରତରେ ରହିଛି। ଭୀଷ୍ମଙ୍କର ମୃତ୍ୟୁ ସମୟରେ କୃଷ୍ଣ ତାଙ୍କୁ ପାଣ୍ଡବଙ୍କ ସହ ଜ୍ଞାନ ବାଣ୍ଟିବାକୁ କହୁଛନ୍ତି। କହିବାକୁ ଗଲେ ଜଣକ ପାଖରୁ ଅନ୍ୟଜଣଙ୍କ ପାଖକୁ ଯାଉଥିବା ଜ୍ଞାନ ଧନ ଓ କ୍ଷମତା ସଞ୍ଚାଳନ କରୁଥିବା ଟେକ୍‌ନିକାଲ ଜ୍ଞାନ ଭଳି ହେବା ଦରକାର ନାହିଁ; ବରଂ ତାହା ଜଣଙ୍କର ଆକାଂକ୍ଷା ଓ ଅସୁରକ୍ଷିତ ଭାବନାକୁ ନିୟନ୍ତ୍ରଣରେ ରଖିବାର ଜ୍ଞାନ ହେବା ଜରୁରୀ। ଏଭଳି ଜ୍ଞାନ ଶାନ୍ତ ଏବଂ ଉଦାରମନା ହେବା ଲାଗି ଶିକ୍ଷା ଦେଇଥାଏ। ବଡ଼ କଥା ହେଉଛି ଏହି ଜ୍ଞାନ ସମ୍ପର୍କରେ କହିବା ସହଜ କିନ୍ତୁ ତାହା ହାସଲ କରିବା କଷ୍ଟକର।

ନୂତନ ଭାବେ ଲେଖାଯାଇଥିବା ମହାଭାରତ ଦର୍ଶାଏ ଯେ, ପାଣ୍ଡବ ଭଲ ଓ କୌରବ ଖରାପ। ତେବେ କେଉଁ ସକାରାତ୍ମକ କାର୍ଯ୍ୟ ସଫଳତା ଆଣେ, କେଉଁ ଧନ ଜଣକୁ ଧନୀ କରେ ଏବଂ କେଉଁ ଶକ୍ତି ଜଣକୁ ଶକ୍ତିଶାଳୀ କରେ ତାହା ଧର୍ମୀୟ ନେତାମାନେ ନିରୀକ୍ଷଣ କରନ୍ତି । ପାଣ୍ଡବମାନେ ଶାସନ କରିବାକୁ ଏକ ରାଜ୍ୟ ପାଇଲା ବେଳେ ସେମାନେ କିପରି ଅସନ୍ତୁଷ୍ଟ ହେଲେ ତାହା ମହାଭାରତ ଦର୍ଶାଇଛି। ପଞ୍ଚପାଣ୍ଡବ ପ୍ରତିଭାସମ୍ପନ୍ନ ଥିବାରୁ ସେମାନଙ୍କ ସମ୍ପର୍କୀୟ ଭାଇ ଶହେ (କୌରବ) ନିଜକୁ ଅସୁରକ୍ଷିତ ମଣୁଥିଲେ। ପାଣ୍ଡବଙ୍କ ଜୀବନ ଥିଲା ଏକ ଲମ୍ବା ସଂଗ୍ରାମର ପଥ। କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ସେମାନଙ୍କ ମଧ୍ୟରେ ପୈତୃକ ଜମି ବଣ୍ଟାଯାଇ ପାଣ୍ଡବଙ୍କୁ ଏକ ଜଙ୍ଗଲ ଦିଆଗଲା ଏବଂ ସେଠାରେ ସେମାନେ ଏକ ଆକର୍ଷଣୀୟ ସହର ନିର୍ମାଣ କରିଥିଲେ। ନୂତନ ରାଜ୍ୟକୁ ସୁରକ୍ଷିତ ରଖିବା ବଦଳରେ ପାଣ୍ଡବମାନେ ଅହଂକାରୀ କୌରବଙ୍କ ସହ ଜୁଆଖେଳରେ ମାତିଲେ ଏବଂ ପ୍ରତାରିତ ହୋଇ ସେହି ରାଜ୍ୟ ହରାଇଲେ। ଫଳରେ ପାଣ୍ଡବଙ୍କୁ ୧୩ ବର୍ଷ ଧରି ଜଙ୍ଗଲରେ ରହିବାକୁ ପଡ଼ିଲା। ସେମାନଙ୍କ ପ୍ରତି ଘଟିଥିବା ଅନ୍ୟାୟ କଥା ଚିନ୍ତା କରି ସେଠାରେ କ୍ରୋଧିତ ହୋଇପଡ଼ିଥିଲେ। ହେଲେ ଜଙ୍ଗଲରେ ରହି ସେଠାକାର ପରିବେଶରୁ ଶିକ୍ଷା କରିବା ଲାଗି କୃଷ୍ଣ ସେମାନଙ୍କୁ କହିଥିଲେ। ଜଙ୍ଗଲ ଜୀବମାନେ ପାଣ୍ଡବଙ୍କୁ ନିଜର କରିନେଇଥିଲେ ଏବଂ ମନେପକାଇ ଦେଇଥିଲେ ଯେ ପ୍ରକୃତି ଓ ରାଜ୍ୟ ବଞ୍ଚିବା ପାଇଁ ସୃଷ୍ଟି ହୋଇଥିବାବେଳେ ଅପରପକ୍ଷେ ସାମାଜିକ ସ୍ତର ଏବଂ ସମ୍ପତ୍ତି ଅହଂକାର ବଢ଼ାଇବା ଲାଗି ପରିକଳ୍ପନା କରାଯାଇଛି। ନିର୍ବାସନର ଶେଷ ବର୍ଷରେ ପାଣ୍ଡବଙ୍କୁ ସେବାକାରୀ ଭାବେ ଲୁଚି ରହିବାକୁ ପଡ଼ିଥିଲା। ରାଜାମାନେ ସେମାନଙ୍କୁ ନିର୍ଯାତନା ଦେଇଥିଲେ। ଧନୀ ଓ ଶକ୍ତିଶାଳୀମାନେ କିପରି ଅଧିକାରର ଅପବ୍ୟବହାର କରନ୍ତି ତାହା ସେମାନେ ଅନୁଭବ କରିବାକୁ ସକ୍ଷମ ହୋଇଥିଲେ। ରାମାୟଣ ଓ ମହାଭାରତରେ ବର୍ଣ୍ଣନା କରାଯାଇଥିବା ଜଙ୍ଗଲରେ ନିର୍ବାସନ ଜୀବନ ଏକ ଦଣ୍ଡ ନୁହେଁ, ବରଂ ରାଜାମାନେ ଶିକ୍ଷା ପାଇ ନିଜକୁ ପରିବର୍ତ୍ତନ କରିବାର ଏହା ଏକ ଉପଯୁକ୍ତ ଅବଧି। ପ୍ରକୃତିରେ କେହି ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ କିମ୍ବା ନିକୃଷ୍ଟ ନୁହନ୍ତ ବୋଲି ଅନୁଭବ କରିବାରେ ଜଙ୍ଗଲ ନିର୍ବାସନ ଏକ ଉପଯୋଗୀ ସମୟ । ରାଜାମାନେ କେବଳ ଜୀବ ଭାବେ କେତେକ ସ୍ଥିତିରେ ଶକ୍ତିଶାଳୀ ଏବଂ ଆଉ କେତେକ କ୍ଷେତ୍ରରେ ଦୁର୍ବଳ ବୋଲି ସେମାନଙ୍କୁ ବୁଝିବାକୁ ପଡ଼ିବ। ପାଣ୍ଡବମାନେ ଅନୁଭବ କରିଥିଲେ ଯେ, ସେମାନଙ୍କ ପାଖରେ ଧନ ଏବଂ ଶକ୍ତି ଥାଇ ସେମାନେ ଅହଂକାରୀ ହୋଇଯାଇଥିଲେ। ରାଜ୍ୟକୁ ନେଇ ସେମାନଙ୍କ ଅସ୍ତିତ୍ୱ ଥିଲା, ସେମାନଙ୍କୁ ନେଇ ରାଜ୍ୟର ଅସ୍ତିତ୍ୱ ନ ଥିଲା ବୋଲି ସେମାନେ ବି ଭୁଲିଗଲେ । ଏହା ମଧ୍ୟ ସେମାନେ ଭୁଲିଯାଇଥିଲେ ଯେ, ଜୁଆ ଖେଳ ବାଜିରେ ରାଜ୍ୟ ଏକ ସମ୍ପତ୍ତି ନୁହେଁ ବୋଲି ସେମାନେ ମଧ୍ୟ ଭୁଲିଯାଇଥିଲେ।

ରାଜା ରାମ ଧର୍ମକୁ ଗୁରୁତ୍ୱ ଦିଅନ୍ତି। ଯିଏ ପୃଥିବୀର ଯତ୍ନ ନେଉଛନ୍ତି ସେମାନଙ୍କ ପାଇଁ ଗୋପାଳକ କୃଷ୍ଣ ହେଉଛନ୍ତି ପ୍ରତୀକ । ଜଣେ କିଭଳି ପ୍ରକୃତି ଓ ସମାଜ ଏବଂ ସଂସ୍କୃତିର ରକ୍ଷାକର୍ତ୍ତା ହୋଇପାରିବ ତାହା ସେ ରାଜାମାନଙ୍କୁ ଶିଖାଉଛନ୍ତି। ରାଜ–ଧର୍ମ କହିଲେ ରାଜ୍ୟ ଦଖଲ, ସାମ୍ରାଜ୍ୟ ବିସ୍ତାର କିମ୍ବା ଜୁଆଖେଳରେ ତାହା ହରାଇବାକୁ ବୁଝାଏ ନାହିଁ, ବରଂ ଲୋକଙ୍କୁ ଦେବତା ଭାବି ବ୍ୟବହାର କରିବା ପାଇଁ ଏହା ଉଦ୍ଦିଷ୍ଟ। ତୁମର ଯାହା ଅଛି କିମ୍ବା ସେମାନେ ଯାହା ଚାହାନ୍ତି ତାହା ସେହି ଲୋକଙ୍କୁ ଦେଇଦିଅ ଏବଂ ସେମାନଙ୍କୁ ମଧ୍ୟ ସେହି ପଥ ଆପଣାଇବା ସକାଶେ ଉତ୍ସାହିତ କର।

–devduttofficial@gmail.com

## ଏଇ ଭାରତରେ

ବରିଷ୍ଠ ନାଗରିକ ବର୍ଗରେ ବର୍ଗୀଭୁକ୍ତ ହେଉଥିବା ବ୍ୟକ୍ତି ଭାବନ୍ତି ଯେ, ସେମାନଙ୍କ ଜୀବନର ଏକ ଇନିଂସ୍ ସରିଗଲା। ସେମାନେ ମନେକରନ୍ତି ଯେ, ଆଉ ପୂର୍ବଭଳି ଉପଭୋଗ କରିବା କିମ୍ବା କାର୍ଯ୍ୟଦକ୍ଷତା ପ୍ରତିପାଦନ କରିବାର କ୍ଷମତା କମିଗଲା। ହେଲେ ସିନିୟର ୱାର୍ଲ୍ଡ ଷ୍ଟାର୍ଟଅପ୍ ଏବେ ଏଭଳି ବରିଷ୍ଠ ନାଗରିକଙ୍କ ପାଇଁ ଏକ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିବାର ସୁଯୋଗ ସୃଷ୍ଟି କରିପାରିଛି। ସେମାନଙ୍କୁ ଭ୍ରମଣ କରାଇବା ସହ ସ୍ୱାଧୀନ ଭାବେ ଜିଇବାର ବି ବାଟ ଦେଖାଉଛି। ଏବେସୁଦ୍ଧା ଏହି ଷ୍ଟାର୍ଟଅପ୍ ୫୦୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଏହା ସହ ସାମିଲ କରିସାରିଲାଣି, ଯାହାଙ୍କ ବୟସ ୫୫ରୁ ୯୫ ବର୍ଷ ମଧ୍ୟରେ ରହିଛି। ଷ୍ଟାର୍ଟଅପ୍‌କୁ ଏମ୍.ପି. ଦିପୁ ଓ ରାହୁଲ ଗୁପ୍ତା ପରିଚାଳନା କରୁଛନ୍ତି। ବରିଷ୍ଠ ନାଗରିକଙ୍କ ବୟସକୁ ଦେଖି ସେମାନଙ୍କ ଲାଗି ସ୍କୁବା ଡାଇଭିଂ, ୱାଟର ସ୍ପୋର୍ଟ୍ସ, ଅନ୍ତର୍ଜାତୀୟ ଭ୍ରମଣର ବ୍ୟବସ୍ଥା କରାଯାଇଛି। ଏହାସହ ମ୍ୟୁଜିକ୍, ଆର୍ଟ, ଡ୍ୟାନ୍ସ ମଧ୍ୟ ଶିଖୁଛନ୍ତି। ଏହି ଟିମ୍ ଅଦ୍ୟାବଧି ୨୦ଟି ଦେଶ ଭ୍ରମଣ କରିସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୭୬

- ଭାରତୀୟ ଭୂତାତ୍ତ୍ୱିକ ସର୍ଭେ ସଂସ୍ଥା ପକ୍ଷରୁ କେନ୍ଦୁଝରର ଯୋଡ଼ା ଅଞ୍ଚଳରୁ ୩୩୦ କୋଟି ବର୍ଷ ତଳର ଦୁର୍ମୂଲ୍ୟ ପିଲୋ ଲାଭା ପଥର ଆବିଷ୍କୃତ।
- କୁମ୍ଭମେଳା ନିମନ୍ତେ ଯମୁନା ନଦୀ ଉପରେ ୨ ହଜାର ୩ ଶହ ଫୁଟ ଲମ୍ବା ବିଶିଷ୍ଟ ଦେଶର ସବୁଠାରୁ ଦୀର୍ଘତମ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 7 | | | |
| | 4 | | | | | | | |
| | | | | 4 | | 6 | 3 | |
| | | 8 | | | | | | |
| | 2 | 6 | 1 | 8 | | | | 9 |
| | 9 | | | | | | 4 | 7 |
| | | | | 6 | 9 | | | |
| | | 7 | | | | | | 3 |
| 9 | | 5 | | | 3 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 5 | 6 | 2 | 3 | 7 | 4 |
| 7 | 5 | 6 | 4 | 1 | 3 | 2 | 9 | 8 |
| 2 | 3 | 4 | 8 | 9 | 7 | 5 | 6 | 1 |
| 6 | 7 | 1 | 9 | 2 | 4 | 8 | 5 | 3 |
| 3 | 8 | 9 | 1 | 7 | 5 | 4 | 2 | 6 |
| 5 | 4 | 2 | 3 | 8 | 6 | 9 | 1 | 7 |
| 8 | 2 | 5 | 6 | 3 | 1 | 7 | 4 | 9 |
| 4 | 6 | 3 | 7 | 5 | 9 | 1 | 8 | 2 |
| 9 | 1 | 7 | 2 | 4 | 8 | 6 | 3 | 5 |

ଗତକାଲିର ଉତ୍ତର

# ମୋ ଦୁଃଖ ଟିକେ ଶୁଣ



ବିଭୂତି ଭୂଷଣ ବେହେରା

ପ୍ରବନ୍ଧର ଶୀର୍ଷକଟି ଆମ ସାହିତ୍ୟ ଶବ୍ଦକୋଷର ପୁରାତନ ଓ ଲୋକପ୍ରିୟ ଭାଷା, ଯାହା ଓଡ଼ିଶାର ପଶ୍ଚିମ ଅଞ୍ଚଳର ଭାଷା ରୂପେ ପରିଚିତ। ସ୍ୱଦେଶୀ ଭାଷାକୁ ଭଲପାଉଥିବା ଏବଂ ଜୀବନର ଅପରାହ୍ନ ବୟସରେ ଉପନୀତ ହୋଇଥିବା ସରଳ ଓ ଶୁଦ୍ଧ ମାଆର ଏ ପଦ। ଦେଶରେ ନିର୍ବାଚନ ଓ ଉପନିର୍ବାଚନ ସରିଛି। ନିର୍ବାଚନଗୁଡ଼ିକ କେବଳ ଜନତା ଓ ଦେଶର ବିକାଶ ପାଇଁ ଅପରିହାର୍ଯ୍ୟ। ଏହି ନିର୍ବାଚନ ବୈତରଣୀର ବିଜୟ ପାଇଁ ସରକାରୀ ଦଳ ହୁଅନ୍ତୁ କି ଅନ୍ୟ ଦଳ ଲୋକଙ୍କ ପାଇଁ ମାଳମାଳ ଯୋଜନାର ସ୍ୱପ୍ନ। ଜନତାଙ୍କ ବିକାଶ ପାଇଁ ପ୍ରତିଶ୍ରୁତିର ଡିଣ୍ଡିମ ପିଟନ୍ତି ଏଠି ନେତା। ଏହି କିଛିଦିନର ଘଟଣାକୁ ନେଇ ମୋ ମନ ଭିତରେ ଅନେକ ପ୍ରଶ୍ନ ଉଙ୍କିମାରିଛୁ। ବରଗଡ଼ ଜିଲାର ପଦ୍ମପୁରଠାରୁ ଝାରବନ୍ଧ ବ୍ଲକ୍ ଯାଉଥିଲି। ଅଚାନକ କଳାବାଦଲ ଭରା ଆକାଶରେ ଘଡ଼ଘଡ଼ି ଶବ୍ଦ ଶୁଣାଗଲା। ତା’ପରେ ଆରମ୍ଭ ହେଲା ଝିପିଝିପି ବର୍ଷା। ବର୍ଷାକୁ ଖାତିର ନ କରି ଜଗଦଳପୁର ଦେଇ ପାହାଡ଼ି ରାସ୍ତା ଅତିକ୍ରମ କରୁଥାଏ। ମାଡ଼ି ଆସିଲା ଦଲକାଏ ବର୍ଷା। ଗାଡ଼ିଟି ରଖିଦେଇ ଏକ ଝୁପୁଡ଼ି କୁଡ଼ିଆକୁ ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ଉଠିଗଲି। ଆଖି ବୁଲାଇ ଦେଖେ ତ ଆଖପାଖରେ କୌଣସି ବସତି ନ ଥାଏ। ବିଜୁଳିର ଆଲୋକରେ ଦୂରକୁ କିଛି ଘର ଝାପ୍ସା ଦେଖାଯାଉଥାଏ। ତଥାପି ଧୈର୍ଯ୍ୟର ସହ କିଛି ସମୟ ଅତିବାହିତ କଲି। ଏହି ସମୟରେ କୁଡ଼ିଆରୁ ଜଣେ ବୟସ୍କ ମାଆ ବାହାରିଆସି ମୋତେ କହିଲେ, ‘‘କିଏ ବାବୁ ଆପଣ, ବାବୁ ମୋର ଦୁଃଖଟା ଟିକେ ଶୁନ।’’ ମୁଁ ଆଶ୍ଚର୍ଯ୍ୟ ହୋଇ ମାଆ ଜଣଙ୍କୁ ଦେଖୁଥାଏ। ପଚାରିଲି କ’ଣ ହୋଇଛି ମାଆ,ଏକା ରହୁଛନ୍ତି ଏଠି ? ହଁ ବାବୁ, ଭଗବାନ୍‌ଙ୍କୁ ଭରସାକରି ରହୁଛୁ। ଘରେ ଆଉ କିଏ ନାହାନ୍ତି ? ଅଛନ୍ତି, ମୋ ସ୍ୱାମୀ କେଉଁଆଡ଼େ ଯାଇଛନ୍ତି। ଏଠି ଆମେ ୨ ଜଣ ଯାହା ରୋଜଗାରକରୁ ପେଟ ଚଳେ। ମୁଁ ଦେଖେ ତ ଘର ଭିତରୁ ବାରଣ୍ଡାକୁ ବର୍ଷାର ପାଣି ମାଡ଼ି ଆସିଲାଣି। ପଚାରିଲି, ମାଆ ଆପଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକ୍କାଘର ଯୋଜନା ମିଳି ନାହିଁ କି ? ଆମେ ଗରିବ ଲୋକ ବାବୁ, ଆମ ପାଖରେ ଟଙ୍କା କାହିଁ ଯେ, ଏମ୍‌ଏଲ୍‌ଏ ଓ ସରପଞ୍ଚଙ୍କୁ ଟଙ୍କା ଦେଇ ଘର କରିବୁ। ଆମ ଗୁହାରି ଶୁଣିବ କିଏ। ଏମାନଙ୍କ ମୁଖିଆ ଗରିବ ଦୁଃଖ ବୁଝିବ କ’ଣ । ଏଠି ପରା ତେଲିଆ ମୁଣ୍ଡରେ ତେଲ। ହେଉ ବାବୁ,ଏବେ ନୂଆ ସରକାର ଆସିଛି, ଘର ଖଣ୍ଡେ ମିଳିବ ବୋଲି ଆଶା ରଖିଛୁ। ଏହି କଥାବାର୍ତ୍ତା ଭିତରେ ବର୍ଷା ଛାଡ଼ିଯାଇଥାଏ। ମାଆର ଶବ୍ଦଗୁଡ଼ିକ ଶୁଣି କହିଲି, ମାଆ ବିଦାୟ ନେଉଛି। କେନ କେ ଯିବ ବାବୁ ? ଝାରବନ୍ଧ। ଶୀଘ୍ର ଚାଲିଯାଅ ରାତି ହୋଇଯିବ, ନଚେତ୍ ଏଠି ରହିଯାଅ। ଧନ୍ୟବାଦ କହି, ଗାଡ଼ି ଧରି ଆଗକୁ ବଢ଼ିଲି।



ମନୁଷ୍ୟର ମୌଳିକ ଆବଶ୍ୟକତା ଖାଦ୍ୟ,ବସ୍ତ୍ର ଓ ବାସଗୃହ। ଅଭାବୀ ମଣିଷର ଦୈନନ୍ଦିନ ରୋଜଗାର ଭିତରେ ଖାଦ୍ୟ ଓ ବସ୍ତ୍ର ମେଣ୍ଟାଇବା ପାଇଁ କଷ୍ଟେମଷ୍ଟେ ଉପାର୍ଜନ କରିଦିଏ କିନ୍ତୁ ଭଲ ବାସଗୃହ ଖଣ୍ଡେ କରିବା ପାଇଁ ସକ୍ଷମ ହୋଇ ନ ଥାଏ। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେଇ ଗରିବ ଲୋକଙ୍କ ପାଇଁ ଯୋଜନା କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିଥିଲା ବେଳେ ବିଗତ ସରକାରଙ୍କ ବିଜୁ ପକ୍କାଘର ଯୋଜନା ଚାଲି ଆସିଥିଲା। ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଦିଆଯାଉଥିଲା। ଠିକ୍ ସମୟରେ ଘରକାମ ସାରିଲେ ପ୍ରୋତ୍ସାହନ ରାଶି ୧୦ହଜାର ଟଙ୍କା ଦିଆଯାଉଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଗରିବ ପରିବାର ପାଇଁ ୧ଲକ୍ଷ ୨୦ ହଜାର ଟଙ୍କା ଏବଂ ପାହାଡ଼ିଆ ଅଞ୍ଚଳର ପରିବାର ପାଇଁ ୧ ଲକ୍ଷ ୩୦ହଜାର ଟଙ୍କା ଦିଆଯାଉଛି। ରାଜ୍ୟରେ ଭାଜପା ସରକାର ଆସିଲା ପରେ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଶୌଚାଳୟ ବ୍ୟବସ୍ଥା ପାଇଁ ୧୨ହଜାର ଟଙ୍କା, ଉଜ୍ଜ୍ୱଳା ଯୋଜନାରେ ଏଲ୍‌ପିଜି ଗ୍ୟାସ୍। ଦୈନନ୍ଦିନ ରୋଜଗାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍,ସ୍ୱାସ୍ଥ୍ୟ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗରିବ ଲୋକମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ରାଜ୍ୟରେ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ଏବଂ ପିଆଇବି ତଥ୍ୟରୁ ସୂଚନା ମିଳେ। ଦେଶରେ ଗତ ୫ ବର୍ଷ ମଧ୍ୟରେ ବହୁ କୋଟି ପ୍ରଧାନମନ୍ତ୍ରୀ ଆବାସ ୨୦୧୯–୨୪ ଆର୍ଥିକ ବର୍ଷରେ ତିଆରି ହୋଇଛି। ଭାରତରେ ୩୦,୦୪,୪୫୯ ଆବାସ ତିଆରିକରି ପ୍ରଥମ ସ୍ଥାନରେ ରହିଛି ବିହାର। ଲାକ୍ଷାଦ୍ୱୀପ ୪୪ଟି ପ୍ରଧାନମନ୍ତ୍ରୀ ଆବାସ ତିଆରିକରି ଶେଷ ସ୍ଥାନରେ ରହିଛି। ଠିକ୍ ସେହିପରି ଓଡ଼ିଶା ୮,୮୬, ୬୪୬ଟି ଆବାସ କରିଥିବା ସମୟରେ ଝାଡ଼ଖଣ୍ଡ ପରି ଏକ କମ୍ ଜନବହୁଳ ରାଜ୍ୟରେ ୧୦,୭୪,୭୧୮ ଆବାସ ତିଆରି ହୋଇଛି। ପଶ୍ଚିମବଙ୍ଗରେ ୨୦,୭୫, ୭୧୮ଟି ପ୍ରଧାନମନ୍ତ୍ରୀ ଆବାସ ତିଆରି ହୋଇଛି। କେବଳ ୨୦୨୩–୨୪ ଆର୍ଥିକ ବର୍ଷରେ ଦେଶରେ ୨.୯୫କୋଟି ଆବାସ ତିଆରି କରିବା ସରକାରଙ୍କ ଧାର୍ଯ୍ୟ ଥିଲା କିନ୍ତୁ ଗରିବ ପରିବାରର ଆବଶ୍ୟକତାକୁ ଦେଖି କେନ୍ଦ୍ର ସରକାର ପୁଣି ଥରେ ୨ କୋଟି ଘର ସମ୍ପ୍ରସାରିତ କରାଇଥିଲେ। ସରକାର ୩,୨୧,୨୬,୬୬୧ ଆବାସ ମଞ୍ଜୁର କରିଥିଲେ। ସେଥିମଧ୍ୟରୁ ୨,୬୭,୧୪,୮୬୬ ଆବାସ ହିତାଧିକାରୀମାନେ ଆଦେଶ ପାଇ ଗୃହ ନିର୍ମାଣ କରିଛନ୍ତି । ସେହିବର୍ଷ ଆମ ରାଜ୍ୟରେ ୨୮୪୩, ଝାଡ଼ଖଣ୍ଡରେ ୨୪,୨୦୦, ପଶ୍ଚିମବଙ୍ଗ ୪୧୯୩, ବିହାରରେ ୩୦,୧୯୦ ପ୍ରଧାନମନ୍ତ୍ରୀ ଆବାସ ଗତ ବର୍ଷ ତିଆରି ହୋଇଛି। ତଥ୍ୟକୁ ଅନୁଧ୍ୟାନକଲେ ଜଣାପଡ଼େ, ବିଗତ ସରକାରଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟିହୁଏ। ଗୋଟିଏ ସ୍ଥାୟୀ ସରକାର ୨୪ ଧରି ରାଜ୍ୟକୁ ଶାସନ କଲା ପରେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପଛରେ ରହିଛି। ବୃଦ୍ଧା ମାଆ ଜଣଙ୍କ ପରି ବହୁ ଲକ୍ଷ ହିତାଧିକାରୀଙ୍କୁ ଘର ଖଣ୍ଡେ ମିଳିପାରି ନାହିଁ କାହିଁକି। ଏହା ଏବେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏଥିପାଇଁ ସରକାର,ନେତା ନା ମନ୍ତ୍ରୀ ଦାୟୀ, ନା ସରକାରୀ କଳକୁ ଚଳାଉଥିବା ଅଫିସର। କେନ୍ଦ୍ର ସରକାର ଦେଉଥିବା ଅର୍ଥକୁ ରାଜ୍ୟ ସରକାର ଅନ୍ୟ ଉପାୟରେ ଖର୍ଚ୍ଚ କରୁଥିଲେ କି। ନା ଗରିବ ଲୋକଙ୍କ ପାଇଁ ଆସୁଥିବା ଯୋଜନାଗୁଡ଼ିକ ସମାଜର ବଡ଼ପଣ୍ଡାଙ୍କ ଇଙ୍ଗିତରେ ସକ୍ଷମ ଲୋକଙ୍କୁ ଦିଆଯାଉଛି କି ନା ନେତା ଓ ଅଫିସରମାନେ ରଙ୍ଗ ଫାଇଲ ତଳେ ଚାପିଦିଅନ୍ତି, ନା ନିଜ ଦଳ ସପକ୍ଷରେ ଭୋଟ ଦେଉଥିବା ବ୍ୟକ୍ତିଙ୍କୁ ଦିଆଯାଉଥିଲା ! ଏବେ ଅନେକ ପ୍ରଶ୍ନ କିନ୍ତୁ ଜନତାଙ୍କ ଭରସା, ଏହି ସରକାର ତତ୍କାଳୀନ ସରକାରଙ୍କ ପରି ନ କରି ଦଳଗତ ବାଛବିଚାର ଛାଡ଼ି ରାଷ୍ଟ୍ରଧର୍ମ ପାଳନକରି ଯୋଗ୍ୟ ହିତାଧିକରୀଙ୍କୁ ସେବା ଯୋଗାଇ ଦିଆଯାଉ। ଆଉ ଜନତାମାନେ ନେତା କି ମନ୍ତ୍ରୀଙ୍କୁ କହିବେ ନାହିଁ, ବାବୁ ମୋର ଦୁଃଖଟା ଟିକେ (ଶୁଣ) ଶୁନ।

ମୋ: ୮୦୧୮୨୯୩୧୮୦

# ଏକ ଏକରରୁ ମିଳିବ ଦାନା



ଡ.ଲକ୍ଷ୍ମୀ ନାରାୟଣ କର

ଆମ ରାଜ୍ୟର ଅନେକ ଚାଷୀଙ୍କର ଏକ ଏକରରୁ ବେଶି ଜମି ନାହିଁ ବା ଏକ ଏକରରୁ କମ୍ ଜମି ଅଛି । ଏହି ଜମି ଉପରେ ନିର୍ଭର କରି ସେମାନେ ବର୍ଷସାରା ପାଇଁ ନିଜର ଖାଦ୍ୟ ସଂଗ୍ରହ ବା ସେଥିରୁ ଉତ୍ପାଦନ କରାଯାଇ ନିଜର ଗୁଜୁରାଣ ମେଣ୍ଟାଇବା ସକାଶେ ଯଥେଷ୍ଟ ପରିମାଣରେ ସକ୍ଷମ ହୋଇ ପାରୁନାହାନ୍ତି । ତାହାର କାରଣ ଏହି ଯେ ସେମାନେ ଉନ୍ନତ ଚାଷ ପ୍ରଣାଳୀ ଓ ଉନ୍ନତ ବିହନ, କୀଟନାଶକ, ସାର ବିଷୟରେ ସମ୍ପୂର୍ଣ୍ଣ ରୂପେ ଅଜ୍ଞ ରହିଛନ୍ତି । ସରକାରୀ ସ୍ତରରେ ଯେତେସବୁ ଉନ୍ନତ ପ୍ରଣାଳୀ ଅନୁସରଣ କରିବାକୁ ପ୍ରଚାର କରାଯାଉଛି ତାହା ପ୍ରକୃତରେ ଚାଷୀମାନଙ୍କ ପାଖରେ ପହଞ୍ଚି ପାରେ ନାହିଁ। କିନ୍ତୁ ଏକ ପରୀକ୍ଷାରୁ ଜଣା ଯାଏ ଯେ ଏକ ଏକର ଜମି ଥିବା ଜଣେ ଛୋଟ ଚାଷୀ ତା’ ପରିବାର ପାଇଁ ସହଜରେ ଖାଦ୍ୟ ଉତ୍ପାଦନ କରିପାରିବ ଓ ବଳକା ଉତ୍ପାଦନକୁ ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ପାରିବ। ଯେଉଁ ଚାଷୀମାନଙ୍କର ଏକ ଏକର ବା ତା’ଠାରୁ କମ୍ ଜମି ବା ମଝାଳିଆ ଜମି ଅଛି ତେବେ ସେମାନେ ବର୍ଷା ଦିନେ ଉନ୍ନତ ମାନର ଧାନ କରି ୧୪/୧୫ କୁଇଣ୍ଟାଲ ଧାନ ପାଇପାରିବେ, ଯାହା ତାଙ୍କ ପରିବାରର ବାର୍ଷିକ ଆବଶ୍ୟକତା ପୂରଣ କରିପାରିବ । ଧାନ ଫସଲ ପରେ ଅଧ ଏକର ଜମିରେ ମୁଗ ଚାଷ କରି ପ୍ରାୟ ଦୁଇ କୁଇଣ୍ଟାଲ ମୁଗ ପାଇ ପାରିବେ । ଆଉ ଅଧ ଏକର ଜମିରେ ଚିନାବାଦାମ ଚାଷ କରି ସେଥିରୁ ପ୍ରାୟ ୩ କୁଇଣ୍ଟାଲ ଚିନାବାଦାମ ପାଇ ପାରିବେ। ଫଳରେ ତାଙ୍କର ପରିବାରର ଆବଶ୍ୟକତାକୁ ପୂରଣ କରି ଅବଶିଷ୍ଟ ଫସଲକୁ ବଜାରରେ ବିକି ପାରିବେ। ଏହା ପରେ ଯଦି ପାଣିର ଭଲ ସୁବିଧା ଥାଏ ତେବେ ଭଲ ନ ହେଲେ ସରକାରୀ ସ୍ତରରେ ଉଠା ଜଳସେଚନର ସୁବିଧା ସୁଯୋଗକୁ ବିନିଯୋଗକରି ସେହି ଜମିକୁ ଦୁଇ ଭାଗ କରି ଋତୁ ଅନୁସାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ ଯଥା ଭେଣ୍ଡି, କଖାରୁ, କାକୁଡ଼ି, ଟମାଟୋ, ଜହ୍ନି ଓ ବିଭିନ୍ନ ପ୍ରକାରର ଶାଗ ଇତ୍ୟାଦି କରାଯାଇପାରିବ। ଏସବୁକୁ ବଜାରରେ ବିକ୍ରି କରିବା ସହିତ ନିଜ ପରିବାରର ଆବଶ୍ୟକତାକୁ ପୂରଣ କରିପାରିବେ। ଆଜିକାଲି ଅନେକ ଛୋଟ ଚାଷୀଙ୍କ ଘରର ମହିଳାମାନେ ନିଜ ଘରେ ଛତୁ ଚାଷ ବା କିଛି ମହିଳା ଏକାଠି ହୋଇ ଗ୍ରାମର ଏକ ପୋଖରୀକୁ ଲିଜ୍ ଆକାରରେ ନେଇ ମାଛ ଚାଷ କରି ଜୀବିକା ନିର୍ବାହ କରିପାରିବେ। ଗୋଟିଏ ଗୋଟିଏ ଛତୁ ବେଡ୍‌ରୁ ପ୍ରାୟ ତିନି ଚାରି କିଲୋ ଛତୁ ଲଗାତର ଭାବେ ୧୨/୧୩ ଦିନ ପର୍ଯ୍ୟନ୍ତ ବାହାରି ପାରିବ । ଯାହାର ବଜାର ଦର ୨୦୦ ଟଙ୍କାରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଓ କେବେ କେବେ ୪୦୦ ଟଙ୍କା ପର୍ଯ୍ୟନ୍ତ ମିଳି ପାରିବ ।

ଏବେ କୃଷି ବିଜ୍ଞାନୀମାନେ ରାସାୟନିକ ସାର ଅପେକ୍ଷା ପ୍ରାକୃତିକ ଖତ, ଜୈବିକ ସାର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ଓ ଚାଷୀମାନଙ୍କୁ ଏହାର ବହୁଳ ବ୍ୟବହାର ପାଇଁ ଉପଦେଶ ଦେଉଛନ୍ତି । ପ୍ରାକୃତିକ ଖତ ପାଇଁ ଚାଷୀମାନେ ନିଜ ବାଡ଼ିରେ ୫ ଫୁଟ୍ ଚଉଡ଼ା ଓ ୫ଫୁଟ୍ ଗଭୀରର ଏକ ଖାଲ ଖୋଳି ସେଥିରେ ନିଜ ବାଡ଼ିରୁ ବାହାରୁଥିବା ଶୁଖିଲା ପତ୍ର, ପରିବା ଚୋପା, ଗୋବର ଓ ଅନ୍ୟାନ୍ୟ ଜିନିଷ ପତ୍ର ପକାଇ କିଛି ଦିନ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ଦେଲେ ତାହା ଶଢି ପ୍ରାକୃତିକ ଖତରେ ପରିଣତ ହେବ, ଯାହା କି କୌଣସି ଗଛ ପାଇଁ ଉତ୍କୃଷ୍ଟ ଖାଦ୍ୟ । ଆଉ ମଧ୍ୟ ଧାନ, ମୁଗ, ବିରି ଅମଳ ପରେ ତାହାର ଅବଶିଷ୍ଟ ଅଂଶକୁ ନ ଜଳାଇ ବା ଜମିରେ ସେହିପରି ନ ଛାଡ଼ି ତାକୁ ମଧ୍ୟ ସେହି ଖତରେ ପକାଇ ଦେଲେ ତାହା ମଧ୍ୟ ଉତ୍କୃଷ୍ଟ ପ୍ରାକୃତିକ ଖତ ହୋଇପାରିବ। ଚାଷୀମାନେ ମଧ୍ୟ ନିଜ ଅଳ୍ପ ଜମିରେ ସୂର୍ଯ୍ୟମୁଖୀ ଫୁଲ ଚାଷ କରି ଉତ୍କୃଷ୍ଟ ଖାଦ୍ୟ ତେଲ ପାଇ ପାରିବେ। ଯଦି ଚାଷୀମାନେ ଏ ସବୁ କିଛି କରିବାକୁ ଚାହୁଁ ନାହାନ୍ତି ତେବେ ସେମାନେ ସେହି ଅଳ୍ପ ଜମିରେ ବର୍ଷ ସାରା ଗେଣ୍ଡୁ, ରଜନୀଗନ୍ଧା ଫୁଲ ଚାଷ କରି ଜୀବିକା ଉପାର୍ଜନ କରିପାରିବେ। ଫୁଲର ଚାହିଦା ବର୍ଷସାରା ରହିଛି । ତେଣୁ ଚାଷୀମାନେ ନିରାଶ ନ ହୋଇ ନିଜର ଜୀବିକା ଉପାର୍ଜନ ପାଇଁ ଅଳ୍ପ ଜମି ଅଛି ବୋଲି ହତାଶ ନ ହୋଇ ନିଜର ଚେଷ୍ଟା ଓ ସରକାରୀ ସ୍ତରରୁ ସାହାଯ୍ୟ ନେଇ ନିଜକୁ ଉପାର୍ଜନକ୍ଷମ କରି ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ହୁଅନ୍ତୁ ।

**ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ସୂର୍ଯ୍ୟନଗର, ଭୁବନେଶ୍ୱର**
**ମୋ: ୯୪୩୭୧୮୫୬୦୭**

## ଚିରନ୍ତନୀ

ବସନ୍ତର ସୁଧା ମୁଁ ଗୋ ପିଉଥିଲି ମରମେ,
ତୁମେ ଆସି ଉଭା ହେଲ ମରିଗଲି ସରମେ ।
ନ ପାରିଲି କହି ତ ପରାଣ କଥାଟି
ଯାତନା ସେ ଦେଲା ଅତି ମୂକ ମୋର ବ୍ୟଥାଟି ।
ଧୀରେ ତୁମେ ଚାହିଁଗଲ ଚମକାଇ ଅବନୀ,
କହ କିମ୍ପା ଏଥି ଆସି ଉଭା ହେଲ ସଜନୀ ! !
–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଫଟୋ ଅଳିଆଗଦାରେ ନ ପଡୁ

ମହାଶୟ,

ଆମେ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ଦେବଦେବୀଙ୍କୁ ଅସମ୍ମାନ କରୁଛୁ। କୌଣସି ଖାଦ୍ୟ ସାମଗ୍ରୀ ହେଉ କିମ୍ବା ଅନ୍ୟ କିଛି ଦରକାରୀ ଜିନିଷର ପ୍ୟାକେଟ୍ ଉପରେ ଦେବଦେବୀଙ୍କ ନାମ ସହିତ ଚିତ୍ର ମଧ୍ୟ ରହୁଛି। ତାକୁ ଚିରି ଆମେ ଜିନିଷ ବାହାର କରି ପ୍ୟାକେଟ୍‌କୁ ଫୋପାଡି ଦେଉଛୁ। ଏପରିକି ଭାରତ ନାମ ସହିତ ଦେବୀଙ୍କ ଚିତ୍ର ମଧ୍ୟ ରହୁଛି। ତାହା ଅଳିଆଗଦାରେ ପଡୁଛି। ଠାକୁରଙ୍କ ଫଟୋ ଏଭଳି ପଡିବା ଦ୍ୱାରା ଠାକୁରଙ୍କର ଅପମାନ ହେବା ସହିତ ମନରେ ମଧ୍ୟ ଦ୍ୱିଧା ଆସୁଛି ଯେ, ପ୍ୟାକେଟ୍‌କୁ ଫୋପାଡ଼ିବା ଠିକ୍ ହେବ କି ନା। ଏସବୁକୁ ଆଦୌ ଅଣଦେଖା କରିବା ଉଚିତ ନୁହେଁ। ତେଣୁ କୌଣସି ପ୍ୟାକେଟ୍‌ରେ କିଛି ବି ନାମ ଦେବା ଆଗରୁ ଭାବିବା ଉଚିତ। ଠାକୁରଙ୍କ ଫଟୋ ଅଳିଆ ଗଦାରେ ନ ପଡୁ।

**–ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଟିଏଫ୍ଏଲ୍

## ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଏମ୍‌ଡି

**ଅନୁଗୋଳ,୨୬।୧୧(ମାନସ ବିଶ୍ୱାଳ)/ ତାଳଚେର (ମନୋଜ ନନ୍ଦ)**



ଖବରଦାତା ସମ୍ମିଳନୀରେ ଟିଏଫ୍ଏଲ୍ ଅଧିକାରୀମାନେ ମଞ୍ଚାସୀନ ଅଛନ୍ତି ।

ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣାଧୀନଥିବା ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍ଏଲ୍) ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଟିଏଫ୍ଏଲ୍ ପକ୍ଷରୁ ବୁଧବାର ଟାଉନଶିପ୍‌ସ୍ଥିତ ଭଞ୍ଜମଣ୍ଡପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ଟିଏଫ୍ଏଲ୍ ଏମ୍‌ଡି ବିବେକ ଶ୍ରୀବାସ୍ତବ, ଡାଇରେକ୍ଟର ଅପରେଟର ଶ୍ୟାମ ରଏ, ମୁଖ୍ୟ ପ୍ରବନ୍ଧକ(ସମ୍ପର୍କ) ସୁମନ୍ତ ପ୍ରଧାନ, ମୁଖ୍ୟ ପ୍ରବନ୍ଧକ ସିଭିଲ ଅଖିଳ ଶତପଥୀ ଉପସ୍ଥିତ ଥିଲେ।

ଟିଏଫ୍ଏଲ୍ ଏମ୍‌ଡି ଶ୍ରୀବାସ୍ତବ କହିଥିଲେ, ଟିଏଫ୍ଏଲ୍ ଏକ ଯୁଗ୍ମ ଭାଗୀଦାରି କମ୍ପାନୀ। ଏହା ହେଉଛି ଦେଶର ଏକ ମହତ୍ତ୍ୱାକାଂକ୍ଷୀ ତଥା ପ୍ରଥମ କୋଇଲା ଗ୍ୟାସ୍ ଭିତ୍ତିକ ଆମୋନିଆ ଓ ୟୁରିଆ ସାର ପ୍ରକଳ୍ପ। ଓଡ଼ିଶାର ଏକମାତ୍ର ୟୁରିଆ ସାର କାରଖାନା। ଏଠାରୁ ମିଳୁଥିବା କୋଇଲାକୁ ଉପଯୋଗ କରି ବାଷ୍ପୀକରଣ ପଦ୍ଧତିରେ ବାର୍ଷିକ ୧.୨୨ ମିଲିୟନ ଟନ୍ ୟୁରିଆ ସାର ଉତ୍ପାଦନ କରାଯିବ। ଇତିମଧ୍ୟରେ ଟିଏଫ୍ଏଲ୍‌ର ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ଶେଷ ହୋଇଛି। ପ୍ରିଲିଂ ଟାୱାର ଚିମିନି ଏବଂ କୋଇଲା ଗ୍ୟାସିଫିକେଶନ ଫ୍ରେମ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି। କୋଇଲା ମିଲିଂ ଫ୍ରେମ୍ ଓ ୟୁରିଆ ପ୍ଲାଣ୍ଟର ମୁଖ୍ୟ ଫ୍ରେମ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଇଲା ଗ୍ୟାସିଫିକେଶନ ଏବଂ ଆମୋନିଆ, ୟୁରିଆ ୟୁନିଟ୍ ପାଇଁ ସମସ୍ତ ଆବଶ୍ୟକ ଉପକରଣ କାରଖାନା ପରିସରରେ ପହଞ୍ଚିଛି। ୩ଟି ବଏଲରରୁ ୨ଟିର ଯାନ୍ତ୍ରିକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରେଲୱେ ସାଇଡିଂ ଏବଂ ପାଣି ପାଇପ୍ ଲାଇନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ୨୦୨୭ ସୁଦ୍ଧା ଟିଏଫ୍ଏଲ୍ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କାରଖାନା ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାର, ସ୍ଥାନୀୟ ଓ ପାର୍ଶ୍ୱବର୍ତ୍ତୀ ଜନପ୍ରତିନିଧିଙ୍କ ସମର୍ଥନ ମିଳିଛି। ମାନବ ସମ୍ବଳ ବିଭାଗ ମୁଖ୍ୟ ଅନନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ପାର୍ଶ୍ୱକୁ ଖସିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

## ଚାଳକଙ୍କ ଅସୁସ୍ଥତାରୁ ଦୁର୍ଘଟଣା

**ଛେଣ୍ଡିପଦା,୨୬।୧୧(ଅଜିତ୍ ଧଳ)**



ଅନୁଗୋଳ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ଥାନା ଜେରଙ୍ଗଦେହୁରୀ ସାହିଠାରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ବସ୍‌ର ଚାଳକ ହଠାତ୍ ଅସୁସ୍ଥ ହୋଇପଡ଼ିଥିବାରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳରୁ ସମ୍ବଲପୁର ଯାଉଥିବା ଏକ ଘରୋଇ ବସ୍ ଜେରଙ୍ଗ ଦେହୁରୀ ସାହି ନିକଟରେ ହୋଇଥିବା ବେଳେ ଚାଳକ ହଠାତ୍ ଚେତାଶୂନ୍ୟ ହୋଇଯାଇଥିଲେ। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ବସରେ ଥିବା ପ୍ରାୟ ୫୦ରୁ ଅଧିକ ଯାତ୍ରୀଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ଯାତ୍ରୀ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜେରଙ୍ଗ ଦେହୁରିସାହିଠାରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ସ୍ଥାୟୀ ସମାଧାନ ପାଇଁ ଏକ ଆପ୍ରୋଚ୍ ରୋଡ଼ ଦାବିରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଜରପଡା ଥାନା ଅଧିକାରୀ ମନୋଜ ପ୍ରଧାନ ପହଞ୍ଚି ବୁଝାଶୁଝା କରିଥିଲେ। ଗୁରୁତର ହଣ୍ଡପା ଥାନା ଅଞ୍ଚଳର ଅନୁପମା ବେହେରାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟମାନେ ଅନୁଗୋଳରୁ ଚିକିତ୍ସିତ ହୋଇ ଫେରିଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି ।

# ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ

**ବଅଁରପାଳ,୨୬।୧୧ (ସୁବାସ ସାହୁ)**

ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ସଭାପତି କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ନାଲ୍‌କୋ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଏସ୍‌ଆଣ୍ଡପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ.ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (ସିପିପି) ସତ୍ୟବାଦୀ ମିଶ୍ର ଓ ମୁଖ୍ୟ ମହାପ୍ରବନ୍ଧକ (ଏଚଆର୍) ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ହିମାଂଶୁ ଶେଖର ପ୍ରଧାନ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂଘ ଉପସଭାପତି ଅକ୍ଷୟ କୁମାର ବଦ୍ରା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଶ୍ରୀକୃଷ୍ଣ ସିଂହ ସଂଘ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ମହିଳା, କୃତିତ୍ୱ ହାସଲ କରିଥିବା ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ଯୁଗ୍ମ ସମ୍ପାଦକ ବାସିଲ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗୀ ସମ୍ବର୍ଦ୍ଧିତ

**ବନ୍ତଳା,୨୬।୧୧(ସୁଶିତ ସାହୁ)**



ଅନୁଗୋଳ ବ୍ଲକ ବଡ଼କେରାସ୍ଥିତ ପିଏମ୍‌ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ରାଜ୍ୟସ୍ତରୀୟ ଖେଳକୁଦରେ ଯୋଗଦେଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପଞ୍ଚଶଖା ଶିକ୍ଷାସେତୁ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ସଭ୍ୟ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ସୁନ୍ଦରଗଡ଼ ବଣାଇ ଠାରେ ୧୭ ବର୍ଷରୁ କମ୍ ବୟସ କବାଡି ପ୍ରତିଯୋଗିତାରେ ଛାତ୍ର ଭକ୍ତି ପ୍ରସାଦ ପଟ୍ଟନାୟକ, ହିମାଂଶୁ ବେହେରା, ଅଂଶୁମାନ ସାହୁ, ଶିବାନନ୍ଦ ବିଶ୍ୱାଳ ଓ ୧୪ ବର୍ଷରୁ କମ୍ କବାଡ଼ିରେ ବିନୋରୀ ପ୍ରଧାନ, ଶୁଭମ୍ ସାହୁ, ଶ୍ରୀପତି ନାୟକ ଓ କେନ୍ଦୁଝରଠାରେ ୧୪ ବର୍ଷରୁ କମ୍ ଖୋଖୋରେ ଭାଗନେଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁଧାଂଶୁ ଶେଖର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିରରେ ଏକୋଇଶିଆ ଉତ୍ସବ

**ସନ୍ତ୍ରିଛକ,୨୬।୧୧(ସନ୍ତୋଷ ପରିଡ଼ା)**

ବଅଁରପାଳ ବ୍ଲକ ନୂଆହତା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଏକୋଇଶିଆ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ୨୧ଦିନରେ ଏହି ଉତ୍ସବ ପାଳିତ ହେଉଥିବାରୁ ଗ୍ରାମବାସୀ ଏହାକୁ ଏକୋଇଶିଆ ଭାବେ ପାଳନ କରନ୍ତି। ଏହି ଯଜ୍ଞର ଏକୋଇଶିଆରେ ପ୍ରଭାତରୁ ନୀଳକଣ୍ଠେଶରଙ୍କ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ମଣ୍ଡପର ଭସ୍ମ ପ୍ରଭୁ ଶିବଙ୍କ ମୁଣ୍ଡ ଉପରେ ଲେପନ କରାଯାଇଥିଲା। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ଟୁନା ରଞ୍ଜନ ଧୀର, ଦିଲେଶ୍ୱର ରାଉତ, ଶିବ ମାଝୀ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଘ୍ନେଶ୍ୱର ମିଶ୍ର, ବାବା ସ୍ୱାମୀ ଶ୍ୟାମାନନ୍ଦ ପୁରୀ, କର୍ତ୍ତା ଶମ୍ଭୁପ୍ରସାଦ ପାଣି, ଶାନ୍ତନୁ ପାଣି, ବସନ୍ତ ତ୍ରିପାଠୀ ପୂଜାର୍ଚ୍ଚନା ତୁଲାଇଥିଲେ। ଗ୍ରାମର ପ୍ରମୁଖ ସିଂହ, କାର୍ତ୍ତିକା ସାମଲ, ଗତିକୃଷ୍ଣ ସିଂହ, ଦୁଷ୍ମନ୍ତ ଦଳବେହେରା, ସନାତନ ସାମଲ, ଉଦୟନାଥ ପ୍ରଧାନ, ପ୍ରକାଶ ରଣା ସହଯୋଗ କରିଥିଲେ।







# ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ଅଛି

**ଆଠମଲ୍ଲିକ,୨୬।୧୧(ଉଦୀପ୍ତ ପୁରୋହିତ)**


ଅନୁଗୋଳ ଜିଲା ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଶାନ୍ତ ସାମଲ, ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ, ସହ ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳୀ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇ ଶିକ୍ଷା ସହିତ କ୍ରୀଡାର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ। ପରେ କୃତୀ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମାରପିଟ୍ ଅଭିଯୋଗ, ଜଣେ ଗିରଫ

**ଛେଣ୍ଡିପଦା,୨୬।୧୧(ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ୍ ବାଗଡିଆ ଥାନା ଖମାର ବରସାହି ଗ୍ରାମରେ ସାମନ୍ୟ ବଚସାକୁ ନେଇ ମାରପିଟ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ଖମାର ଗାଁର ପଞ୍ଚୁ ସାହୁ ଓ ତାଙ୍କ ପୁତୁରା ଟିଟୁନୁ ସାହୁଙ୍କ ମଧ୍ୟରେ ସାମନ୍ୟ କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଟିଟୁନୁ ଉତ୍‌କ୍ଷିପ୍ତ ହୋଇ ପଞ୍ଚୁଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏ ନେଇ ପଞ୍ଚୁ ଟିଟୁନୁଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୫୦/୨୫ରେ ଏକ ମାମଲା ରୁଜୁ କରିଥିଲା।















# ନାବାଳିକାଙ୍କୁ ନେଇ ଫେରାର ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୨୬।୧୧(ଅଜିତ୍ ଧଳ)**

ପ୍ରେମଜାଲରେ ଫସାଇ ନାବାଳିକାଙ୍କୁ ନେଇ ଫେରାର ହୋଇଥିବା ଅନୁଗୋଳ ଟାଉନ ଥାନା କରା ଅଞ୍ଚଳର ରାକେଶ ଗୋଛାୟତଙ୍କୁ ଛେଣ୍ଡିପଦା ପୋଲିସ ବୁଧବାର ଗିରଫ କରିଛି। ପୋଲିସ କହିଛି, ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ରାକେଶଙ୍କ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ରାକେଶ ନାବାଳିକାଙ୍କୁ ଗତ ୧୬ ତାରିଖରେ ଅନୁଗୋଳ ଡାକିଥିଲେ। ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ନ ଜଣାଇ ଯୁବକଙ୍କୁ ଦେଖା କରିବାକୁ ଅନୁଗୋଳ ଯାଇଥିବା ବେଳେ ରାକେଶ ତାଙ୍କୁ ନେଇ ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୫୮୦/୨୫ରେ ଏକ ମାମଲା ରୁଜୁକରି ଘଟଣାର କରିଥିଲା ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।



## ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ମାଣିକପୁର ଗ୍ରାମର ଶାନ୍ତନୁ ବେହେରାଙ୍କୁ ସେହି ଗ୍ରାମର ଗଜିନ୍ଦ୍ର ପାତ୍ର, ଜିତୁ ପାତ୍ର, ଜଗବନ୍ଧୁ ପାତ୍ର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୩୫/୨୫ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷରେ ଜଗବନ୍ଧୁ ଏକ ପାଲଟା ଅଭିଯୋଗ କରିଛନ୍ତି। ଶାନ୍ତନୁ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି। ପୋଲିସ ନମ୍ବର ୩୩୬/୨୫ରେ ଏକ ମାମଲା ରୁଜୁ କରିଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ପୋଲିସ ମଙ୍ଗଳବାର ଜାମୁନାଳି ଗ୍ରାମରେ ଚଢ଼ାଉ କରି ଦୈତାରୀ ପ୍ରଧାନଙ୍କ ଘରୁ ୫ ଲିଟର ପାଉଚ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୪୩୧/୨୫ରେ ଏକ ମାମଲା ରୁଜୁ କରିଛି। ଦୈତାରୀ ତାଙ୍କ ଘରେ ଚୋରାରେ ପାଉଚ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା।

## ରେଳ ୟୁଜର୍ସ କମିଟିର ଶାନ୍ତିପୂର୍ଣ୍ଣ ଗଣଧାରଣା




ତାଳଚେର ରେଳ ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ତାଳଚେର,୨୬।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଦେଇ ଯାଉଥିବା ସମସ୍ତ ଯାତ୍ରୀବାସୀ ଟ୍ରେନ୍ ତାଳଚେର ରେଳ ଷ୍ଟେଶନକୁ ଆସିବା, ଯଥାଶୀଘ୍ର ତାଳଚେର-ଅନୁଗୋଳ ୱାଇ ଲାଇନ କାର୍ଯ୍ୟକାରୀ କରିବା, ତାଳଚେର ମଧ୍ୟରେ ଥିବା ସମସ୍ତ ରେଲୱେ ଓଭରବ୍ରିଜ ନିର୍ମାଣ ଶେଷ କରିବା, ତାଳଚେର ରୋଡ୍ ଷ୍ଟେଶନକୁ ଯାତାୟାତର ସୁବିଧା ପାଇଁ ରାସ୍ତା ତିଆରି କରିବା ଆଦି ଦାବି ନେଇ ରେଳ ୟୁଜର୍ସ କମିଟି ପକ୍ଷରୁ ବୁଧବାର ତାଳଚେର ଷ୍ଟେଶନ ସମ୍ମୁଖରେ ୪୮ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ଅପରାହ୍ନରେ ଏରିଆ ରେଲୱେ ମ୍ୟାନେଜର ପବନ କୁମାର ବିଶ୍ୱକର୍ମା ଧାରଣାରତ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଡାକି ଆଲୋଚନା କରିଥିଲେ। ପୁରୀ-ଅନୁଗୋଳ ମେମୁ ଟ୍ରେନ ଓ ପୁରୀ-ତାଳଚେର ପାସେଞ୍ଜର ଟ୍ରେନ ଠିକ୍ ସମୟରେ ତାଳଚେରଠାରେ ପହଞ୍ଚିବା ପାଇଁ ପ୍ରତିଶ୍ରୁତି ଦେବା ସହ ଉଭୟ ଷ୍ଟେଶନର ଉନ୍ନତୀକରଣ ଓ ଯାତ୍ରୀମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ୱାଇ ଲାଇନର କାର୍ଯ୍ୟକାରିତା, ଓଭରବ୍ରିଜ୍ ଗୁଡିକ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଖୋର୍ଦ୍ଧା ଡିଆର୍‌ଏମ୍‌ଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବ ବୋଲି କହିଥିଲେ। ଏହାପରେ ଏହି ଗଣଧାରଣା ସ୍ଥଗିତ ରହିଥିଲା। ଏହି ଆନ୍ଦୋଳନରେ ଉପସଭାପତି ଚିନ୍ତାମଣି ମହାପାତ୍ର, ସାଧାରଣ ସମ୍ପାଦକ ଅଭୟ ପାଣି, ଜାତୀୟ ମାନବାଧିକାର ରାଜ୍ୟ ସଭାପତି ଦେବେନ୍ଦ୍ର ସିଂ, କେଶବ ଭୂତିଆ, ପ୍ରଫୁଲ୍ଲ ନାଏକ, ଗଗନ ଦାସ, ମନୋଜ ଶତପଥୀ, ଚୈତନ୍ୟ ପ୍ରଧାନ, ଶୋଭାଗିନୀ ଦେବୀ, ମାନସୀ ମହାପାତ୍ର, ସୁକାନ୍ତ ଦାସ, ବିନୋଦ ଲାଲ, ଅରେନ ପାଣି, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଓ କିଶୋରନଗର ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରିବା ବେଳେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ହଣ୍ଡପା ପୋଲିସ କୁଆଝରି ଅଞ୍ଚଳର ଟିକନ ସାହୁ, ରଞ୍ଜିତ ପ୍ରଧାନ, ମାଙ୍କଡ଼ଚୁଆ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍‌କୁ ଜବତ କରିଛି। ସେହିପରି କିଶୋରନଗର ପୋଲିସ ଖଣ୍ଡହତା ଗ୍ରାମର ସିଭସ ପ୍ରଧାନଙ୍କୁ ଗିରଫ କରିବା ସହ ତାଙ୍କ ବାଇକକୁ ଜବତ କରିଛି। ଏ ନେଇ ହଣ୍ଡପା ଥାନାରେ ନମ୍ବର ୪୨୮/୨୫, ୪୨୯/୨୫, ୪୩୦/୨୫ ଓ କିଶୋରନଗର ଥାନାରେ ନମ୍ବର ୩୩୭/୨୫ରେ ମାମଲା ରୁଜୁ ହୋଇଛି।

## ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ



ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମୀକ୍ଷା କରୁଛନ୍ତି।

ଆଠମଲ୍ଲିକ,୨୬।୧୧ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ବୁଧବାର ଆଠମଲ୍ଲିକ ଗସ୍ତରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ବିକାଶ ମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ବିଭିନ୍ନ ରାସ୍ତା, ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଏବଂ ଆଠମଲ୍ଲିକ-ବଇଣ୍ଡା ରାଜ୍ୟ ରାଜପଥ, ନିର୍ମାଣଧୀନ ହାତୀ ଚଲାପଥ, ମାଧପୁର ସିଏଚସି ଓ ବିଭିନ୍ନ ବିଭାଗର ଯୋଜନା, ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସହରାଇ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଡିଏମ୍‌ଏଫ) ସନ୍ତୋଷ କୁମାର ମାଝୀ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ଏବିଡିଓ ଦିଲୀପ କୁମାର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ସିଡିପିଓ ଆରତୀ ସିଂ, କିଶୋରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଯୋଗ ଦେଇଥିଲେ। ଅନୁଗୋଳ ଜିଲାରୁ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ଏଥିରେ ୨୩୮ ଜଣ ନାମ ପଞ୍ଜୀକରଣ କରିଥିଲେ। ବ୍ଲକ ପ୍ରଶାସନର କର୍ମଚାରୀମାନେ ସହଯୋଗ କରିଥିଲେ।

## ସମ୍ବିଧାନକୁ ବୁଝିଲେ ଗଣତନ୍ତ୍ର ଶକ୍ତିଶାଳୀ ହେବ

ଆଠମଲ୍ଲିକ,୨୬।୧୧ (ଉଦୀପ୍ତ ପୁରୋହିତ)



ଆଠମଲ୍ଲିକ ବ୍ଲକ ସଭା ଗୃହରେ ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥିମାନେ।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସଭା ଗୃହରେ ବୁଧବାର ବ୍ଲକ ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଟିଟସ ମହାନନ୍ଦିଆ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଗଗନ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ଜିପିଓ ନରେନ୍ଦ୍ର ମେହେର, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର ସିଠ ପ୍ରମୁଖ ଯୋଗଦେଇ ଦେଶର ସମସ୍ତ ନାଗରିକ ସମ୍ବିଧାନ ଓ ଆଇନକୁ ଜାଣିଲେ, ବୁଝିଲେ ଗଣତନ୍ତ୍ର ଶକ୍ତିଶାଳୀ ହେବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଏନ୍‌ସିସି କ୍ୟାଡେଟ, ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଗଗନ ମିଶ୍ର, ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ, ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ, ଆଚାର୍ଯ୍ୟ ଦିଲୀପ କୁମାର ମିଶ୍ର, ଆଚାର୍ଯ୍ୟ ବିଶ୍ୱାମିତ୍ର ଅଦାବର ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା।

## ଅପହୃତ ଛାତ୍ରୀ ଉଦ୍ଧାର, ଯୁବକ ଗିରଫ

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ବେଳେ ବୁଧବାର ପୋଲିସ ତାଙ୍କୁ କଟକ ଜିଲା ସାଲେପୁର ଅଞ୍ଚଳରୁ ଉଦ୍ଧାର କରିଛି। ଏହି ଅପହରଣରେ ସମ୍ପୃକ୍ତ ଥିବା ଠାକୁରଗଡ଼ ଥାନା ଖିଲିମୁଣ୍ଡା ଗ୍ରାମର ଦଣ୍ଡଧର ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ଠାକୁରଗଡ଼ ଥାନାରେ ନମ୍ବର ୩୦୬/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଛାତ୍ରୀ ଜଣକ ପଢାସାରି ଘରକୁ ଆସୁଥିବା ବେଳେ ଦଣ୍ଡଧର ତାଙ୍କୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

## ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ




ଅନୁଗୋଳ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

ଅନୁଗୋଳ,୨୬।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଉପଖଣ୍ଡର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ସୁଶ୍ରୀ ସନମ ସ୍ମିତା ସାହୁ ବୁଧବାର ଯୋଗଦାନ କରିଛନ୍ତି। ପ୍ରକାଶ ଯେ, ଗତ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବା ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସାହୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସୁଶ୍ରୀ ସାହୁ ଆଗାମୀ ଦିନରେ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ।

## ଶିଶୁ ମନ୍ଦିରରେ ଶିଶୁ ଶିବିର

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଶିଶୁଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୦ ଜଣ ଶିଶୁ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ବଇଣ୍ଡା ସଙ୍କୁଳ ପୂର୍ବତନ ସଙ୍କୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ, ସଙ୍କୁଳ ସଂଯୋଜକ ରବୀନ୍ଦ୍ରନାଥ ଜେନା, ବିଦ୍ୟାଳୟ ଉପସଭାପତି ଚୈତନ୍ୟ ବେହେରା ଓ ସଂକୁଳ ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଉପସ୍ଥିତ ଥିଲେ। ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

## ମୌଳିକ ଅଧିକାର, କର୍ତ୍ତବ୍ୟ ଜାଣିଲେ ଛାତ୍ରୀଛାତ୍ର




ସ୍ନାତକ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳନ କରାଯାଉଛି।

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ମୁଖ୍ୟ ତଥା ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଡିଓ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ କୃତୀ, ସମ୍ବିଧାନର ବିଭିନ୍ନ ଧାରା, ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଆଦି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ତରଣୀସେନ ସାହୁ ସଭା ସଂଯୋଜନା କରିଥିଲା ବେଳେ ଅଧ୍ୟାପିକା ରୋଜାଲିନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୀଣାପାଣି ସାହୁ, ଅଧ୍ୟାପିକା ଶୁଭଶ୍ରୀ ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ, ଅମ୍ବିକା ବେହେରା, ସୁଶାନ୍ତ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ନ୍ୟାୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ




ଆଠମଲ୍ଲିକ,୨୬।୧୧ (ଉଦୀପ୍ତ ପୁରୋହିତ)

ତାଲୁକ ଆଇନ ସେବା କମିଟି ତରଫରୁ ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ସବଜଜ୍ ଲିଙ୍କିପ୍ରିୟା ସାହୁ, ଏସ୍‌ଡିଜେଏମ୍ ସିଙ୍କୁନ ରୟ, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଅଞ୍ଜନ କୁମାର ପ୍ରଧାନ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇ ସମ୍ବିଧାନର ବିଭିନ୍ନ ଆଇନ ସମ୍ପର୍କରେ ବ୍ୟାଖ୍ୟା କରିବା ସହିତ ନାଗରିକମାନଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ, କୋର୍ଟ କର୍ମଚାରୀ ଅମିତ କୁମାର ନାୟକ ଓ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନର୍ସଙ୍କ ବିରୋଧରେ ରୋଗୀଙ୍କ ଅଭିଯୋଗ

ଅନୁଗୋଳ,୨୬।୧୧ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପବିତ୍ରମୋହନ ମେଡିକାଲ କଲେଜ ହେବା ପରେ ଉନ୍ନତ ଏବଂ ତ୍ୱରିତ ସ୍ୱାସ୍ଥ୍ୟସେବା ପାଇବାକୁ ଲୋକେ ଆଶା କରିଥିଲେ। ହେଲେ କେତେଜଣ କର୍ମଚାରୀଙ୍କ ମନମାନି ପାଇଁ ଏଠି ରୋଗୀମାନେ ଆବଶ୍ୟକ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏପରି କି ଜଣେ ମେରୁଦଣ୍ଡ ଆଘାତ ଜନିତ ରୋଗୀ ବନମାଳୀ ନାଏକ ଜନୈକା ନର୍ସଙ୍କ ବିରୋଧରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରେ ବନମାଳୀ ଦର୍ଶାଇଛନ୍ତି, ରକ୍ତଚାପ ଅସନ୍ତୁଳନ ଯୋଗୁ ୧୮ ତାରିଖରୁ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜିଲା ଟ୍ରକ୍ ମାଲିକ ସଂଘ ବିଲ୍ଡିଂ କ୍ୟାବିନରେ ସେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ରକ୍ତଚାପ ପରୀକ୍ଷା କରାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ ହେଁ ସମ୍ପୃକ୍ତା ନର୍ସ ଅଣଦେଖା କରୁଛନ୍ତି। ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ୪ଦିନ ଯାଏ ତାଙ୍କ ରକ୍ତଚାପ ପରୀକ୍ଷା କରାଯାଉ ନ ଥିବା ବନମାଳୀ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ ପଟ୍ଟନାୟକଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ଜିଲା କାର୍ଯ୍ୟାଳୟରେ ସମ୍ବିଧାନ ପ୍ରସ୍ତାବନା ପାଠ



ଅନୁଗୋଳ,୨୬।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଆସିଷ୍ଟାଣ୍ଟ କଲେକ୍ଟର ପ୍ରତାପହରି ପ୍ରଧାନଙ୍କ ସମେତ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନଗର ପରିକ୍ରମା, ସମ୍ମାନ ସମାରୋହ




ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ୭୭ତମ ସମ୍ବିଧାନ ଦିବସ ପାଳନ ଅବସରରେ ଅତିଥିମାନେ।

ଅନୁଗୋଳ,୨୬।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ବାବାସାହେବ ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ୭୭ତମ ସମ୍ବିଧାନ ଦିବସ ପାଳନ କରାଯାଇଛି। ଜିଲାର ସମସ୍ତ ସଙ୍ଗଠନ ସହଭାଗିତାରେ ଆସିଥିବା ଶତାଧିକ ଯୁବତୀ ଯୁବକ, ମହିଳା ଓ ସଦସ୍ୟମାନେ ନଗର ପରିକ୍ରମାରେ ଅଂଶଗ୍ରହଣ କରିଥିଲେ। ଆଡଭୋକେଟ ନୀଳକଣ୍ଠ ନାଏକ, ମହେଶ୍ୱର ବେହେରା, କ୍ଷୀରୋଦ ବେହେରା, ଗୌର ନାଏକ, ଅକ୍ଷୟ ବେହେରା, କୁମୁଦ ଚନ୍ଦ୍ର ନାଏକ, ଗୋବିନ୍ଦ ନାଏକ ପ୍ରମୁଖ ଏହି ପରିକ୍ରମାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଫାଉଣ୍ଡେଶନର ପ୍ରଥମ ଅଧ୍ୟକ୍ଷ ତରଣୀ ସେନ ନାଏକ, ମୁଖ୍ୟବକ୍ତା ଭାବେ କୃଷି ଅଧିକାରୀ ଧୀମତି ରୁପାଲୀ ମହାନନ୍ଦ ଯୋଗଦେଇଥିଲେ। ନାରାୟଣ ସେଠୀ, ପ୍ରଭାତ କୁମାର ବେହେରା, ଶତ୍ରୁଘ୍ନ ନାଏକ, ଲଳିତ ମୋହନ ବେହେରା, ପବିତ୍ର ପ୍ରଜ୍ଞାଶୀଳ, ଗୋବର୍ଦ୍ଧନ ନାଏକ, ପ୍ରହଲ୍ଲାଦ ନାଏକ, ଗୋପାଳ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ଓ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ନାଏକଙ୍କୁ ଫାଉଣ୍ଡେଶନ ତରଫରୁ ଉପଢୌକନ ସହିତ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଧନେଶ୍ୱର ବେହେରା, ବାପି ନାଏକ ଓ ଗୋପାଳ ନାଏକ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବଅଁରପାଳ,୨୬।୧୧ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଖେଳକୁଦ ସମାରୋହ ସ୍ଥାନୀୟ ପି.ବି.କେ. ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସତ୍ୟବାନ ବରାହ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଅଁରପାଳ ଥାନାର ଇନ୍ସପେକ୍ଟର ଅର୍ଚ୍ଚନା ନାୟକ, ସମ୍ମାନିତ ଅତିଥିଭାବେ କାଶୀନାଥ ବେହେରା, ଅନ୍ୟତମ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ଉପସଭାପତି ପ୍ରକାଶ କୁମାର ସିଂହ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ୩୪୫ ଜଣ ପ୍ରତିଯୋଗୀ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ତନ୍ମୟ କୁମାର ନାଥ ମଞ୍ଚ ପରିଚାଳନା ଓ କ୍ରୀଡ଼ା ପ୍ରମୁଖ ହେମପ୍ରଭା ସାମଲ କ୍ରୀଡ଼ା ପରିଚାଳନା କରିଥିଲେ।

## ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ଉପରେ ଗୁରୁତ୍ୱ




ଜାତୀୟ ବାଲ୍ୟ ବିବାହ ନିରୋଧ ଦିବସ ପାଳନ ଅବସରରେ ଅତିଥମାନେ।

ଅନୁଗୋଳ,୨୬।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ଜାତୀୟ ବାଲ୍ୟ ବିବାହ ନିରୋଧ ଦିବସ ପାଳନ କରାଯାଇଛି। ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ୍ ପ୍ରକଳ୍ପ ମାଧ୍ୟମରେ ଏହି ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ନିଯୁକ୍ତି ଅଧିକାରୀ ଦେବାଶିଷ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଜିଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଶିଶୁ କଲ୍ୟାଣ କମିଟି ସଦସ୍ୟା ମମତା ପ୍ରଧାନ, ଭାରପ୍ରାପ୍ତ ଥାନା ଅଧିକାରୀ ଅର୍ଚ୍ଚନା ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରିତାଞ୍ଜଳି ପ୍ରଧାନ, ତାପସ କୁମାର ପାଣି, ବୀରେନ ନାୟକ, ମନୋଜ କୁମାର ମହାପାତ୍ର, ଦ୍ରୌପଦୀ ମାରାଣ୍ଡି ପ୍ରମୁଖ ଯୋଗ ଦେଇ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ଉପରେ ଆଲୋଚନା କରିଥିଲେ। ୧୦୦ ଦିନ ବ୍ୟାପୀ ଅଭିଯାନ କିପରି କାର୍ଯ୍ୟକାରୀ କରାଯିବ ଓ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତସ୍ତରରେ ନିର୍ବାହୀ ଅଧିକାରୀମାନେ କିପରି ଆଇନଗତ ପଦକ୍ଷେପ ନେଇ ବାଲ୍ୟ ବିବାହ ରୋକିବେ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର, ସରପଞ୍ଚ, ଶିଶୁ ସହାୟତା ହେଲ୍ପଲାଇନ କର୍ମଚାରୀ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସଂଯୋଜିକ ପୂଜା ସ୍ୱାଇଁ, ପ୍ରକଳ୍ପ ସହାୟିକା ଲକ୍ଷ୍ମୀ ବେହେରା, ସୋନାଲିସା ଶବର ସହଯୋଗ କରିଥିଲେ।

# ରାଜ୍ୟରେ ପ୍ରଥମଥର ପାଇଁ ଢେଙ୍କାନାଳରେ ହେବ ବିଦିପନୀ ଉତ୍ସବ



ଢେଙ୍କାନାଳ,୨୬।୧୧(ରତନ ନାୟାର)

ରାଜ୍ୟରେ ପ୍ରଥମଥର ପାଇଁ ଢେଙ୍କାନାଳରେ ଆସନ୍ତା ୩୦ ତାରିଖରେ ଆୟୋଜିତ ହେବ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଦିପନୀ ଉତ୍ସବ । ଏହି ଉପଲକ୍ଷେ ଉତ୍ସବ ପରିଚାଳନା କମିଟି ପକ୍ଷରୁ ବୁଧବାର ସୁନ୍ଦରିଖାଲ ସମ୍ମୁଖସ୍ଥ ପଡିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ସଂଯୋଜକ ଡ. ସୁଶାନ୍ତ କୁମାର ଦାସ ଏହି ସୂଚନା ପ୍ରଦାନ କରିଥିଲେ । ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଏହି ଉତ୍ସବରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଭକ୍ତ ମାନଙ୍କର ସମାଗମ ହେବ । ଏଥିସହିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଆଇନ ପରାମର୍ଶ କେନ୍ଦ୍ର, ଛାତ୍ରୀଙ୍କ ପାଇଁ ଶିକ୍ଷା ସମ୍ବନ୍ଧିୟ ପରାମର୍ଶ, ଶାରିରୀକ ଓ ଆଧାତ୍ମିକ ପରାମର୍ଶ କେନ୍ଦ୍ର ଖୋଲାଯିବାର ମଧ ବ୍ୟବସ୍ଥା ରହିଛି । ଏହି ଉତ୍ସବରେ ଓଡିଶା ସମେତ ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଭକ୍ତମାନେ ଯୋଗଦେବେ । ଏହି ଏକଦିବସୀୟ କାର୍ଯ୍ୟକ୍ରମ ପାଇଁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଦିବସବ୍ୟାପି ପ୍ରସାଦ ସେବନ ବ୍ୟବସ୍ଥା ରହିଛି । ଏହି ଉତ୍ସବ ସମଗ୍ର ରାଜ୍ୟ ଓ ଦେଶ ପାଇଁ ଏକ ଉଦାହରଣ ହେବ ବୋଲି ରତିକ୍ ସନ୍ତୋଷ ଷଡଙ୍ଗୀ କହିଥିବା ବେଳେ କାର୍ଯ୍ୟକ୍ରମର ସଭାପତି ବୃନ୍ଦାବନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ୪୦ହଜାର ସତସଙ୍ଗୀଙ୍କ ସମାବେଶ ହେବ ବୋଲି ସୂଚନା ଦିଆଯାଇଛି ।

# ସାଜସଜ୍ଜା ବେଳେ ବିଦ୍ୟୁତ୍ ଆଘାତରେ ଟେଣ୍ଟ ମିସ୍ତ୍ରି ମୃତ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳ ସହର ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଏକ ବିବାହ ମଣ୍ଡପ ସମ୍ମୁଖରେ ଟେଣ୍ଟ ସାଜସଜ୍ଜା କରୁଥିବା ବେଳେ ହଠାତ ବିଦ୍ୟୁତ ଆଘାତ ଲାଗି ତଗଲା ଓରଫ ପ୍ରଦୀପ ସାହୁ (୩୭)ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହିତ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପ୍ରଦୀପ କୌଣସି ଏକ ଉତ୍ସବ ପାଇଁ ଟେଣ୍ଟ ସାଜସଜ୍ଜା କରୁଥିବା ବେଳେ ଲୁହା ସଂସ୍ପର୍ଶରେ ବିଦ୍ୟୁତ ତାରଟି ଆସି ବିଦ୍ୟୁତ ଚାର୍ଜ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ଏ ସଂକ୍ରାନ୍ତରେ ତାଙ୍କ ପତ୍ନୀଙ୍କ ପକ୍ଷରୁ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି କେସ୍ ନଂ. ୮୬୨/୨୫ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ସୂଚନାରୁ ଜଣାପଡିଛି । ପ୍ରଦୀପଙ୍କ ଘର ସଦର ଥାନା ହରିପୁର ଅଂଚଳରେ ବୋଲି ଜଣାପଡିଛି ।

# ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ,୨୬।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତର ରାଉତସାହିଠାରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ପୂର୍ଣ୍ଣାହୁତିରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅଙ୍କୁରାରୋପଣ କରାଯାଇଥିଲା । ବୁଧବାର ସକାଳୁ ବୈତରଣୀ ନଦୀରୁ ଶତାଧିକ ପୁରୁଷ ଓ ମହିଳାମାନେ କଳସ ଶୋଭାଯାତ୍ରାରେ ଜଳ ଆଣି ମହାଦେବଙ୍କ ଜଳାଭିଷେକ କରିଥିଲେ। ବିରଜା ମନ୍ଦିର ପୂଜକ ରାଜକିଶୋର ପଣ୍ଡା, ନରନାରାୟଣ ମିଶ୍ର ଓ ଅନ୍ୟ ସହଯୋଗୀ ବ୍ରାହ୍ମଣମାନେ ପୂଜା କାର୍ଯ୍ୟ କରିଥିଲେ।

**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/12**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000007331 | SITC of CIS and complete Billing Solution Implementation across TP Odisha Discoms |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

GOVERNMENT OF ODISHA No. A-982
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.: (0663) 2412791 (Off.), E-mail: eemisbp@yahoo.co.in

No. 4595 Date: 21.11.2025

**e-PROCUREMENT NOTICE**
**BID REF No. SE, MID, SBP/11/2025-26**

| | |
|---|---|
| Name of work | : Civil Construction Works |
| No. of Works | : 05 (Five) Nos. |
| Estimated Cost | : Varies from approximately Rs.24.78 lakh to Rs.46.16 lakh for 05 Nos. of work (Rs.176.06 Lakh) |
| Tender Paper Cost | : Referred to DTCN |
| Period of Completion | : Referred to DTCN |
| Availability of bid through online | : From Dt.28.11.2025 at 11.00 A.M. to Dt.08.12.2025 upto 05.30 P.M. in website (http://tendersodisha.gov.in) |
| Period of receipt of bid through online | : From Dt.28.11.2025 at 11.00 A.M. to Dt.08.12.2025 upto 05.30 P.M. through online |
| Date of opening of bid documents | : On Dt.09.12.2025 at 10.00 A.M. onwards |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |
| The detail tender call notice can also be seen in the DOWR website | : http://tendersodisha.gov.in |
| Name & Address of the OIT | : Superintending Engineer, M.I. Division, Sambalpur, At: Motijharan, P.O.: B.S.S. Nagar, Dist.: Sambalpur, PIN - 768001, Ph.: 0663-2412791, E-mail ID: eemisbp@yahoo.co.in |
| Further details can be seen from the e-Procurement Market Place | : http://tendersodisha.gov.in |

Sd./- Superintending Engineer
M.I. Division, Sambalpur
OIPR:

GOVERNMENT OF ODISHA No. A-970
**E-PROCUREMENT NOTICE**
**SUPERINTENDING ENGINEER, M.I. DIVISION, ANGUL**
E-mail ID: semidivisionalangul@gmail.com
Bid Identification No. 07 of 2025-26

Letter No. 3304 Date: 20.11.2025

| | | |
|---|---|---|
| 1. | Number of Works | 03 (Three) Numbers of Civil Work |
| 2. | Approximate Estimated Cost | From 43.51 Lakh to 49.02 Lakh |
| 3. | Cost of Tender Paper | Rs.6000/- (Non-refundable) |
| 4. | Period of Completion | 06 (Six) Months |
| 5. | Date & time of availability of bid document in the portal | Dt.26.11.2025 at 10.00 A.M. to Dt.03.12.2025 upto 5.00 P.M. |
| 6. | Last date/time for receipt of bid in the portal | Dt.03.12.2025 upto 5.00 P.M. |
| 7. | Date of Opening of Bid documents | Dt.04.12.2025 at 11.00 A.M. |
| 8. | Date of lottery if required | Dt.12.12.2025 at 11.00 A.M. |
| 9. | Name and address of the Office Inviting Bid | Superintending Engineer, Minor Irrigation Division, Angul, At/P.O.: Hakimpada, College Square, District: Angul, PIN - 759143, Ph. No.: 06764-236522 Email ID: semidivisionangul@gmail.com |
| 10 | The bidders have to participate in ONLINE bdding only. Further details can be seen from the e-procurement portal | http://tendersorissa.gov.in |

Sd./- Superintending Engineer
M.I. Division, Angul
OIPR:

**ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି । ଏ ସଂକ୍ରାନ୍ତରେ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ ହୋଇଛି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ. ଏବଂ ବର୍ଗ; କାଟାଲଗ୍ ନଂ.; ନିଲାମ ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ବନ୍ଦ ହେବାର ସମୟ** ଯଥାକ୍ରମେ: (୧) ପାର୍ସଲ; ପାର୍ସଲ ଏସ୍‌ଏଲ୍‌ଆର୍-୧୮୧୮୧; ୦୩।୧୨।୨୦୨୫; ୧୨.୦୦ ଘଟିକା; ୧୨.୫୦ ଘଟିକା । (୨) ପେ ଆଣ୍ଡ ୟୁଜ୍; ପିଏନ୍‌ୟୁ-ସିକେପିଡିଆଇଭି-ଏନ୍‌ଓଭି; ୦୪।୧୨।୨୦୨୫; ୧୨.୩୦ ଘଟିକା; ୧୩.୦୦ ଘଟିକା । (୩) ପାର୍କିଂ: ପାର୍କିଂ-ସିକେପି-୨୫; ୧୦।୧୨।୨୦୨୫; ୧୨.୩୦ ଘଟିକା; ୧୩.୦୦ ଘଟିକା । (୪) ବିବିଧ; ମିକ୍ସଡ୍-ସିକେପିଡିଆଇଭି-୨୫; ୧୦।୧୨।୨୦୨୫; ୧୨.୩୦ ଘଟିକା; ୧୨.୧୦ ଘଟିକା (ତା୧୧।୧୨।୨୦୨୫ରିଖରେ) । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-884) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ, ଆଇ.ଟି.ଡି.ଏ., ନବରଙ୍ଗପୁର**

ନବରଙ୍ଗପୁର ହେଉଛି ଏକ ଆଦିବାସୀ ଅଧୁଷିତ ଜିଲ୍ଲା ଏବଂ ଆଦିବାସୀମାନଙ୍କ ଜୀବିକା ଉପାର୍ଜନର ମୁଖ୍ୟ ମାଧ୍ୟମ ହେଉଛି କୃଷି । ଏହାକୁ ଆଖି ଆଗରେ ରଖି ଆଇ.ଟି.ଡି.ଏ., ନବରଙ୍ଗପୁର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିଜସ୍ୱ ପାଣ୍ଠିରେ ପ୍ରଣିତ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀଙ୍କ ଜୀବନ ଜୀବିକାର ବିକାଶ ନିମନ୍ତେ କୃଷି ଏବଂ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗେଇଦେଇ ଆସୁଛି । ବିଗତ ଆର୍ଥିକ ବର୍ଷରେ ଜିଲ୍ଲାର ୧୮୫୮୫ରୁ ଅଧିକ ଆଦିବାସୀ ହିତାଧିକାରୀମାନଙ୍କୁ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ସୁବିଧା ସୁଯୋଗ ଯୋଗାଇ ଦେଇଛି ।

ଆଇ.ଟି.ଡି.ଏ., ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଚାଷୀଙ୍କ ଉତ୍ପାଦନ ଓ ରୋଜଗାର ବୃଦ୍ଧି ନିମନ୍ତେ ଚାଷୀମାନଙ୍କୁ ଉନ୍ନତମାନର ମଞ୍ଜି, ଜୈବିକ ସାର, କୀଟନାଶକ ଆଦି ଯୋଗାଇ ଦେବା ସହିତ କୃଷି ଯନ୍ତ୍ରପାତି, କୁକୁଡ଼ା ଚାଷ, ପଶୁପାଳନ, ମାଛ ଚାଷ ଏବଂ ଜଳସେଚନ ଭିତ୍ତିଭୂମି ବିକାଶ ନିର୍ମାଣ କରି ଜିଲ୍ଲାର ଆଦିବସୀ ଚାଷୀ ଭାଇ ଭଉଣୀମାନଙ୍କ ଜୀବନ ଜୀବିକାର ବିକାଶ ପାଇଁ ଆବଶ୍ୟକ ସହାୟତା ଯୋଗେଇବା ପାଇଁ ବ୍ୟବସ୍ଥା କରିଛି । ଏହା ବ୍ୟତୀତ ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଶକ୍ତୀକରଣ ଏବଂ ସମୂହ ବିକାଶ ନିମନ୍ତେ ଏଗ୍ରୋ ସର୍ଭିସ ସେଣ୍ଟର ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତି ଓ ଧାନକୁଟା ଯନ୍ତ୍ର, ମକା ମଞ୍ଜି ଅଲଗା କରିବା ଯନ୍ତ୍ର, ଅଟାକଳ, ତୈଳ ପ୍ରସ୍ତୁତି ଯନ୍ତ୍ର ପ୍ରଭୃତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ ଜନଜାତି ଯୁବକ ଯୁବତୀମାନଙ୍କୁ ଲଘୁ ଉଦ୍ୟୋଗ ବିକାଶ ନିମନ୍ତେ ବ୍ୟବସାୟ କରିବା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଉଛି । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇ.ଟି.ଡି.ଏ., ନବରଙ୍ଗପୁର ପ୍ରତି ୫୦ ଏକରକୁ ଗୋଟିଏ କୃଷିଭିତ୍ତିକ କ୍ଲଷ୍ଟର ହିସାବରେ ନେଇ ଚାଷ ସମ୍ବନ୍ଧୀୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହିତ ଜିଲ୍ଲାର ଆଦିବାସୀ ଚାଷୀଙ୍କୁ ଅଧିକ ଉତ୍ପାଦନ ନିମନ୍ତେ ବୈଷୟିକ ସହାୟତା ମଧ୍ୟ ଯୋଗାଇ ଦେଉଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଚୟନ କରାଯାଇଥିବା ପ୍ରତି କ୍ଲଷ୍ଟର ଗ୍ରାମରେ ସମସ୍ତ ଆଦିବାସୀଙ୍କୁ ନେଇ ଏକ ଜନଜାତି ଜୀବିକା ପରିଷଦ ଗଠନ କରାଯାଇଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
EPC-CECONIVBBS2025046,
ତା.10.10.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ - ତା.10.12.2025 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.15.12.2025 ରିଖ 1200 ଘଟିକା ।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/
PR-167/CI/25-26 ଭୁବନେଶ୍ୱର

See Career Appointment on every Wednesday & Saturday

**Office of the Registrar, Cooperative Societies, Jharkhand**

**TENDER NOTICE**

**Tender for Selection of WINDS Implementation Partners (WIP) for setting up of Automatic Weather Station (AWS) at Block level and Automatic Rain Gauge (ARG) at Gram Panchayat (GP)**

No. 274, dated: 24-11-2025

Selection of WINDS Implementation Partners (WIP) to set up a network of Automatic Weather Station (AWS) at Block level and ARG at Gram Panchayat (GP) level.

The Nodal Office B-PMFBY, Office of the Registrar Cooperative Societies, Government of Jharkhand invites quotations from experienced agencies for installation of Automatic Weather Station (AWS) at Block level and ARG at Gram Panchayat (GP).

All empaneled agencies are mandated to get enrolled on https://jharkhandtenders.gov.in in order to download the tender documents and participate in the subsequent bidding process.

The Tender Document can be uploaded online on https://jharkhandtenders.gov.in/.

Last date and time for online submission of tender is 15-12-2025, 02:00 PM

Sd/-
Nodal Officer B-PMFBY
Office of the Registrar, Cooperative Societies, Jharkhand, Ranchi.

PR 367132 Co-opretive(25-26)#D

**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**

**Short e-Procurement Notice**
**For National Competitive Bidding**
**Short e-Tender Reference No. RCD/JAMSHEDPUR/2370**
**Date- 26.11.2025**

| | | |
|---|---|---|
| 1. | Name of the work | IRQP work (i) Sonari Marine Drive Fagu Baba Shamshan Ghat to River Meet Main Road via Jogers Park and link road , Sonari Central Puja Committee to near Carmel School , LIC Colony & link road (L-2.70 KM ) (ii) Sonari 7 No Extension Hanuman Mandir to Pearl View Apartment and link road (L-1.25KM ) (iii) Kadma Ramjanamnagar Entrance Gate to end of B N Singh Bagan & link road , Marine Drive Keshav Madav Path(L-2.00 KM ) (iv) Kadma Ramnagar Chowk beside Arogya Bhawan to Ramnagar Main road (RCST), Ramnagar 7 No cross road to Marine Drive via backside of Sapna Complex to 2 No road and link road, Marine Drive Ghoda Chowk to Ashok Path end via Ganga Path (L-2.1 KM ) (v) Kadma Shastrinagar B No-04 Chat Ghat Entrance Gate to Marine Drive & link road, DVC Chowk Hanuman Mandir to end of Tank road via Astha Balram, Vidyasagar Path and ahead of Vijya Heritage Phase-05 to via Ambedkar Park to DSP Bangla & link road (L-1.86 Km) (Total Length - 9.91 km) FY-2025-26 |
| 2. | Estimated Cost of Work (in INR) | Rs 10,62,16,186.21 (Rupees Ten Crore Sixty Two Lakh Sixteen Thousand One Hundred & Eighty Six - Paise Twenty One Only) |
| 3. | Initial Bid Security ( Rs In Lacs) | Rs 10.63 Lakh (Rupees Ten Lakh Sixty Three Thousand only). |
| 4. | Initial Bid Security in the shape of | Initial Bid Security - As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 5. | Cost of Bidding documents | Rs 10,000 (Rs Ten Thousand) only. |
| 6. | Time of Completion | 05 (Five Months) |
| 7. | Date of Publication of Tender on website | 28.11.2025 at 12.30 P.M. |
| 8. | Start date of bidding | 28.11.2025 from 12.30 P.M. |
| 9. | Last date & Time for online bidding | 11.12.2025 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in Online form | 11.12.2025 Through e-tendering portal www.jharkhandtenders.gov.in As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 12. | Date & time for opening of Technical Bid | 12.12.2025 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 13. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 14. | Contact no. of Procurement officer | 0657-2227724 |
| 15. | Helpline number of e-Procurement cell | 0651-2401010 |

***Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website*** http://jharkhandtenders.gov.in

**Superintending Engineer -cum- Executive Engineer RCD, Road Division, Jamshedpur**

PR 367141 Road (25-26)_D

ODISHA
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨


**ଏକକ ବ୍ୟବହୃତ ପ୍ଲାଷ୍ଟିକ ୧ ଜୁଲାଇ ୨୦୨୨ ତାରିଖଠାରୁ ନିଷିଦ୍ଧ**

ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ଆଇନ ୨୦୨୧ ଅନୁଯାୟୀ ଏକକ ବ୍ୟବହୃତ ପ୍ଲାଷ୍ଟିକ ବସ୍ତୁର ଉତ୍ପାଦନ, ଆମଦାନୀ, ମହଜୁଦ, ବିତରଣ, ବିକ୍ରି ଓ ବ୍ୟବହାର ୧ ଜୁଲାଇ, ୨୦୨୨ଠାରୁ ନିଷିଦ୍ଧ କରାଯାଇଛି ।

**ନିମ୍ନଲିଖିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବସ୍ତୁଗୁଡ଼ିକର ତାଲିକା ନିମ୍ନରେ ପ୍ରଦାନ କରାଯାଇଛି:-**

୧. ପ୍ଲାଷ୍ଟିକ କାଠିଯୁକ୍ତ ଇଅରବଡ୍ (Earbud)
୨. ପ୍ଲାଷ୍ଟିକ କାଠିଯୁକ୍ତ ବେଲୁନ୍
୩. ପ୍ଲାଷ୍ଟିକ ପତାକା
୪. ପ୍ଲାଷ୍ଟିକ ଚକୋଲେଟ୍ କାଠି
୫. ପ୍ଲାଷ୍ଟିକ ଆଇସକ୍ରିମ୍ କାଠି
୬. ସଜାଇବା ପାଇଁ ପଲିଷ୍ଟିରିନ୍ (ଥରମୋକୁଲ୍)
୭. ପ୍ଲେଟ୍
୮. କପ୍
୯. ଗ୍ଲାସ୍
୧୦. କଣ୍ଟାଚାମଚ
୧୧. ଚାମଚ
୧୨. ଛୁରି
୧୩. ଷ୍ଟ୍ର
୧୪. ଟ୍ରେ
୧୫. ମିଠା ଡବାରେ ବ୍ୟବହୃତ ପ୍ଲାଷ୍ଟିକ ଆବରଣ
୧୬. ନିମନ୍ତ୍ରଣ ପତ୍ର
୧୭. ସିଗାରେଟ୍ ପ୍ୟାକେଟ୍
୧୮. ଗୋଳାଇବା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ କାଠି (Stirrer)









ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

No.CAD-2476

**TENDER ALERT**

**1)E-Tender Call Notice No. ETCN-16/BAM/2025-26:** Supply of 220kV & 132kV Surge monitor for different GSS under EHT (O&M) Circle, Berhampur.
**2)Tender Call Notice No. 03/2025-26:** Replacement of RCC slabs over the cable trenchs with precasted RCC slabs at Balimela Grid under EHT (O&M) Division, Malkangiri.
**3)Tender Call Notice No. GM-EHT(P)CIRCLE-BBSR-04/2025-26:** Loading, unloading and transportation of tower materials from different OPTCL stores to Grid S/S, Boudh(M/s. SEL Store) under EHT (Projects) Division, Angul under EHT (Projects) Circle, Bhubaneswar.
**4)Tender Call Notice No. 04/MEN/25-26:** Supply of hardware fitting and spacer clamp for 220kV Bus Augmentation work of 315MVA ICT-1, 2 & 3 Bays at 400kV GSS, Mendhasal under EHT (O&M) Division, Mendhasal.
**5)Tender Call Notice No. OT-07/2025-26/RGD:** Oil leakage arrest of 12.5MVA power transformer-1 (CGL make) including supply of materials at 132/33kV GSS, Paralakhemundi under EHT (O&M) Division, Rayagada.
**6)Tender Call Notice No. OTCN/PDP-07/2025-26:** Checking & tightening of jumpers of 132kV Paradeep-PPL DC line, Paradeep PPT DC line, Paradeep IFFCO DC line, Paradeep RTSS Siju SC line, Pattamundai Kendrapara SC line, Olaver- Chandabali DC line, Jajpur road-Kendrapara DC line, 132kV Chandikhole LILO line, Kendrapara-Salipur SC line, Paradeep-Tirtol DC LILO line along with replacement of B-phase conductor from Loc No. 14-15 of 132kV Paradeep-IFFCO Ckt-I, 132kV Paradeep-PPL Ckt-II between location No. 01 to gantry & replacement of damaged Insulator string of 132kV Kendrapara-Pattamundai SC line at Loc No.51 under EHT (O&M) Division, Paradeep.
**7)Tender Call Notice No. BRL-44/2025-26:** Painting of 160MVA 220/132/33kV auto transformer-I & II at 220/132/33kV Grid S/s, Kuarmunda under EHT (O&M) Division, Rajgangpur, under EHT (O&M) Circle, Burla.
**8)Tender Call Notice No. 23/KHU/2025-26:** Onetime uprooting, cutting, cleaning of grass, wild plants, shrubs etc. grown in barren areas of different Grid S/s under EHT (O&M) Division, Khurda.
**9)E-Tender Call Notice No. SGM/BAM/15/2025-26:** Tightening of jumpers along with replacement of damaged clamps in 132kV lines under EHT (O&M) Division, Jayanagar, under Southern (O&M) Zone, Berhampur.
**10)Tender Call Notice No. 03/25-26:** Replacement of RCC slabs over the cable trenches with pre-casted RCC slabs at Balimela Grid. under EHT (O&M) Division, Malkangiri.
**11)E-Tender Call Notice No. ETCN/CTC/CLE/02/25-26:** Repair of damaged tower leg stubs, re-coping with extension of chimney height and replacement of angle members in different lines of Paradeep Division under EHT (O&M) Circle, Cuttack.
**12)E-Tender Call Notice No. ETCN/CTC/CLE/ 03/2025-26:** Replacement of damaged wire mesh fencing with construction of chain link fence along with Toe wall around the 132kV & 33kV S/Y at 220/132/33kV Grid S/s, Cuttack under EHT (O&M) Circle, Cuttack.
**13)E-Tender Call Notice No. ETCN/CTC/CLE/04/ 2025-26:** Procurement of 170nos. of 150W LED floodlights for different Grid S/s of Paradeep Division under EHT (O&M) Circle, Cuttack
**14)E-Tender Call Notice No. ETCN/CTC/CLE/05/ 2025-26:** Procurement of 50ltrs Water mist type, 50kg & 9kg ABC type (MAP-90) fire extinguishers for different Grid S/s of Paradeep Division under EHT (O&M) Circle, Cuttack.
**15)E-Tender Call Notice No. ETCN/CTC/CLE/06/ 2025-26:** PCC and re-metaling of the 33kV S/Y at 132/33kV Grid S/s Kendrapara under EHT (O&M) Circle, Cuttack.
**16)Tender Call Notice No. OTCN/CTC/CLE/08/2025-26:** Replacement of old 90KN Disc type suspension insulators with 120KN long Rod insulators in the 2nd Circuit (Bahugram Side) of the 132kV ICCL-Salipur DC line under EHT (O&M) Circle, Cuttack.
**17)Tender Call Notice No. OTCN/CTC/CLE/09/2025-26:** Engagement of commercially registered light vehicle (AC 9 seater Mahindra Bolero or equivalent) at E&MR S/D, Paradeep under EHT (O&M) Circle, Cuttack.
**18)Tender Call Notice No. 08/2025-26:** Supply of 150W LED based flood light of input voltage 140-270V with driver & Aluminum extrusion or pressure Die-Casting Heat sink housing, both side UV Polycarbonate clear cover, Protection: IP-66 Driver efficiency: >=90% (or any other latest specification if any) of make Bajaj/Crompton/Havells under EHT (O&M) Division, Balasore.
**19)Tender Call Notice No. RGD-O&M-DIV/OT-07/2025-26:** Oil leakage arrest of 12.5MVA Power Transformer-1 (CGL make) including supply of materials at 132/33kV GSS, Paralakhemundi under EHT (O&M) Division, Rayagada.
**20)Tender Call Notice No. 04/2025-26:** One-time cleaning & uprooting of grass,weeds,shrubs and un-wanted plants from non-metal area of different GSS under EHT (O&M) Division, Malkangiri.
**21)Tender Call Notice No. GM-EHT(P)CIRCLE-BBSR-05/2025-26:** Loading, unloading and transportation of surplus materials recived from M/s. Gupta Power Store,Jagatpur, Cuttack to EHT (Store) S/D, Choudwar and 132/33kV Grid S/S, Chandikhole for construction of balance portion work for power supply connectivity from 132/33kV Grid S/S, Chandikhole to RTSS, Dhanmandal under EHT (Projects) Division, Cuttack under EHT (Projects) Circle, Bhubaneswar.
**22)Tender Call Notice No. OTCN-17/BAM/2025-26:** Supply of different types of hardware fittings suitable for ACSR Zebra & Panthar conductor for different line & S/S works under EHT (O&M) Circle, Berhampur.
**23)Tender Call Notice No. 24/KHU/2025-26:** Supply of discharge rods & FRP Ladders for different Grid S/Ss & EHT lines under EHT (O&M) Division, Khurda.
**24)Tender Call Notice No. OTCN-04/2025-26:** Supply and fixing of Stainless steel bay, equipment and directional identification boards at 132/33kV Grid S/S Chatrapur & Ganjam under EHT (O&M) Division, Chatrapur.
**25)Tender Call Notice No. JSG-11/2025-26:** Refilling/replacement of different capacity and type of fire extinguisher of different Grid S/Ss under EHT (O&M) Division, Jharsuguda.
**26)E-Tender Call Notice No. CHP-09/2025-26:** Construction of open store yard at 400/220/33kV GIS S/S, Meramundali-B under EHT (O&M) Division, Meramundali under EHT (O&M) Circle, Chainpal.
**27)E-Tender Call Notice No. CHP-10/2025-26:** PCC & Metal spreading in 33kV bay-04 to 11 & other rest non metalled of 33kV S/Y along with construction of concrete toe wall arround 33kV S/Y at 132/33kV Grid S/S, Chainpal and in 33kV Transformer-II bay and adjacent areas at 220/33kV Grid S/S, Rengali under EHT (O&M) Division, Chainpal under EHT (O&M) Circle, Chainpal.

For more details please visit OPTCL's website: **www.optcl.co.in.**
OIPR- FIPR-61/2025-26
/optcl.odisha /optcl_odisha

# ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ତ୍ୱରାନ୍ୱିତ କର: ଏମ୍‌ପି

**ଜିଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ କମିଟି ବୈଠକ**

■ଚାଉଳ ବାଟମାରଣା ହେଉଛି, ଏଥିପ୍ରତି ବିଶେଷ ଦୃଷ୍ଟି ଦିଅ: ମନ୍ତ୍ରୀ

ଢେଙ୍କାନାଳ,୨୬।୧୧(ରତନ ନାୟାର)



ଜିଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ କମିଟି ବୈଠକ।

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ (ଦିଶା) ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ବିଭିନ୍ନ ବ୍ଲକର ଚେୟାରମ୍ୟାନ, ସରପଞ୍ଚ, ଏନଜିଓ ପ୍ରତିନିଧି ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲାରେ ବିଭିନ୍ନ ବିଭାଗରେ ହେଉଥିବା କାର୍ଯ୍ୟରେ ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଟିମ୍‌ୱାର୍କ ମାଧ୍ୟମରେ ଜିଲାର ବିକାଶ ନିମନ୍ତେ ସମସ୍ତେ ସଜଗତାର ସହିତ କାମ କରିବାକୁ ଓ କାର୍ଯ୍ୟର ଗୁଣବତ୍ତା ପ୍ରତି ଧ୍ୟାନ ଦେବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଥିବା ଚାଉଳ ବାଟମାରଣା ହେଉଥିବା କହି ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ମନ୍ତ୍ରୀ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ, ପିଏମ୍‌ଶ୍ରୀ ଯୋଜନାରେ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଉ ଥିବା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଭୁବନ, ଗଁଦିଆ, ପରଜଙ୍ଗ, କାଙ୍କଡ଼ାହାଡ ଓ ସଦର ବ୍ଲକ୍‌ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବୈଠକରେ ଅବଗତ କରାଇଥିଲେ । ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ

ଢେଙ୍କାନାଳ,୨୬।୧୧(ରତନ ନାୟାର)



କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳନ।

ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ସମ୍ବିଧାନ ଦିବସ ବୁଧବାର ପାଳିତ ହୋଇଯାଇଛି । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ବାବା ସାହେବ୍ ଭୀମ ରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟ ସମ୍ବିଧାନର ମୁଖବନ୍ଧ ଉପରେ ନେତାଗଣ ଆଲୋକପାତ କରିବା ସହିତ ବର୍ତ୍ତମାନର କେନ୍ଦ୍ରରେ ଥିବା ଦକ୍ଷିଣପନ୍ଥୀ ନରେନ୍ଦ୍ର ମୋଦୀଙ୍କ ସରକାର କିପରି ସମ୍ବିଧାନର ମୂଳମନ୍ତ୍ରକୁ ଅବମାନନା କରୁଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ଗଣରାଜ୍ୟ ହେଉଛି ସମ୍ବିଧାନର ଆତ୍ମା ସଦୃଶ। କଂଗ୍ରେସ ଦଳ ବାରମ୍ବାର ମୋଦି ସରକାରଙ୍କୁ ସମାଲୋଚନା କରି ଅଭିଯୋଗ କରି ଆସୁଛି ଯେ ଏହାର କାର୍ଯ୍ୟ ଭାରତୀୟ ସମ୍ବିଧାନ ଏବଂ ଏହାର ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ ଏବଂ ଅସମ୍ମାନିତ କରି ସ୍ୱେଚ୍ଛାଚାରିତା ଆଡ଼କୁ ଗତି କରୁଛି ଏବଂ ଭାରତର ଗଣତାନ୍ତ୍ରିକ ଏବଂ ସଂଘୀୟ ଢାଞ୍ଚାକୁ ଦୁର୍ବଳ କରୁଛି ଯାହା ଦେଶର ଏକତା ଏବଂ ଅଖଣ୍ଡତା ଉପରେ ବିପଦ ସୃଷ୍ଟିକରୁଛି। ଏହି ପରିପ୍ରେକ୍ଷୀରେ ମୋଦି ସରକାର କିପରି ଭାରତୀୟ ନିର୍ବାଚନ ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖିଛି । ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ ଏବେବି ଜାରିରହିଛି। କଂଗ୍ରେସ ନେତୃବୃନ୍ଦ ସମ୍ବିଧାନର ରକ୍ଷା ନିମନ୍ତେ ଦୃଢ଼ ସଂକଳ୍ପବଦ୍ଧ ବୋଲି ଜନସାଧାରଣଙ୍କୁ ଜଣାଯାଇଛି। ପରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରାରେ ଯାଇ ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ଜିଲା ସଭାପତି ସୁନିଲ ଦାଶ, ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ପ୍ରେମ ଶଙ୍କର ମିଶ୍ର , ବିପ୍ରବର ସାହୁ, ଉମ୍ବରୁଧର ସେଠୀ, ସରୋଜ ସତପଥି, ପ୍ରିୟବ୍ରତ ଗଡ଼ନାୟକ, ବରିଷ୍ଠ ନେତା ରୁଦ୍ର ପ୍ରକାଶ ଶରଣ, ପୂର୍ବତନ ଜିଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ନିଶାକର ସାହୁ, ଫକୀର ମୋହନ ସାହୁ, ରୁମେନା ବେଗମ୍, ଇତିଶ୍ରୀ ସାମଲ, ପ୍ରଭୁଦତ ଭଞ୍ଜ, ସନ୍ତୋଷ କୁମାର ବିହାରୀ, ସୁଶାନ୍ତ ଧଳ, ମନୋଜ ସାହୁ, ଯୁବନେତା ସଂଗ୍ରାମ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ସୁରକ୍ଷା କର୍ମୀ ଓ ନାଗରିକମାନଙ୍କୁ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନୁରୁଲ୍ ଇସ୍‌ଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ସମ୍ବନ୍ଧୀୟ ତାଲିମ ଶିବିର

ରାସୋଳ,୨୬।୧୧(ସରୋଜ ମିଶ୍ର): ଢେଙ୍କାନାଳ ଜିଲା ରାସୋଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଓ ଆଇଏଲପି ମିଳିତ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠାନ ପ୍ରଶିକ୍ଷଣ ଗୃହ ପରିସରରେ ୫୬ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବିଜ୍ଞାନ ସମ୍ବନ୍ଧିୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବରେ ହିନ୍ଦୋଳ ଉପଖଣ୍ଡର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରି ଯୋଗଦେଇ ସହାଭାଗିତା ରୂପରେ ବିଜ୍ଞାନ କିଟ୍‌କୁ ବ୍ୟବହାର କରିବା ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ନାୟକ, ପ୍ରକାଶ କୁମାର ପ୍ରଧାନ, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ଓ ଅନୁଷ୍ଠାନ ରାଜେନ୍ଦ୍ର କୁମାର ପାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଆଇଏଲପିର ସଂଯୋଜକ ବିଜୟକୃଷ୍ଣ ପଣ୍ଡା ଯୋଗଦେଇ ଶିକ୍ଷକ ମାନଙ୍କୁ ୫ଟି ଦଳରେ ବିଭକ୍ତ କରି ୮ଟି ବିଜ୍ଞାନ ପ୍ରକଳ୍ପ କରାଇଥିଲେ। କପିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ୟାମସୁନ୍ଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାରିକୁଳ ଉଚ୍ଚ ବିଦ୍ୟାଳୟ, କୁଶ୍ଚେଶ୍ୱର ଉଚ୍ଚ ବିଦ୍ୟାଳୟ, ଟିକେ ଉଚ୍ଚ ବିଦ୍ୟାଳୟ, ଜନତାରାଜ ଉଚ୍ଚ ବିଦ୍ୟାଳୟ, କାରନ୍ଦା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖରୁଜିଆକଟା ପ୍ରମୁଖ କିଟ ଗ୍ରହଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମୀ ମରୁତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା



ଢେଙ୍କାନାଳ,୨୬।୧୧(ରତନ ନାୟାର)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୁଧବାର ପୂର୍ବାହ୍ନରେ ଢେଙ୍କାନାଳ ସଦର ମହକୁମାରେ ଏକ ବିଶାଳ 'ଏକତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ମିନି ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇ ପୁରୁଣା ବସ୍‌ଷ୍ଟାଣ୍ଡ ଛକ ଓ ବଳରାମ ମନ୍ଦିର ଛକ ଦେଇ ପଦଯାତ୍ରା ପଲ୍ଲିଶ୍ରୀ ମେଳା ପଡ଼ିଆରେ ସମାପ୍ତ ହୋଇଥିଲା। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଅବିସ୍ମରଣୀୟ ଦେଶସେବାକୁ ସ୍ମରଣ କରି କହିଲେ, ସର୍ଦ୍ଦାର ପଟେଲ ନିଜର ଦୃଢ଼ ସଂକଳ୍ପ ଓ ନେତୃତ୍ୱ ବଳରେ ୫୬୨ଟି ଦେଶୀୟ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଆଧୁନିକ ଭାରତର ଭିତ୍ତି ଗଢ଼ିଥିଲେ। ଏକତା ହେଉଛି ଆମ ଦେଶର ଶକ୍ତି, ଏହାକୁ ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷିତ ରଖିବା ଦାୟିତ୍ୱ। ସେ ଯୁବପିଢ଼ିଙ୍କୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଓ କର୍ମ ନିଷ୍ଠାରୁ ପ୍ରେରଣା ନେବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ, ସର୍ଦ୍ଦାର ପଟେଲ ଥିଲେ ଭାରତର ଏକତାର ସ୍ଥପତି। ତାଙ୍କର ଦୃଷ୍ଟିକୋଣ, ସାହସ ଓ ନିଷ୍ଠା ଆଜିର ପିଢି ପାଇଁ ଏକ ପଥ ପ୍ରଦର୍ଶକ। ଆମ ଦେଶ ଆତ୍ମନିର୍ଭର ହେଉ, ଏହି ହେଉଛି ସର୍ଦ୍ଦାରଙ୍କ ଆଦର୍ଶର ସଠିକ ପାଳନ। ପଦଯାତ୍ରାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଭାଜପା ଜିଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ସଭାପତି ନରେଶଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଓ ଗଣମାଧ୍ୟମ ପ୍ରତିନିଧିମାନେ ବିପୁଳ ସଂଖ୍ୟାରେ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସମସ୍ତଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ଆତ୍ମନିର୍ଭର ଭାରତ ଗଠନ ଓ ଜାତୀୟ ଏକତା ସୁଦୃଢ଼ କରିବା ପାଇଁ ଶପଥ ପାଠ କରାଯାଇଥିଲା । ପଦଯାତ୍ରା ପ୍ରାରମ୍ଭରେ ସାମୂହିକ ଭାବେ ବନ୍ଦେ ମାତରମ ସଂଗୀତ ଗାନ କରାଯିବା ସହ ଭାରତରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଜିଲାସ୍ତରୀୟ ଜାତୀୟ ସମ୍ବିଧାନ ଦିବସ ପାଳିତ

ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳରେ ଜିଲାସ୍ତରୀୟ ଜାତୀୟ ସମ୍ବିଧାନ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଏମ୍‌ପି ରୁଦ୍ର ନାରାୟଣ ପାଣି ସମ୍ବିଧାନର ମୂଲ୍ୟବୋଧକୁ ଅଙ୍ଗୀକାର କରିବା, ନ୍ୟାୟ, ସ୍ୱାଧୀନତା ଓ ବନ୍ଧୁତ୍ୱକୁ ଆଗକୁ ବଢାଇବା ସମ୍ପର୍କିତ ଏକ ପ୍ରସ୍ତାବନା ସଂକଳ୍ପ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ସଂକଳ୍ପ ପାଠ କରିଥିଲେ ।

# ୨ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ପେଡ଼ିବା ଲକ୍ଷ୍ୟ


ଆଖୁପେଡା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଉଛି।

ଢେଙ୍କାନାଳ,୨୬।୧୧(ରତନ ନାୟାର)

**ଆଖୁପେଡ଼ା ଶୁଭାରମ୍ଭ**

ଢେଙ୍କାନାଳ ସହର ଉପକଣ୍ଠସ୍ଥ କୋରିଆଁ ବାଇପାସ୍ ନିକଟରେ ଥିବା ଇଣ୍ଡିଆନ୍ ପୋଟାସ୍ ଲିଃ ପରିସରରେ ୨୦୨୫-୨୬ ବର୍ଷ ପାଇଁ ଆଖୁପେଡ଼ା କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ) ଯୋଗଦାନ କରି କାରଖାନା ପରିସରସ୍ଥିତ ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କଠାରେ ପାରମ୍ପରିକ ପୂଜାର୍ଚ୍ଚନା ଏବଂ ଯଜ୍ଞ କାର୍ଯ୍ୟ ପରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ପରେ ଆଖୁପେଡ଼ା ମେସିନ୍‌ରେ ଆଖୁ ପକାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ କାରଖାନାର ସାଧାରଣ ପରିଚାଳକ ଓ ୟୁନିଟ୍ ହେଡ୍ ବିକାଶ କୁମାର ଚୌଧୁରୀ କହିଲେ ଯେ, ଚଳିତ ବର୍ଷ ୮୮୦୦ ଏକର ଜମିରେ ଆଖୁଚାଷ ହୋଇଥିଲାବେଳେ ୨ଲକ୍ଷ ୩୦ହଜାର ମେଟ୍ରିକ୍ ଟନ୍ ଆଖୁ ପେଡ଼ାଯିବାର ଲକ୍ଷ୍ୟ ରଖାଯାଇଛି । ସମସ୍ତ ଆଖୁଚାଷୀ ଭାଇମାନଙ୍କୁ କିପରି ଅଧିକରୁ ଅଧିକ ଆଖୁଚାଷ କରି ଚିନି ଉତ୍ପାଦନରେ ଓଡ଼ିଶା କିପରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିରେ କାରଖାନାର ଏଜିଏମ୍ (ପ୍ରୋସେସ୍) ଭବାନୀ ପ୍ରସାଦ ରଥ, କେନ୍ ବିଭାଗର ମୁଖ୍ୟ ରାଜକୁମାର ଚୌଧୁରୀ, ଅର୍ଥ ବିଭାଗର ମୁଖ୍ୟ ସମୀର କୁମାର ସାମଲ, ଇଞ୍ଜିନିୟରିଙ୍ଗ୍ ହେଡ୍ ଲଳିତ କୁମାର ଦାସ, ଡେପୁଟି ମ୍ୟାନେଜର (ଆଡ୍‌ମିନ୍) ଜଗମୋହନ ସାହୁ, ୟୁନିଟ୍ ମୁଖ୍ୟଙ୍କ ପିଏ କ୍ଷୀରୋଦ କୁମାର ବେଉରା, କମ୍ପାନୀ ଶ୍ରମିକ ସଂଘର ସଭାପତି ବସନ୍ତ କୁମାର ବେହେରା, ସମସ୍ତ ବିଭାଗର ମୁଖ୍ୟ ଏବଂ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମ୍ବିଧାନ ଦିବସ ଉପଲକ୍ଷେ ଆଲୋଚନାଚକ୍ର



ଢେଙ୍କାନାଳ,୨୬।୧୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ସମୃଦ୍ଧ ଓଡିଶା-୨୦୩୬ ଓ ବିକଶୀତ ଭାରତ ୨୦୪୭ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଏହାକୁ ଉଦଘାଟନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅମୃତ କୁମାର ସେଠ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡ. ଆଶିଷ କୁମାର ଜେନା ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଡ. ଗିରିଶ ପ୍ରସାଦ ସ୍ୱାଇଁ, ସମ୍ବିଧାନ ସମୃଦ୍ଧ ଓଡିଶା ଓ ବିକଶୀତ ଭାରତ ଉପରେ ବାବାସାହେବ ଆମ୍ବେଦକର, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣୀ ଗୋପବନ୍ଧୁଙ୍କ ଚିନ୍ତାଧାରା ଓ ଦର୍ଶନ ଉପରେ ଆଲୋଚନାକ କରିଥିଲେ । ରାଜନୀତି ବିଜ୍ଞାନର ଡ. ଦିଲୀପ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମ୍ବିଧାନ ସଚେତନତା ଶୋଭାଯାତ୍ରା

ଢେଙ୍କାନାଳ,୨୬।୧୧(ରତନ ନାୟାର)




ଢେଙ୍କାନାଳ ଆମ୍ବେଦକର ସେବା ସଂଗଠନର ଆହ୍ୱାନ କ୍ରମେ ବୁଧବାର ସହରସ୍ଥିତ ବାଜିଚୌକ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଆହ୍ୱାନ କ୍ରମେ ଏହି ଶୋଭାଯାତ୍ରାରେ ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଂଚଳ ପରିଷଦରୁ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ସଦର ମହକୁମା, ବ୍ଲକ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଆମ୍ବେଦକର ଭବନ ଓ ପାଠାଗାର ନିର୍ମାଣ ପାଇଁ ଦାବୀ କରାଯାଇଥିଲା । ସଭା, ସମିତି ଓ ବୈଠକ ପାଇଁ ସବୁ ସମୟରେ ଘର ମିଳିନଥିବାରୁ କାର୍ଯ୍ୟକର୍ତ୍ତା ମାନେ କ୍ଷୋଭ ପ୍ରକାଶ କରିଥିଲେ। ଦୂର ଅଂଚଳରୁ ଜିଲା ମୁଖ୍ୟାଳୟକୁ ଅଭିଯୋଗ ନେଇ ଆସୁଥିବା ଲୋକ ମାନଙ୍କୁ ଉଚିତ ନ୍ୟାୟ ମିଳୁନଥିବାରୁ କାର୍ଯ୍ୟକର୍ତ୍ତା ମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ମଲିକ, କଳାବତୀ ନାୟକ, ଗୌତମ ପାତ୍ର, ଯତି ନାୟକ, ରୁଦ୍ରାନ୍ତ ଦଳେଇ, ସାଗୀର ମହମ୍ମଦ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ସୁଧାକର ଜେନା, ପ୍ରଶାନ୍ତ ନାୟକ, ବାଦଲ ମଲ୍ଲିକ, ହରେକୃଷ୍ଣ ମଲ୍ଲିକ, ସୁରେଶ ନାୟକ, ଧ୍ରୁବଚରଣ ବିଶ୍ୱାଳ, ରଜନୀକାନ୍ତ ମଲ୍ଲିକ, ଯୁଧିଷ୍ଠିର ବେହେରା, ଦେବାଶିଷ ନାୟକ, ଅନନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଚିତ୍ରସେନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମହିଳାଙ୍କ ଫଟୋ ଭାଇରାଲ କରି ଟଙ୍କା ମାଗିବା ଘଟଣାରେ ୨ କୋର୍ଟ ଚାଲାଣ

ପରଜଙ୍ଗ,୨୬।୧୧
(ନିଗମାନନ୍ଦ ଦଳବେହେରା)




ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ଗ୍ରାମରେ ଜଣେ ମହିଳାଙ୍କ ଫଟୋ ମୋବାଇଲ ଫୋନରେ ରଖି ଭାଇରାଲ କରି ଟଙ୍କା ମାଗିବା ଘଟଣାରେ ପୁଲିସ ୨ଜଣକୁ ଗିରଫ କରିଛି। ଅଭିଯୋଗ ମୁତାବକ, କନ୍ଦରସିଂହା ଗ୍ରାମର ବାହାନ ନାଏକଙ୍କ ସ୍ତ୍ରୀ ରଶ୍ମିତା (୩୦)ଙ୍କ ଫଟୋ କନ୍ଦର୍‌ସିଂହା ପଞ୍ଚାୟତ କଟରାପଡ଼ା ଗ୍ରାମର ଜିତେନ୍ଦ୍ର ବେହେରା ଫୋନରେ ରଖି ଗାଁରେ ବୁଲିବୁଲି ଦେଖାଇବା ସହିତ ୧୨ଲକ୍ଷ ଟଙ୍କା ନ ଦେଲେ ସମସ୍ତ ଫଟୋକୁ ସାମାଜିକ ଗଣମାଧମରେ ଛାଡିଦେବା ସହିତ ପରିବାରର କିଛି ସଦସ୍ୟଙ୍କୁ ହତ୍ୟା କରିଦେବାର ଧମକ ଦେଇଥିବା ରଶ୍ମିତା ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ। ପରଜଙ୍ଗ ପୁଲିସ ମାମଲା ରୁଜୁ କରି ଜିତେନ୍ଦ୍ର ଓ ତାର ସହଯୋଗୀ ଗଞ୍ଜାମ ଅଞ୍ଚଳର ସୁଦର୍ଶନ ନାହାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଦୁଇଜଣ ଭୂଷଣ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି । ଏ ସଂକ୍ରାନ୍ତରେ ୫୬୦/୨୫ ରେ ଏକ ମାମଲା ରୁଜୁ ହୋଇଛି।

# ଜାନୁଆରୀ ୧୨ରୁ ଧାନ କିଣା ଆରମ୍ଭ, ମାର୍ଚ୍ଚ ୩୧ରେ ଶେଷ

ଢେଙ୍କାନାଳ,୨୬।୧୧(ରତନ ନାୟାର)



ଢେଙ୍କାନାଳ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ଖରିଫ ବିପଣନବର୍ଷ ୨୦୨୫-୨୬ ପାଇଁ ଜିଲାରେ ଧାନ ସଂଗ୍ରହ ଜାନୁଆରୀ ୧୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ । ଖରିଫ ବିପଣନ ବର୍ଷ ୨୦୨୫-୨୬ ପାଇଁ ଜିଲାରେ ୮୮ଟି ପ୍ୟାକ୍ସ ଓ ୨୪ଟି ସବ୍ ପିପିସିରେ ଧାନ ସଂଗ୍ରହ କରାଯିବ । ଏଥିସହିତ ଏଥର ଧାନ ବିକ୍ରୟ ପାଇଁ ୫୬,୧୧୨ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପୂର୍ବବର୍ଷ ଅର୍ଥାତ ୨୦୨୪-୨୫ବର୍ଷ ପାଇଁ ୫୪,୬୯୭ଜଣ ଚାଷୀ ପଞ୍ଜିକରଣ କରିଥିଲେ । ସେଥିମଧ୍ୟରୁ ୫୪,୬୫୮ଜଣ ଯୋଗ୍ୟ ବିବେଚିତ ହୋଇଥିଲେ । ଏହିବର୍ଷ ପଞ୍ଜିକୃତ ଚାଷୀମାନଙ୍କ ମଧ୍ୟରୁ ଯୋଗ୍ୟ ଚାଷୀଙ୍କ ତର୍ଜମା ପ୍ରକ୍ରିୟା ଚାଲୁ ରହିଛି । ବିପଣନ ବର୍ଷ ୨୦୨୫-୨୬ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦,୩୫,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିସହିତ ମଣ୍ଡିଗୁଡ଼ିକର ସୁପରିଚାଳନା ପାଇଁ ସୋସାଇଟି ସ୍ତରରେ ଧାନ ସଂଗ୍ରହ କମିଟି ଗଠନ କରାଯିବ । ମଣ୍ଡି ନୋଡାଲ ଅଫିସର ଓ ସୁପରଭାଇଜର ନିୟୋଜିତ କରାଯିବ । ଏହାସହିତ ଜିଲାସ୍ତରରେ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଓ ଉପଖଣ୍ଡସ୍ତରରେ ଉପଖଣ୍ଡ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯିବ । ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂଗ୍ରହ ହେଇଥିବା ଧାନର ମୂଲ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯିବ । ଏଫଏକ୍ୟୁ ମାନର ଧାନ ସମ୍ପର୍କରେ ସଚେତନତା ପାଇଁ ଚାଷୀମାନଙ୍କୁ ସୂଚନା, ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବ । ଧାନ ସଂଗ୍ରହ ପ୍ରଣାଳୀକୁ ତ୍ରୁଟିଶୂନ୍ୟ କରିବା ପାଇଁ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର, ଆଡଭାନ୍ସ ମୋବାଇଲ ପାଡ଼ି କ୍ଲିନର, ଗ୍ରେନ୍ ଆନାଲାଇଜର, ଆଦ୍ରତା ମାପଯନ୍ତ୍ର ଆଦି ବ୍ୟବହାର କରାଯିବ । ମଣ୍ଡିମାନଙ୍କରେ ଚାଷୀମାନଙ୍କ ସୁବିଧା ପାଇଁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ଏଫଏକ୍ୟୁ ମାନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଦୀପ୍ତି ରଞ୍ଜନ ସେଠୀ, ବିଭିନ୍ନ ବ୍ଲକର ମିଲର, କୃଷକ ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ବୈଠକକୁ ପରିଚାଳନା କରିଥିଲେ ।

# ଶିଳାନ୍ୟାସ କରିବାକୁ ଆସି ରାଜନଗର ବିଧାୟକ ହଟହଟା

## ବଡ଼ପଡ଼ା ପଞ୍ଚାୟତ

କେନ୍ଦ୍ରାପଡା,୨୬।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ କାଠିଆପଡା ଲୋକେ ବୁଧବାର ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଯାଇଥିବା ରାଜନଗର ବିଜେଡି ବିଧାୟକ ଧ୍ରୁବ ସାହୁଙ୍କୁ ବିରୋଧ କରିଛନ୍ତି। ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିଧାୟକ ବିଫଳ ହୋଇଛନ୍ତି ବୋଲି ଲୋକେ ଅଭିଯୋଗ କରି ବିରୋଧ କରିଥିବା କହିଛନ୍ତି। ଫଳରେ ବିଧାୟକ ଶିଳାନ୍ୟାସ ସ୍ଥଳରେ ହଟହଟା ହୋଇଥିବା ଗଣମାଧ୍ୟମରେ ଘୂରିବୁଲୁଥିବା ଭିଡିଓରୁ ଜଣାପଡିଛି। ଏ ନେଇ ବିଧାୟକଙ୍କ ସମର୍ଥକ ଓ ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହେବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଗାଁ ଲୋକଙ୍କୁ ପୋଲିସ ବୁଝାଶୁଝା କଲାପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ବିଧାୟକ ପଟ୍ଟାମୁଣ୍ଡାଇ-କଠିଆପଡା ରାସ୍ତା ଶିଳାନ୍ୟାସ କରି ଫେରିଥିବା ସୂଚନା ମିଳିଛି।

ଦୀର୍ଘଦିନ ହେଲା କେନ୍ଦ୍ରାପଡା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତର ଅନେକ ଗ୍ରାମକୁ ଭଲ ରାସ୍ତା ନାହିଁ। ଏପରିକି ବହୁ ଗ୍ରାମ ଭିତରକୁ ଯାନବାହନ ଓ ଆମ୍ବୁଲାନ୍ସ ନ ଯିବା ସହିତ ନାହିଁନଥିବା ସମସ୍ୟା ଉପୁଜୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସହିତ ବଡପଡା ପଞ୍ଚାୟତର ଅନେକ ଗ୍ରାମରେ ଲୋକେ ପାନୀୟ ଜଳ ପାଇଁ ଦୀର୍ଘଦିନ ହେବ ଅସୁବିଧା ଭୋଗ କରୁଥିବା ବେଳେ ହୋଇଥିବା ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇପଡିଛି। ଫଳରେ ଗ୍ରାମର ଛାତ୍ରୀଛାତ୍ର, ରୋଗୀ ଏବଂ ଜନସାଧାରଣ ଏହି ସବୁ ଅସୁବିଧା ଭୋଗୁଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଗତ ୪ ମାସରୁ ଅଧିକ ହେବ ଆରମ୍ଭ ହେଉଥିବା ରାସ୍ତାକୁ ବୁଧବାର ଶିଳାନ୍ୟାସ କରିବାକୁ ବିଧାୟକ ଆସିଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ବିରୋଧ ସମୟରେ ବିଧାୟକଙ୍କ ସୁରକ୍ଷା କର୍ମୀ ଏବଂ ପୋଲିସ ସହ ଗ୍ରାମବାସୀଙ୍କ ଠେଲାପେଲା ହୋଇଥିଲା। ଏ ସମ୍ପର୍କରେ ବିଧାୟକ ସାହୁଙ୍କୁ ମୋବାଇଲ ନଂ ୯୪୩୭୧୭୨୯୫୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ କାଠିଆପଡାରେ ଲୋକେ ବିରୋଧ କରୁଛନ୍ତି।

## ଡିସେମ୍ବର ୧ରୁ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ,୨୬।୧୧
(ଅଜିତ୍ କୁମାର ମହାନ୍ତି)

ଦୀର୍ଘବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଆସନ୍ତା ଡିସେମ୍ବର ୧ତାରିଖରୁ ଖୋଲିବ। ୧୦ ଟଙ୍କା ଦେଇ ଭକ୍ତ ଟିକେଟ କାଟି ମନ୍ଦିରକୁ ଯିବେ। ତେବେ ୫ ବର୍ଷରୁ କମ୍ ପିଲା, ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ଟିକେଟ ଲାଗିବ ନାହିଁ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ସୂଚନା ଦେଇଛନ୍ତି। ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଭକ୍ତଙ୍କ ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି।

---

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର
ଦୁର୍ଗାପାଲି, ସମ୍ବଲପୁର, ୭୬୮୦୦୫

**ସୂଚନା**

No.CAD-2452:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଢାରଜା, ସମ୍ବଲପୁର ଘର ନମ୍ବର MIG-I-10ଟିକୁ ସ୍ୱର୍ଗତ ସ୍ନେହଲତା ବିଶି, ସ୍ୱା-ସ୍ୱର୍ଗତ ପଞ୍ଚମ ବିଶି, ନିବାସୀ-P.W.D. କଲୋନୀ, ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସ୍ନେହଲତା ବିଶି ତା.୦୪.୦୨.୨୦୦୪ ରିଖରେ ମୃତ୍ୟୁବରଣ କରିଅଛନ୍ତି । ଆବଣ୍ଟନଗ୍ରାହୀଙ୍କ ଉତ୍ତରାଧିକାରୀ ଯଥା-ପୁତ୍ର ଶ୍ରୀ ତ୍ରିମଲ ବିଶି, ଝିଅ ଶ୍ରୀମତୀ ପଦ୍ମାସିନୀ ବିଶି ଏବଂ ବିଳାସିନୀ ବିଶି ଉକ୍ତ ଘରଟିକୁ ଉତ୍ତରାଧିକାରୀ ସୂତ୍ରରେ ଶ୍ରୀମତୀ ଦୁଃଖିନୀ ବିଶି, ମାତା-ସ୍ୱର୍ଗତ ସ୍ନେହଲତା ବିଶି ଏବଂ ପିତା-ସ୍ୱର୍ଗତ ପଞ୍ଚମ ବିଶି, ନିବାସୀ-ବାମରା, ଗୋବିନ୍ଦପୁର, ସମ୍ବଲପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ, ସମ୍ବଲପୁର
ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

OIPR-

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, PHULBANI
No.O-1523

Phone-06842-253708, E-mail: rw_phulbani@yahoo.co.in
No.4722 RWDP, Dated the 18.11.2025
**Government of Odisha e-Procurement Notice**
**Bid Identification No.Online Tender/12/SERWD PHULBANI/2025-26**

1. Name of the Work : Building Work (02 Nos.)
2. Estimated Cost : Rs.55.63 Lakhs & 54.20 Lakhs
3. Period of Completion : Six Calendar Months
4. Date & Time of availability of Bid documents in the Portal : From 26.11.2025 10.00 AM to 06.12.2025 Upto 5.00 PM
5. Last Date/Time for receipt of Bids in the Portal : 06.12.2025 upto 5.00 PM
6. Name and address of the Officer Inviting Bid : Superintending Engineer Rural Works Division,Phulbani

Further details can be seen from the e-procurement portal website: **www.tendersodisha.gov.in.**

OIPR-
**Sd./- Superintending Engineer**
**Rural Works Division, Phulbani**

---

## State Health Assurance Society
A1 Block, 2nd Floor, Toshali Bhawan, Satya Nagar
Unit-9, Bhubaneswar – 751007, Odisha
Phone/Fax :0674-2620500

**TENDER FOR SUBSCRIPTION OF INTERNET LEASED LINE CONNECTIVITY OF 1000MBPS AND 500MBPS at SHAS**

**Tender Advt. No. 03/2025** **Date: 25.11.2025**

**No.E-** : Sealed tenders are invited from registered agencies (with GST registration having GSTIN) with adequate experience in taking up the works of Internet leased line connectivity of 1000 MBPS and 500 MBPS at SHAS and terms and conditions may be downloaded from the websites: **www.nhmodisha.gov.in** and **www.gjay.odisha.gov.in** (under link "Tender"). A pre-bid meeting shall be held on **04.12.2025, 03.30 PM at NHM Conference Hall, Unit-8, Bhubaneswar**. The tender should reach the office of the undersigned by **16.12.2025 (till 03.30 PM)**. The Tender will be opened at **04.00 PM on 17.12.2025 at NHM Conference Hall, Unit-8, Bhubaneswar**. Any changes in the tender document including extension if any shall only be notified in the website mentioned above.

The undersigned reserves the right to reject any or all the tenders / cancel the tender without assigning any reason thereof.

**Sd./- Chief Executive Officer**
**State Health Assurance Society,**
**Odisha**

---

## OFFICE OF THE DIRECTOR, TEXT BOOK PRODUCTION & MARKETING
No.n-200

Kharvel Nagar, Unit-III, Bhubaneswar-1
Tele No.-0674-2380871, Email ID : directortbpmodisha@gmail.com

**1st CORRIGENDUM**

**No.7496/TBPM,** **Dated : 25.11.2025**

Transport Tender Notice No.7176/TBPM, Dated.12.11.2025

Last Date of tender may be read as : Dated 09.12.2025 instead of 05.12.2025 (page No.3,6,7,8,13)

Opening of the tender may be read as : Dated 10.12.2025 instead of 06.12.2025 (page No.3,6,7,8,13)

The tenderer will have to submit original D.D. GST amount, Tender Form cost & EMD by 09.12.2025 instead of 05.12.2025.

The fresh BOQ has been uploaded for necessary action.

All other terms and conditions remain unchanged.

OIPR- **Sd./- Director**

---

## ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751007,Tel:2545586/2545852
email: serifedodisha@gmail.com, website:www.serifedodisha.in

**TENDER CALL NOTICE**

**Bid Identification No.: VI-10(12)/SERIFED/2025-26/2051/Dt.25.11.2025**

No.CAD-2458: The MANAGING DIRECTOR(SERIFED), Odisha, Bhubaneswar invites sealed tenders in single cover bids from the registered contractors for 04 no. of work at different places of Odisha. The bid documents such as DTCN/BOQ etc. can be seen/downloaded from the website: www.sidacodisha.org.in. during the period dt.28.11.2025 to 5.00 PM upto 04.12.2025. Tender shall be received till 5.00 PM on 04.12.2025 & shall be opened at 11.30 AM on 05.12.2025. Any addendum/ corrigendum/ cancellation of tender can also be seen in the said website.

OIPR- **Sd./- Managing Director**

---

idco | ODISHA NEW OPPORTUNITIES
No.CAD-2397

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.-BBSR/ELECT/E-4811/25-26/3291 Dated : 17.11.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**Name of the Work : Construction of 11 KV line & 25 KVA DSS towards Power Supply to new street lights in front of OPTCL GSS road at Infovalley-II, Khordha**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-147/ 2025-26 | 26.11.2025 at 17.00 Hrs. | 06.12.2025 at 17.00 Hrs. |

Further details can be seen from the e-procurement portal : www.tendersodisha.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

**Sd./- Divisional Head (Elect)-I**
**IDCO, Bhubaneswar**
OIPR-

---

## Government of Odisha "e" Procurement Notice No-06
No.b-33

Ph.No.0674-2540603, E-mail Id: senhcnorth_bbsr@rediffmail.com

**Identification No.06/CCE NH, NORTHERN of 2025-26**

| Sl. No. | Name of the Work | Value of Work (Rs. in Lakh) | Period of completion (in calendar months) | Last date/time for receipt of bids | Date of Opening of tender | Name and address of the officer inviting tender |
|---|---|---|---|---|---|---|
| 01 | Construction of RCC Drain at Brahmagiri of NH-316 in the state of Odisha for the year 2025-26 | 468.60 | 03 (Three) | 16.12.2025 upto 17.30 hours | 19.12.2025 At 11.30 hours | Chief Construction Engineer, O/o the Chief Construction Engineer, Northern NH Circle, Unit-IX (Flat) Bhubaneswar-22 |

02. Further details can be seen from the "e" procurement website www.tendersodisha.gov.in with effect from 10.00 hours of 02.12.2025. 03. Addendum/Corrigendum/Cancellation of tender if required shall be hosted in the aforesaid website only. 04. The authority reserves the right to cancel any/ all bids without assigning any reason.

OIPR-
**Sd./- Chief Construction Engineer**
**Northern NH Circle, Bhubaneswar**

---

## OFFICE OF THE EXECUTIVE ENGINEER (AGRIL.), AGRIL ENGG.DIVISION, NAYAGARH
E-mail ID: eeagril.nayagarh@gmail.com
INVITATIONS FOR BIDS THROUGH e-Procurement
**Bid Identification No/e-Procurement Notice No.890/2025/Agril. Date-21.11.2025**
**E.E. (AGRIL.), NAYAGARH-03/2025-26**

No.L-114:The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites Percentage Rate Bids in Single Cover system for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding G.S.T.) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1. | Supply & Installation of WorkStation and additional cubicles for Directorate of Agriculture & Food Production ,Odisha,Krushi Bhawan | 16,31,606.00 | 6,000.00 | 16,500 | C & D | 03 (Three Calendar Months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in. Bid documents will be available in above website from Dt. 25.11.2025 at 11.00AM to Dt.05.12.2025up to 5.00 P.M for "ONLINE BIDDING". Date of original bid documents submission from Dt. 25.11.2025 at 11.00AM to Dt.06.12.2025up to 5.00 P.M. Bids shall be opened at 11.00 AM on Dt.08.12.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website www.tendersodisha.gov.in. N.B: Subsequent corrigendum/addendum if required shall be available in the website as indicated above.

OIPR- **Sd./- Executive Engineer (Agril.), Nayagarh Division, Nayagarh**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOLE, PO-SUNGUDA, JAJPUR- 754296, Tel.No.-0671-2444488, Email:serw_kpd@yahoo.com

Letter No.3912, **1st Corrigendum Notice** Date:21.11.25

**1st Corrigendum to Bid Identification No. Tender Online RCK-19/25 invited by this Office Letter No.3650, Dt.31.10.2025**
**No.O-1588:**The changes as detailed below are hereby made in the above N.I.T.:- **1 Clause no 06 of NIT modified below:**

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Work Circle, Kendrapara-Jajpur | Tender RCK-19/25 | From 10.11.2025 at 11.00 AM to 25.11.2025 upto 05.00 PM | From 30.11.2025 at 11.00 AM to 09.12.2025 upto 05.00 PM | 25.11.2025 upto 02.00 PM | 09.12.2025 upto 02.00 PM | 26.11.2025 at 11.00 AM | 10.12.2025 at 11.00 AM | Will be Intimated Later | Will be Intimated Later |

**All other conditions of NIT remain unaltered.**

OIPR-
**Sd./- Chief Construction Engineer**
**Rural Works Circle, Kendrapara-Jajpur**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
No.O-1497: **e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of Roads in the district of Bolangir and Subarnapur under the Scheme of MMSY-TRIP/ MMSY-CUVDA/ MMSY-CMRL for the year 2025-26 |
| 2. | No. of Works | : | 23 (Twenty Three) works |
| 3. | Time for Completion | : | 9 (Nine) to 12 (Twelve) Calendar Months |
| 4. | Approximate estimated cost varies from | : | Rs.149.65 lakhs to Rs.614.98 lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | **Other details are as follow** | : | |

| Procurement Officer | Bid Identification No. | Availability of tender Online for bidding: From | Availability of tender Online for bidding: To | Last Date & Time of seeking Tender Clarification | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|---|---|
| Chief Construction Engineer, R. W. Circle, Bolangir | BLGR-Online - 33/2025-26 | 26.11.2025 at 11.00 A.M. | 17.12.2025 upto 5.00 PM | 16.12.2025 upto 5.00 PM | 18.12.2025 at 11.00 AM | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR-
**Sd./- Chief Construction Engineer,**
**R.W. Circle, Bolangir**

---

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER GHUMSUR NORTH DIVISION
Bhejiput, Bhanjanagar, Ganjam, Odisha, Pin-761126
Tele/Fax:06821-240164, E-mail:dfo.ghumsurnorth@odisha.gov.in
Letter No.7901/ Dtd.25.11.2025

**SHORT TENDER CALL NOTICE**

No.MM-303 **INVITATION FOR BIDS (IFB)**

**E-Procurement Bid Identification No.GH(N)-BNJ-F.E. & C.C.-02/2025-26**

1. Name of Work : Construction of Buildings
2. No. of Works : 02 Nos.
3. No. of Covers : Single Cover
4. Estimated Cost : Rs.11.37 to Rs.11.38 Lakhs
5. Period of Completion : Three Calendar Months
6. Date & Time of availability of bid documents in portal : From 11.00 AM of dated 26.11.2025 to 05.00 PM of dated 03.12.2025
7. Last date/time for receipt of bids in the portal : Upto 5.00 PM of 03.12.2025
8. Date of Opening of bid documents : At 11.30 A.M. of 04.12.2025
9. Class of Contractor : "C" & "D" Class Contractor
10. Name and address of Officer Inviting Bid : Divisional Forest Officer Ghumsur North Forest Division Bhejiput, Bhanjanagar

Further details can be seen from the e-Procurement portal **www.tenderodisha.gov.in.** The Addendum/Corrigendum if any will be hosted in the website only.

OIPR-
**Sd./- Divisional Forest Officer**
**Ghumsur North Forest Division**

---

## OFFICE OF THE MUNICIPAL COUNCIL : GUNUPUR
Letter No.2194 Dt.20.11.2025

**Quotation Call Notice**

**No.C-1563** : Sealed quotations are invited from the intending firms/ suppliers/manufacturers/ Dealers for **"Supply of Hydraulic Tractor Trailor to Gunupur Municipality"**. The prescribed quotation document, related terms & conditions will be available at Gunupur Municipality office from **11:00 AM on 21.11.2025 to 1:00 PM on 29.11.2025**. Interested bidder shall have to deposit of Rs.2,000/- at Gunupur Municipality or submitting a Demand Draft of Rs.2,000/- from any scheduled Commercial Bank or any Nationalized Bank in favour of Executive Officer, Gunupur Municipality payable at Gunupur towards the quotation document cost. The quotation should reach in the office of the Executive Officer, Gunupur Municipality on or before **Dt-29.11.2025 by 4.00 P.M** through registered post / speed post/ courier or by hand and the same will be open on **01.12.2025 at 11.00 A.M** in the presence of bidder or their authorized agent if present. The rate should be quoted inclusive of all taxes including transportation charges etc. The Bidder shall have to submit the valid PAN & GST along with the quotation. The quotation received after due date and time will not be entertained. The undersigned reserves the right to cancel/reject any or all the quotation without assigning any reason thereof.

OIPR-
**Sd./- Executive Officer**
**Gunupur Municipality**

---

## OFFICE OF THE NOTIFIED AREA COUNCIL, KARANJIA, DIST-MAYURBHANJ
Email ID: karanjian.hud@ori.nic.in
No.1668/ NAC, Date: 25.11.25
No.C-1574

**"e" Procurement Notice**
**BID Identification No.NAC-KJA-05/2025-26**

Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

1. Name of the Work : Civil Construction works as mentioned in website
2. No. of Works : As per DTCN
3. Estimated Cost : As per DTCN
4. Class of Contractor : As per DTCN
5. Period of Completion : As per DTCN
6. Date & Time of availability of bid documents in the portal : Dt.26.11.2025 to 8.12.2025 upto 5.00 P.M.
7. Last date/time for receipt of bids in the portal : Dt.08.12.2025 at 5.00 P.M.
8. Submission of Bid documents **(Tender Paper Cost, EMD, Affidavit** & Others documents as per DTCN dropping on the Office Tender BOX Otherwise tender will be rejected : Dt.09.12.2025 during office hours
9. Date & Time of opening of Bids : Dt.10.12.2025 at 11.00 AM
10. Name and address of the Officer Inviting Bid : Executive Officer, Karanjia N.A.C.

If the rate quoted by the bidder is less than 15% of the tender amount than such a bid shall be rejected. The authority reserves right to reject any or all the tenders without assigning any reason thereof.

Further details can be seen from the procurement portal i.e. **www.tendersorissa.gov.in.**

OIPR- **Sd./- Executive Officer, Karanjia N.A.C.**

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR
No.B-733

E-mail ID : eerbngpur@yahoo.com, Tel & Fax - 06858-222833 (O)

**e-Procurement Notice**
**Bid Identification No.S.E (R&B)-22/2025-26/NGP**
**No.6364 Date : 17.11.2025**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Electrical Work as mentioned in DTCN
2. No. of Work : 05 Nos.
3. Estimated Cost : Rs.6.73 Lakhs to 37.47 Lakhs
4. Period of Completion : 2 Calendar of Months
5. Date & Time of Bidding : from 11.00 hours of 25.11.2025 upto 16.00 hours of 05.12.2025
6. Last Date & Time for receipt of Bids in the Portal : 16.00 hours of 05.12.2025
7. Bids received online shall be opened on : 11.00 hours of 06.12.2025
8. Name and Address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

OIPR-
**Sd./- Superintending Engineer,**
**Nabarangpur (R&B) Division**

---

## OFFICE OF THE PANCHAYAT SAMITI, RAIGHAR
No.i-380

**Bid Identification No.02/2025-26**

| | | |
|---|---|---|
| 01. | Name of the Work | Const. of Kalyan Mandap at Raighar |
| 02. | No. of Work | 1 |
| 03. | Amount put to tender | Rs.44,19,776.00 |
| 04. | Period of Completion | 12 (Twelve) Calendar Months |
| 05. | Date of Tender paper available | 26.11.2025 to 09.12.2025 (Tender Paper to be downloaded from e-tender odisha.gov.in |
| 06. | Last date of receipt Tender Paper | 09.12.2025 (During office hours) only upto 5.30 PM |
| 07. | Date of Opening Tender Paper | 10.12.2025 (Time 11.00 AM) at Office Chamber of Block Development Officer, Raighar |
| 08. | Details of Terms & Conditions of the Tender | Bid documents consisting of the Schedule of quantities & the set of terms & conditions of contract & other necessary documents can be downloaded from the official web-site of e-procurement system of odisha. |
| 09. | Name & address of the Officer inviting Bid | Block Development Officer, Raighar |
| 10. | Cost of Tender documents | Rs.6000.00 (Rupees Six Thousand) only |
| 11. | Further details can be seen from the portal | e-procurement system of Odisha |

OIPR-
**Sd./- Block Development Officer, Raighar**

---

NO.N-212

## COUNCIL OF HIGHER SECONDARY EDUCATION ODISHA
C/2 PRAJNAPITHA, SAMANTAPUR, BHUBANESWAR-13

**NOTIFICATION**

**Bhubaneswar, Dated 25th November, 2025**

**Extension of Timeline for Central Sector Scheme of Scholarship**

No.S.W.116/2025/6166/CHSE(O), This is for information of the Students and INO/DNO that timeline for all Post Matric/Top class Central Sector Schemes of Scholarship has been extended as under.

| Particulars | Extension Granted Upto |
|---|---|
| Last date for filling up of applications forms | 30.11.2025 |
| Last date for first level (L1) verification of application forms | 15.12.2025 |
| Last date for second level (L2) verification of application forms | 31.12.2025 |

For detailed information please visit the web-site (NSP) www.scholarships.gov.in

By Order of the Chairman
OIPR- **Sd./- Secretary**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR
No.B-735

Mail ID : sepwdsbp@rediffmail.com

**e-Procurement**
**BID IDENTIFICATION NO. CCENC (R AND B) / 17 / 2025-26**
**No. 4318 Dtd.17.11.2025**

| | | | |
|---|---|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building Works** as detailed in the DTCN from the eligible class of contractors. | | |
| 2 | No. of works | : | **13 (Thirteen) (BUILDINGS Work)** |
| 3 | Tender Cost | : | **Rs. 10,000/-** |
| 4 | Class of contractor | : | **"B" Class, "A" Class and "Special" Class** |
| 5 | Date & Time of available in website & receipt of Bids from **26.11.2025** to **17.00 hours of 11.12.2025.** | | |
| 6 | Date of opening of Technical Bid **12.12.2025 at 11.00 hours** | | |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | | |
| 8 | Any corrigendum / Addendum will be displayed in the website www.tendersodisha.gov.in. | | |

OIPR-
**Sd./- Chief Construction Engineer**
**Northern (R&B) Circle,**
**Sambalpur**

---

## GOVERNMENT OF ODISHA, DEPARTMENT OF WATER RESOURCES
## Office of the Engineer-in-Chief, Water Resources Secha Sadan, Bhubaneswar
No.A-

**Email Address: cemech.eicwr.od@gmail.com**

**e-Procurement Notice-Bid Identification No.CEM/MDC-19/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDC-19/2025-26
5. Estimated Cost : Rs.87,81,832.00/-
6. Period of Completion : 03 (Three) Calendar Months
7. Date & Time of availability of bid documents in the Portal : From Dt.28.11.2025 (10.00 AM) to dt.09.12.2025 (5.30 PM)
8. Last date/time for receipt of bid in the Portal : dt.09.12.2025 (upto 5.30 PM)
9. Date and Place of Opening of Technical Bid : Dt.10.12.2025 (12.00 Noon onwards in the O/o the Undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical O/o the E.I.C. Water Resources Odisha, Bhubaneswar

Further details can be seen from the e-Procurement portal **https://tendersodisha.gov.in.** Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

OIPR-
**Chief Engineer, Mechanical**
**O/o-Engineer-in-Chief**
**Secha Sadan, Bhubaneswar**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେବାଶିଷଙ୍କ ଇସ୍ତଫାକୁ ନେଇ ତେଜିଲା ରାଜନୀତି

**ଭୁବନେଶ୍ୱର, ୨୬ା୧୧ (ସୁନିତ୍ ମିଶ୍ର)**

ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, କେତେଜଣ ସ୍ୱାର୍ଥପର ନେତା ଅଛନ୍ତି ସେମାନଙ୍କ ସ୍ୱାର୍ଥରେ ବାଧା ଆସିଲେ ଦଳ ଛାଡ଼ନ୍ତି, ଦଳ ବିରୋଧରେ କୁହନ୍ତି। ଯେତେ ସ୍ୱାର୍ଥପର ଲୋକ ଅଛନ୍ତି ଦଳରୁ ପଳାଇଲେ ଭଲ ହେବ। ଦଳ ଶୃଙ୍ଖଳାର ସହ ଚାଲିବ। ଦେବାଶିଷ ସାମନ୍ତରାୟ ଯେହେତୁ ଅସୁସ୍ଥ ଅଛନ୍ତି, ପଦବୀ ସମ୍ଭାଳି ପାରିବେନାହିଁ ବୋଲି ଇସ୍ତଫା ଦେଲେ। ସେ କୁହନ୍ତୁ , ଯେତେବେଳେ ପଦବୀରେ ଥିଲେ ଆଉ ଦଳ କ୍ଷମତାରେ ଥିଲା, ସେତେବେଳେ କେଉଁ ନୀତି ଆଦର୍ଶରେ ଦଳ ଚାଲୁଥିଲା। ସେତେବେଳେ କାହିଁ କିଛି କହୁ ନ ଥିଲେ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୁଣି ଥରେ ଦେବାଶିଷ କହିଛନ୍ତି, ୱକଫ୍ ବିଲ୍ ସମୟରେ ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଫୋନ୍ କରି ଗୃହରେ ଅନୁପସ୍ଥିତ ରହିବାକୁ କହିଥିଲେ। ତାଙ୍କ ହିସାବରେ ଭୋଟ ଦେବା ଲାଗି ସେ ଯାଇ ନ ଥିଲେ। କେତେଜଣ ଲୋକ ନବୀନବାବୁଙ୍କୁ ଦେଖାକରିବା ପାଇଁ ଦେଉନାହାନ୍ତି। ଭୂପିନ୍ଦର ସିଂଙ୍କୁ ମଧ୍ୟ ଦେଖା କରାଇଦେଲେନାହିଁ। ତାଙ୍କ ସହ ଦେଖାକରିବାକୁ ଚାହୁଁଥିବା ଜଣାଇ ଦିଆଯାଉ ନାହିଁ। ଆମେରିକାରୁ ପାଣ୍ଡିଆନ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହା ନବୀନ ନିବାସରେ ଥିବା ଜଣେ ସରକାରୀ ଅଧିକାରୀ ପାଳନ କରୁଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପଟେ ବିଜେଡିର ଏଭଳି ଆରୋପ ପ୍ରତ୍ୟାରୋପ ଭିତରେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଭାଜପା ହୁଇସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ବିଜେଡି ଆଉ ରହିବନି ତା' କଥା ଆଲୋଚାନା କରିକି କିଛି ଲାଭ ନାହିଁ। ଭାଜପା ହୁଇସିଲ୍ ଫୁଙ୍କିଲେ ବିଜେଡି ୧୨ ଫାଳ ହୋଇଯିବ। ଓଡ଼ିଶାକୁ ୨୪ ବର୍ଷ ଶାସନ କଲା ପରେ ନିର୍ବାଚନରେ ୩ ନମ୍ବରକୁ ଖସିଲା। ବିଧାନସଭାରେ ସେମାନଙ୍କ ସଂଖ୍ୟା ୫୧ରୁ ୫୦କୁ ଖସିଛି। ବର୍ଷେରୁ ୨ ବର୍ଷରେ ୪ରୁ ୫ ଜଣ ଥିବେ କି ନାହିଁ ଠିକ୍ ନାହିଁ।

# ବାଲେଶ୍ୱରରେ ଆମେରିକା ଫେରନ୍ତା ପୂଜା

**ବାଲେଶ୍ୱର, ୨୬ା୧୧ (ବାଞ୍ଛାନିଧି ଦେ)**

ଆମେରିକାରୁ ଫେରି ଆସିଥିବା ପୂଜା ନାୟକ ଓରଫ୍ ସେଜଲ ଜୋହନ ଏବେ ବାଲେଶ୍ୱର ନାରୀ ଶକ୍ତି ସଦନ (ନାରୀ ସଂଘ)ରେ ରହୁଛନ୍ତି। ତାଙ୍କୁ ନିର୍ଯାତନା ଦିଆଯିବା କଥା ମିଛ, ପ୍ରେମ ପାଇଁ ସେ ଆମେରିକା ଛାଡ଼ିଥିବା ଗଣମାଧ୍ୟମକୁ କହିଛନ୍ତି। ସେ ଭଲ ପାଉଥିବା ଅମରଙ୍କୁ ବିବାହ କରିବେ ଓ ତାଙ୍କ ସହ ରହିବେ ବୋଲି ମଧ୍ୟ କହିଛନ୍ତି। ବୁଧବାର ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି ନାରୀ ଶକ୍ତି ସଦନକୁ ଯାଇ ପୂଜାଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ଅପେକ୍ଷା ପୂଜା ଏବେ ଖୁସି ଅଛନ୍ତି। ଠିକ୍‌ଠାକ୍ ଭାବେ ଖିଆପିଆ କରୁଛନ୍ତି। ଯୋଗାଯୋଗ କରି ଅମରଙ୍କୁ ଆଣିବା ପରେ ପୂଜାଙ୍କ ସହ କାଉନସେଲିଂ କରାଯିବ ବୋଲି ସମାଜ ମଙ୍ଗଳ ଅଧିକାରୀ ମହାନ୍ତି କହିଛନ୍ତି।

# ୩ ବର୍ଷର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ସମ୍ମାନ ପ୍ରଦାନ



ପ୍ରଣବ କିଶୋର ପଟ୍ଟନାୟକ, ବାଦଲ ସିକ୍‌ଦାରଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୨୬ା୧୧ (ସୌମ୍ୟରଞ୍ଜନ ରାଉତ)**

କଳାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ଲାଗି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମର୍ଯ୍ୟାଦାଜନକ ସର୍ବୋଚ୍ଚ ସମ୍ମାନ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ସହ 'ଏକାଡେମୀ ପୁରସ୍କାର', 'ସୁନନ୍ଦା ପଟ୍ଟନାୟକ ସମ୍ମାନ', 'ଉପାୟନ' ଏବଂ 'କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏକାଡେମୀ ପକ୍ଷରୁ ବୁଧବାର ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ସମ୍ମାନ ଓ ପୁରସ୍କାର ପ୍ରଦାନ କରିଥିଲେ।

> **ପ୍ରଣବ କିଶୋର ପଟ୍ଟନାୟକ, ବାଦଲ ସିକ୍‌ଦାର, ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ, ସୁଧାକର ସାହୁ, ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନ ପାଇଲେ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'**

### ୨୦୨୩ ବର୍ଷର ସମ୍ମାନିତ କଳାକାର

୨୦୨୩ ବର୍ଷ ପାଇଁ ଡ. ପ୍ରଣବ କିଶୋର ପଟ୍ଟନାୟକ ଏବଂ ବାଦଲ ସିକ୍‌ଦାରଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ମିଳିଥିବାବେଳେ ଅଭିନୟରେ ଡ. ସମିତାରାଣୀ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା ଓ ଅନୁଜ କୁମାର ପଟ୍ଟନାୟକ, ନାଟ୍ୟ ରଚନାରେ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ନିର୍ଦ୍ଦେଶନାରେ ଲଲାଟେନ୍ଦୁ ରଥ ଓ ସତ୍ୟନାରାୟଣ ଜେନାଙ୍କ ସମେତ ବିଭିନ୍ନ କ୍ଷେତ୍ରରୁ ଚୟନ ହୋଇଥିବା କଳାକାରଙ୍କୁ 'ଏକାଡେମୀ ପୁରସ୍କାର' ପ୍ରଦାନ କରାଯାଇଛି। ସେହିପରି ନୃତ୍ୟରେ ହରିହର ମହାନ୍ତି, ସଙ୍ଗୀତରେ ନିର୍ମଳ କୁମାର ମହାପାତ୍ର, ବାସନ୍ତୀ ଦାସ, ନାଟକରେ ସୀତାକାନ୍ତ ମହାନ୍ତି, ଗୋଲେଖ ଜୟସିଂ, ଲୋକକଳାରେ ଗାନ୍ଧୀ ବାରିକ, ଲଡୁ ବିଶ୍ୱାଳଙ୍କୁ 'ଉପାୟନ' ସମ୍ମାନ ମିଳିଛି। ଓଡ଼ିଶୀ କଣ୍ଠସଙ୍ଗୀତରେ ରୂପକ କୁମାର ପରିଡ଼ା, କଣ୍ଠସଙ୍ଗୀତରେ ଡା. ଚନ୍ଦନ କୁମାର ଗନ୍ତାୟତ, ଓଡ଼ିଶୀ ନୃତ୍ୟରେ ପ୍ରଭାତ କୁମାର ସ୍ୱାଇଁ ଓ ରାଜଶ୍ରୀ ପ୍ରହରାଜ, ନାଟ୍ୟ ନିର୍ଦ୍ଦେଶନାରେ ଦେବବ୍ରତ ପଟ୍ଟନାୟକ, ଅଭିନୟରେ ମନୀଷା ରଥ, ଲୋକନୃତ୍ୟରେ ସ୍ୱରୂପା ସିଂ, ଲୋକନାଟ୍ୟରେ ରାଧେଶ୍ୟାମ ତରାଇ, ଲୋକବାଦ୍ୟରେ ଗୌରୀଶଙ୍କର ଦୁର୍ଗାଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି।

### ୨୦୨୪ ବର୍ଷର ସମ୍ମାନିତ କଳାକାର

୨୦୨୪ ଲାଗି 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ଯନ୍ତ୍ରସଙ୍ଗୀତ-ବଂଶୀରେ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟରେ ସୁଧାକର ସାହୁଙ୍କୁ ପ୍ରଦାନ କରାଯାଇଛି। ଅଭିନୟ କ୍ଷେତ୍ରରେ ସତ୍ୟରଞ୍ଜନ ବେହେରା, ଅଶ୍ରୁମୋଚନ ମହାନ୍ତି ଓ ପ୍ରକାଶ ମହାରଣାଙ୍କୁ ଦିଆଯାଇଛି। ନାଟ୍ୟ ରଚନା କ୍ଷେତ୍ରରେ ଡ. ସମର ମୁଦୁଲି, ପ୍ରଦୀପ ଭୌମିକ, ନିର୍ଦ୍ଦେଶନା କ୍ଷେତ୍ରରେ ମିହିର ମେହେର, ଭକ୍ତି ସଙ୍ଗୀତରେ ଶୈଳଭାମା ମହାପାତ୍ର, ସୁଗମ ସଙ୍ଗୀତରେ ବିଷ୍ଣୁଚରଣ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ କୁମାର ମିଶ୍ର ଓ ପ୍ରଫୁଲ୍ଲ କୁମାର ମିତ୍ର, ମଞ୍ଚକଳା କ୍ଷେତ୍ରରେ ବସନ୍ତ କୁମାର ମହାନ୍ତି, ପ୍ରଦର୍ଶନ କଳାକ୍ଷେତ୍ରରେ ସଂଗଠକ ଭାବେ ଶୁଭକାନ୍ତ ପାଢ଼ୀ ଓ ପ୍ରସନ୍ନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରର ବହୁ କଳାକାରଙ୍କୁ 'ଏକାଡେମୀ ପୁରସ୍କାର' ଦିଆଯାଇଛି। ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତରେ କରୁଣାକର ନାୟକ ଓ ରାଜେଶ ଷେଣ୍ଢଙ୍କୁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ' ମିଳିଛି। 'ଉପାୟନ' ସମ୍ମାନରେ ନୃତ୍ୟରେ ସନ୍ଧ୍ୟା ସରକାର, ସଙ୍ଗୀତରେ ବିଶ୍ୱନାଥ ରଥ, ସଙ୍ଗୀତରେ କେଶବ ଚରଣ ଜେନା, ନାଟ୍ୟକଳାରେ ପ୍ରାଣକୃଷ୍ଣ ବେହେରା, ନାଟ୍ୟକଳାରେ ବିଭୂତି ଭୂଷଣ ପଟ୍ଟନାୟକ, ଲୋକକଳାରେ କାହ୍ନୁଚରଣ ପ୍ରଧାନ ଓ ଚିନ୍ତାମଣି ନାୟକଙ୍କୁ ସମ୍ମାନିତ କରାଯାଇଛି। 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ'ରେ ଓଡ଼ିଶୀ କଣ୍ଠସଙ୍ଗୀତ ପାଇଁ ହିମାଂଶୁ ଶେଖର ସ୍ୱାଇଁ, ଓଡ଼ିଶୀ ନୃତ୍ୟ ପାଇଁ ଗୌରୀଶଙ୍କର ଦାଶ, ଛଉନୃତ୍ୟ ପାଇଁ ଶିବଚରଣ ମହାନ୍ତି, ଅଭିନୟ ପାଇଁ ପ୍ରଜ୍ଞାରଞ୍ଜନ ଖଟୁଆ, ମଞ୍ଚକଳା ପାଇଁ ଦେବୀପ୍ରସାଦ ମିଶ୍ର, ଲୋକଗୀତ ପାଇଁ ସୌମ୍ୟଜିତ୍ ସୌମେତ୍ରୀ ବଡ଼ପଣ୍ଡା ଓ ଲୋକବାଦ୍ୟ ନିମନ୍ତେ ସୁନୀଲ ବିଭାରଙ୍କୁ ସମ୍ମାନିତ କରାଯାଇଥିଲା।

### ୨୦୨୫ ବର୍ଷର ସମ୍ମାନିତ କଳାକାର

୨୦୨୫ ବର୍ଷ ପାଇଁ ଓଡ଼ିଶୀ କଣ୍ଠସଙ୍ଗୀତରେ ଘନଶ୍ୟାମ ପଣ୍ଡା ଓ ଶବ୍ଦ ନୃତ୍ୟରେ ଭାଗବତ ପ୍ରଧାନଙ୍କୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ପ୍ରଦାନ କରାଯାଇଛି। 'ଏକାଡେମୀ ପୁରସ୍କାର'ରେ ନାଟକ ବିଭାଗରେ ଶତ୍ରୁଘ୍ନ ମାଟି, ଲକ୍ଷ୍ମୀପ୍ରଭା ପତି ଓ ଦିଲୀପ କୁମାର ଦାଶ, ନାଟ୍ୟ ରଚନାରେ ପଞ୍ଚାନନ ଦାଶ, ନାଟ୍ୟ ନିର୍ଦ୍ଦେଶନାରେ ସୁଧାଂଶୁ ମୋହନ ଦ୍ୱିବେଦୀ, ମଞ୍ଚକଳାରେ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ କ୍ଷେତ୍ରର କଳାକାରଙ୍କୁ ସମ୍ମାନିତ କରାଯାଇଛି। ସେହିପରି 'ଉପାୟନ' ସମ୍ମାନ ନୃତ୍ୟରେ ଲିଙ୍ଗରାଜ ବାରିକ, ନାଟ୍ୟକଳାରେ ଭବାନୀ ଶଙ୍କର ମହାପାତ୍ର, ନାଟ୍ୟକଳାରେ ମଦନ ମୋହନ ମିଶ୍ର ଓ ଲୋକକଳାରେ ଭାସ୍କର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବାବେଳେ ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତରେ ଡ. ଚନ୍ଦନ କୁମାର ଜେନାଙ୍କୁ 'ସୁନନ୍ଦା ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଇଛି। 'କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ' ସଙ୍ଗୀତରେ ବିଷ୍ଣୁମୋହନ କବି, ବାଦ୍ୟରେ ବୈଭବ ଦାଶ, ଓଡ଼ିଶୀ ନୃତ୍ୟରେ ଅରୂପା ଗାୟତ୍ରୀ ପଣ୍ଡା, ଛଉନୃତ୍ୟରେ ସଚିନ ଧଡ଼ା, ମଞ୍ଚକଳାରେ ପ୍ରଜ୍ଞାଦତ୍ତ ସାହୁ, ଗୋଟିପୁଅ ନୃତ୍ୟରେ ଚିତ୍ରସେନ ସ୍ୱାଇଁ ଏବଂ ଲୋକବାଦ୍ୟରେ ଶ୍ୟାମଘନ ବେହେରାଙ୍କୁ ପ୍ରଦାନ କରାଯାଇଛି।

# ମେଡିକାଲରୁ ପଳାଇ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଆତ୍ମହତ୍ୟା

**ଛତ୍ରପୁର, ୨୬ା୧୧ (ଦିଲୀପ ସାମଲ)**

ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ଯୁବକ ଖସି ପଳାଇଯାଇ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢ଼ି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଥାନା ଅଧୀନ ଖଟିଆ ରାମଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ଦାସ। ରବୀନ୍ଦ୍ର ମଙ୍ଗଳବାର ରାତିରେ ଛତ୍ରପୁର ମେଡିକାଲକୁ ଚିକିତ୍ସା ପାଇଁ ତାଙ୍କ ମା' ମହାଲି ଦାସ ଓ ସ୍ତ୍ରୀ ମାମି ଦାସଙ୍କ ସହ ଆସିଥିଲେ। ଡାକ୍ତରଙ୍କ ପରାମର୍ଶରେ ସେ ୱାର୍ଡରେ ଭର୍ତ୍ତି ହୋଇଥିଲେ। ବିଳମ୍ବିତ ରାତିରେ ରବୀନ୍ଦ୍ର ମେଡିକାଲରୁ ବାହାରି ଚାଲି ଚାଲି ବ୍ୟାରେକ ସାହି ଆସିଥିଲେ। ସ୍ତ୍ରୀ ଓ ମା' ତାଙ୍କ ପିଛା କରୁଥିଲେ ମଧ୍ୟ ତାଙ୍କୁ ଅଟକାଇ ପାରି ନ ଥିଲେ। ରବୀନ୍ଦ୍ର ବ୍ୟାରେକ ସାହି ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପାଚେରିକୁ ଚଢିଯିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ସେଠାରେ ଜୀବନ ହାରିଥିଲେ। ଖବରପାଇ ଛତ୍ରପୁର ପୋଲିସ, ଅଗ୍ନିଶମ ଓ ବିଦ୍ୟୁତ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିବା ବେଳେ ପୋଲିସ ତାହାକୁ ଜବତ କରିଥିଲା। ଏ ନେଇ ନଂ.୨୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବୀନ୍ଦ୍ର ଜଣେ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ତାଙ୍କର ମାନସିକ ଅବସ୍ଥା ଠିକ୍ ରହୁ ନ ଥିଲା ବୋଲି ସ୍ତ୍ରୀ ମାମି କହିଛନ୍ତି। ରେଡକ୍ରସରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

# ଲାଲ୍‌କିଲ୍ଲା ବିସ୍ଫୋରଣକାରୀଙ୍କୁ ଆଶ୍ରୟ ଦେଇଥିବା ବ୍ୟକ୍ତି ଗିରଫ

**ନୂଆଦିଲ୍ଲୀ, ୨୬ା୧୧ (ପି.ଟି.)**


ଦିଲ୍ଲୀର ଲାଲ୍‌କିଲ୍ଲା ବାହାରେ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀ ଡା. ଉମର-ଉନ୍ ନବୀଙ୍କୁ ଆଶ୍ରୟ ଦେଇଥିବା ହରିୟାଣାର ଫରିଦାବାଦ ଅନ୍ତର୍ଗତ ଧୌଜ ଅଞ୍ଚଳର ସୋୟବଙ୍କୁ ଜତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିଛି। ଗତ ୧୦ ତାରିଖରେ ଘଟିଥିବା ଏହି ବିସ୍ଫୋରଣରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ମାମଲାରେ ଗିରଫ ହେବାରେ ସୋୟବ ୭ମ ଅଭିଯୁକ୍ତ। ଆତ୍ମଘାତୀ ଆକ୍ରମଣ ମାମଲାରେ ଏନ୍‌ଆଇଏ ତଦନ୍ତ ଜାରି ରଖିଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649


CONSTRUCTION

CIVIL ENGINEER CUM CONTRACTOR UNDERTAKE CONSTRUCTION WORKS OF BUILDINGS PLANNING & DESIGN. MOB.- 8144815298. D-2693

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686

## AFFIDAVIT

By virtue of an affidavit No.- 4020 on dated- 24.11.2025 Sworn Before The Executive Magistrate, Rajanagar, Kendrapara, That I have changed my name from Swornalata Mandal to Swarnalata Mandal, W/o.- Debadulal Mandal, Village- Talachua, P.O.- Talachua, P.S.- Marine Police Station Talachua, Dist.- Kendrapara, PIN- 754248. Both Swarnalata and Swornalata are same and identical person. Henceforth, I shall be known as Swarnalata Mandal for future purposes including passport. D-76875

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before Executive Magistrate, Bargarh, I, Pramila Chhatar, W/o.- Binayak Chhatar, Resident of Tora, Nandatikra, P.O.- Tora, Dist.- Bargarh hereby declared that formerly I was known as Subasini Dip, D/o.- Maheswar Dip, Resident of Tora, Nandatikra, P.O.- Tora, Dist.- Bargarh, that Subasini Dip and Pramila Chhatar is same and one person.
Pramila Chhatar D-2690

By virtue of an affidavit sworn before the Executive Magistrate, G.udayagiri, Dtd.- 25.11.2025, I, Tilottama Behera, W/o.- Jaladhara Behera, Address At- G.udayagiri Srirampada, P.O/P.S.- G.udayagiri, Dist.- Kandhamal, Odisha declare that now I have changed my name from Tilottamadebi Behera to Tilottama Behera. Henceforth, I shall be known as Tilottama Behera for all purposes.
Tilottama Behera D-2688

I, Arpana Vinaykumar Hallur, W/o.- Vinaykumar Hallur, Resident of At- Flat No.- 213, 9- Arcadia, Patrapada, Bhubaneswar, Dist.- Khordha, Odisha, PIN- 751019, declare by this affidavit No.- 37810, Dtd.- 24.11.2025, that from now onwards I shall be known as Arpana Ningoji for all future purposes. D-2687

By this affidavit sworn before the Executive Magistrate, Boudh, No.- 1591, Dtd.- 24.11.25, I, Shraddhanjalee Bisi, W/o.- Narendra Badamali, R/o. Village- Maneswar, P.O.- Sangrampur, P.S.- Baunsuni, Dist.- Boudh, Odisha, PIN- 762015, declare that I have changed my name from Sradhanjani Bishi to Shraddhanjalee Bisi. Henceforth, I shall be known as Shraddhanjalee Bisi for all purposes.
Shraddhanjalee Bisi. D-2691

By virtue of an affidavit sworn before Executive Magistrate, Simulia, dated- 25.11.2025, I, Jagannatha Bhuyan Bhanja Ray (new name), S/o.- Gananatha Bhuyan Bhanja Ray, Address At- Iswarpur, P.O.- Chandrapada, P.S.- Simulia, Dist.- Balasore, Odisha, PIN-756134, declare that I have changed my name from Jagannath Pal (old name) to Jagannatha Bhuyan Bhanja Ray (new name). Henceforth, I shall be known as Jagannatha Bhuyan Bhanja Ray (new name) for all purposes. D-2692

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**
ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

**ସ୍ୱର୍ଗତ ରମେଶ ଚନ୍ଦ୍ର ମହାପାତ୍ର**
(ବିଜ୍ଞାନ ଶିକ୍ଷକ, ସାରସ୍ୱତ ବିଦ୍ୟାପୀଠ, ବୀରତୁଙ୍ଗ)
ଗ୍ରାମ: ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ: ୧୨ା୦୧ା୧୯୬୪
ତିରୋଧାନ: ୦୬ା୧୨ା୨୦୧୬
ଚାହୁଁ ଚାହୁଁ ୯ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସର୍ବଦା ରହୁଥାଉ। ଆଜିର ଏହି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୩୧୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ବାଟୁଲିଖଡ଼ାରେ ଆକ୍ରମଣ, ଏଏନ୍‌ଏମ୍‌ଙ୍କ ବାମ ଆଖି ନଷ୍ଟ

**ଦାରିଙ୍ଗବାଡ଼ି, ୨୬ା୧୧ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଦୁର୍ଗମ ସୋନପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ବୁଲିଦେଇ ସାହୁଙ୍କୁ ବାଟୁଲିଖଡ଼ାରେ ଆକ୍ରମଣ ହୋଇଛି। ବୁଲିଦେଇ ମଙ୍ଗଳବାର ରାତିରେ ସରକାରୀ ବାସଭବନ ଗେଟ୍‌ରେ ତାଲା ଦେବାକୁ ଆସିଥିବା ବେଳେ ପୂର୍ବରୁ ବାହାରେ ଥିବା ଜଣେ ଦୁର୍ବୃତ୍ତ ତାଙ୍କୁ ବାଟୁଲିଖଡ଼ା ମାରିଥିବା ସିସିଟିଭିରେ କଏଦ ହୋଇଛି। ବାଟୁଲିଖଡ଼ା ଗୋଲିଟି ବୁଲିଦେଇଙ୍କ ଚଷମା କାଚଭାଙ୍ଗି ବାମ ଆଖିରେ ପଶିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍‌ସ୍‌କୁ ନିଆଯାଇଥିବା ବୁଲିଦେଇଙ୍କ ସ୍ୱାମୀ ଶୀତିକାନ୍ତ ସାହୁ କହିଛନ୍ତି। ସିସିଟିଭି ଫୁଟେଜ ଦେଖି ପରିବାର ଲୋକେ ଅଭିଯୁକ୍ତଙ୍କୁ କାବୁକରି ଦାରିଙ୍ଗବାଡି ଥାନା ପୋଲିସ ଜିମା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣା ପ୍ରତିବାଦରେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ୨୫ଟି ପଞ୍ଚାୟତରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ବୁଧବାର ଶିଶୁ, ଗର୍ଭବତୀ, ପ୍ରସୂତିମାନଙ୍କ ଟିକାକରଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିବା ଇନ୍‌ଚାର୍ଜ ଡା.ଜାକେଶ ସାମନ୍ତରାୟ କହିଛନ୍ତି। ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଘଟଣା ପ୍ରତିବାଦରେ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ମହିଳା ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା.ସାମନ୍ତରାୟକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି କାର୍ଯ୍ୟରତ ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ସରକାର ନୂଆ ନିୟମ ଆଣନ୍ତୁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ମହିଳା ସ୍ୱାସ୍ଥ୍ୟକର୍ମୀମାନେ କହିଛନ୍ତି। ଦାବି ସମ୍ପର୍କରେ ଦାରିଙ୍ଗବାଡି ଥାନା ଅଧିକାରୀ, ବିଡିଓ, ତହସିଲଦାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବିଭାଗୀୟ ସଚିବ, ମନ୍ତ୍ରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଥିବା ସଂଘର ବ୍ଲକ୍ ସଭାନେତ୍ରୀ ବିଦେଶିନୀ ଦାସ, ନର୍ମଦା ମହାରଣା, ନିରୁପମା ପ୍ରଧାନ ପ୍ରମୁଖ କହିଛନ୍ତି।

# ସାତକୋଶିଆ ମହାନଦୀ ଗଣ୍ଡରେ ଗୀତ ସୁଟିଂ ନେଇ ଅସନ୍ତୋଷ


ମହାନଦୀ ଗଣ୍ଡ ଭିତରେ ଗୀତ ସୁଟିଂ କରାଯାଉଛି।

**ବନ୍ତଳା, ୨୬ା୧୧ (ସୁଶିତ ସାହୁ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ମହାନଦୀ ଗଣ୍ଡକୁ ଚଳିତବର୍ଷ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ବନ୍ଦ ରଖାଯାଇଛି। ହେଲେ ମଙ୍ଗଳବାର ଏଠାରେ ଗୀତ ସୁଟିଂ କରାଯାଇଥିବା ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଗଣ୍ଡରେ କୁମ୍ଭୀର ଥିବାବେଳେ ବନ ବିଭାଗ ପକ୍ଷରୁ କର୍ମଚାରୀମାନେ ଏଠାରେ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସାତକୋଶିଆ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ଗଣ୍ଡ ନିକଟକୁ ଛଡ଼ାଯାଉ ନ ଥିବା ବେଳେ କିପରି ଭାବେ ନଦୀ କୂଳରେ ପ୍ରାୟ ୫୦ରୁ ଅଧିକ ଲୋକଙ୍କୁ ନେଇ ଗୀତ ସୁଟିଂ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟିକରପଡ଼ାର କେତେଜଣ ଲୋକଙ୍କ କହିବା ଅନୁଯାୟୀ, ଗୀତ ସୁଟିଂ ପାଇଁ ଆସିଥିବା ଲୋକେ ଓ ବନ ବିଭାଗର କେତେଜଣ କର୍ମଚାରୀ ସେଠାରେ ମାଂସ ଭୋଜି କରି ଖାଇଛନ୍ତି। ଏ ନେଇ ଟିକରପଡ଼ା ରେଞ୍ଜ ଦାୟିତ୍ୱରେ ଥିବା ଲିଙ୍ଗରାଜ ଭୋଇ କହିଛନ୍ତି, ଗୀତ ସୁଟିଂ ଘଟଣା ସମ୍ପର୍କରେ କିଛି ଜାଣିନାହିଁ। ସାତକୋଶିଆ ଡିଏଫ୍‌ଓ ଗଦାଧର ପାତ୍ରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାବେଳେ ଆର୍‌ସିସିଏଫ ଡ. ସଞ୍ଜୟ ସ୍ୱାଇଁ କହିଛନ୍ତି, ଜନସଚେତନତା ପାଇଁ ସାତକୋଶିଆ ଉପରେ ଏକ ଡକ୍ୟୁମେଟାରି ସୁଟିଂ ହେଉଛି।

**ମାଷ୍ଟରମାଇଣ୍ଡ ନିଲେଶଙ୍କୁ ଡିଜିଜିଆଇ ଜେରା**

ଭୁବନେଶ୍ୱର,(ସତ୍ୟଜିତ ରାଉତ): ଓଡ଼ିଶାର ବ୍ୟବସାୟୀଙ୍କ ଜିଏସ୍‌ଟି ନମ୍ବରକୁ ବ୍ୟବହାର କରି ୩୨୫ କୋଟି ଟଙ୍କା ଠକେଇ ଘଟଣାରେ ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ (ଡିଜିଜିଆଇ) ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ନିଲେଶ ଯୋଗେଶ ଜିଗିୱାଲାଙ୍କୁ ଜେରା କରାଯାଇଛି। ତଦନ୍ତକାରୀ ଟିମ୍ ମଙ୍ଗଳବାର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ପହଞ୍ଚି ନିଲେଶଙ୍କୁ ପଚରାଉଚରା କରି ବହୁ ତଥ୍ୟ ହାସଲ କରିଛି। ନଭେମ୍ବର ପ୍ରଥମ ସପ୍ତାହରେ ମୁମ୍ବାଇରୁ ନିଲେଶ ଯୋଗେଶ ଜିଗିୱାଲାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ପୂର୍ବରୁ ନିଲେଶଙ୍କ ଜଣେ ମହିଳା ସହଯୋଗୀଙ୍କୁ ଗିରଫ କରାଯାଇଥିଲା।

# ୪ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବ ସିବିଆଇ

**ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ଜେଲରେ ପଚରାଉଚରା କଲା ଇଡି
- ମିଛଧରା ପରୀକ୍ଷା ପାଇଁ ସିବିଆଇ କରିବ ଆବେଦନ

ଭୁବନେଶ୍ୱର, ୨୬।୧୧(ତ୍ରିନାଥ ମହାନ୍ତି)

ବହୁ ଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ(ସିବିଆଇ) ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ। ସିବିଆଇ ପକ୍ଷରୁ ୪ ଅଭିଯୁକ୍ତଙ୍କୁ ୪ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିବା ବେଳେ ସିବିଆଇ ୩ଦିନିଆ ରିମାଣ୍ଡରେ ନେବାକୁ ବୁଧବାର ଅନୁମତି ଦେଇଛନ୍ତି। ଗୁରୁବାର ସିବିଆଇ ୪ ଅଭିଯୁକ୍ତ ଲୋକନାଥ ସାହୁ, ତଫିମ୍ ଅହମ୍ମଦ ଖାନ୍, ବିଶ୍ୱରଞ୍ଜନ ବେହେରା ଏବଂ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ଝାରପଡ଼ା ଜେଲରୁ ନେଇ ମାରାଥନ ଜେରା କରିବ। ଏମାନେ ମଧ୍ୟସ୍ଥ ସାଜି ବିଭିନ୍ନ ଜିଲାରୁ ପିଲା ଯୋଗାଡ଼ କରୁଥିଲେ। ସେମାନଙ୍କ ଲିଙ୍କ୍‌ରେ କେଉଁମାନେ ଥିଲେ? ଶଙ୍କର ପୃଷ୍ଟି ଏବଂ ମୁନାଙ୍କ ସହ ଏମାନଙ୍କ କିପରି ପରିଚୟ ହେଲା। କେତେ ଟଙ୍କା ପରୀକ୍ଷାର୍ଥୀଙ୍କ ଠାରୁ କଲେକ୍‌ସନ କରିଛନ୍ତି, ସେନେଇ ସିବିଆଇ ପଚରାଉଚରା କରିବ। ଅପରପକ୍ଷରେ ଶଙ୍କର, ମୁନା ଏବଂ ସୁରେଶଙ୍କୁ ଝାରପଡ଼ା ଜେଲରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଚରାଉଚରା କରିଛି। ସେମାନଙ୍କ ଆକାଉଣ୍ଟକୁ ଏତେ ଟଙ୍କା କେଉଁଠୁ ଆସିଲା। ଆକାଉଣ୍ଟକୁ ଟଙ୍କା ପଠାଇଥିବା ବ୍ୟକ୍ତିମାନେ କିଏ। ଏଭଳି ୩ଘଣ୍ଟାରୁ ଅଧିକ ସମୟ ଧରି ଇଡି ଅଧିକାରୀମାନେ ପଚରାଉଚରା କରିଥିଲେ। ଏହାପରେ ଶଙ୍କର, ମୁନା ଏବଂ ଅନ୍ୟ ଦୁଇ ଜଣଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିବା ୧୦ ଜଣଙ୍କୁ ଇଡି ସମନ କରିବ ବୋଲି ଜଣାପଡ଼ିଛି। ସେମାନେ ଇଡି ଅଫିସରେ ହାଜର ହୋଇ ନିଜର ବୟାନ ରଖିବେ। ପୂର୍ବରୁ ଶଙ୍କର, ମୁନା ଏବଂ ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକ ସୁରେଶଙ୍କୁ କ୍ରାଇମବ୍ରାଞ୍ଚ ନେଇ ପଚରାଉଚରା କରିଥିଲେ ମଧ୍ୟ ସେମାନେ ମିଛ କହିଥିଲେ। ତେଣୁ ୩ ଅଭିଯୁକ୍ତଙ୍କ ମିଛଧରା ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିଥିଲା। ହେଲେ ଏହା ପରେ ମାମଲା ସିବିଆଇ ନେଇଥିବାରୁ ଏବେ ସିବିଆଇ ୩ଜଣ ଅଭିଯୁକ୍ତଙ୍କ ମିଛ ଧରା ପରୀକ୍ଷା ପାଇଁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ଏନେଇ ଖୁବ୍ ଶୀଘ୍ର ସିବିଆଇ ଟିମ୍ କୋର୍ଟରେ ଆବେଦନ କରିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି।

ଅନ୍ୟପଟରେ ସିବିଆଇ ଜଣଙ୍କ ପରେ ଜଣେ ପରୀକ୍ଷାର୍ଥୀଙ୍କୁ ସମନ କରି ପଚରାଉଚରା କରୁଛି। ବନ୍ଧା ହୋଇ ଜାମିନରେ ଆସିଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୨୫ଜଣଙ୍କୁ ଜେରା କରି ସାରିବା ପରେ, ଏବେ ଦଲାଲଙ୍କ ତାଲିକା ପ୍ରସ୍ତୁତ ହୋଇଛି। ମାମଲାଟି ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଥିବାରୁ, ୧୨ଦଲାଲଙ୍କୁ ରାତିଅଧିଆ ବ୍ରହ୍ମପୁରରୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ୪ଜଣ ଦଲାଲଙ୍କୁ ରିମାଣ୍ଡରେ ନେବା ପରେ ଅନ୍ୟମାନଙ୍କୁ ଆଗାମୀ ଦିନରେ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ତେବେ ଶଙ୍କର ପୃଷ୍ଟି ଓ ତାର କେତେଜଣ ସହଯୋଗୀଙ୍କୁ ରିମାଣ୍ଡରେ ନେବାକୁ ବି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାସହ ଆଉ କେତେଜଣ ମଧ୍ୟସ୍ଥଙ୍କୁ ଜେଲରେ ଯାଇ ପଚରାଉଚରା ପାଇଁ ବି ଖୁବଶୀଘ୍ର କୋର୍ଟରେ ସିବିଆଇ ଆବେଦନ କରିବ। ଏହାରି ଭିତରେ ବ୍ରହ୍ମପୁର ଜେଏମ୍ଏଫ୍‌ସି କୋର୍ଟରୁ ମାମଲା ସ୍ଥାନାନ୍ତର ହୋଇଛି। ଏଥିସହ ଭୁବନେଶ୍ୱର ସ୍ୱତନ୍ତ୍ର ସିଜିଏମ୍ କୋର୍ଟକୁ ସ୍ୱତନ୍ତ୍ର ମେସେଞ୍ଜର ଯୋଗେ ରେକର୍ଡକୁ ମଧ ସ୍ଥାନାନ୍ତର କରାଯାଇଛି। ସେପଟେ ଲମ୍ବା ତାଲିକା ତିଆରି କରି ଜଣକ ପରେ, ଜଣକୁ ସିବିଆଇ କାର୍ଯ୍ୟାଳୟକୁ ସିବିଆଇ ଡାକୁଛି। ପରୀକ୍ଷାର୍ଥୀଙ୍କ ବୟାନ ଓ ଦଲାଲଙ୍କ ବୟାନ ପରେ, ବଡ଼ ବଡ଼ ଚେହେରାଙ୍କୁ ସାମ୍ନାକୁ ଆଣିବାକୁ କସରତ ଚାଲିଛି। ତେବେ ପ୍ରଚ୍ଛଦପଟରେ ରହି ମଧ୍ୟସ୍ଥଙ୍କୁ ବଳ ଯୋଗାଉଥିବା ଅଦୃଶ୍ୟ ଶକ୍ତି ଏବେ କେଉଁଠି ନା କେଉଁଠି ସିବିଆଇ ଜାଲରେ ପଡ଼ିବାକୁ ଯାଉଛନ୍ତି। ପଶ୍ଚିମବଙ୍ଗ ଏବଂ ହାଇଦ୍ରାବାଦ ଯାଇଥିବା ସିବିଆଇ ଟିମ୍ ଏକାଧିକ ପ୍ରମାଣ ଯୋଗାଡ଼ କରିଛି।

# ଘନାଉଛି ବିବାଦ ନିଆଁ, ବଢୁଛି ଏତଲା

ଭୁବନେଶ୍ୱର/କଟକ,୨୬।୧୧
(ସତ୍ୟଜିତ ରାଉତ/କାର୍ତ୍ତିକ ସାହୁ)

**ହ୍ୟୁମାନ୍ ମୃତ୍ୟୁ ଘଟଣା**

- ମଧୁପାଟଣା ଥାନାର ଦ୍ୱାରସ୍ଥ ହେଲେ ନିର୍ଦ୍ଦେଶକ ଜିତୁ ରାଉତ
- ଟିଟିଲାଗଡ଼ ଓ ବଲାଙ୍ଗୀର ଥାନାରେ ୨ ପୃଥକ୍ ଏତଲା

ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁକୁ ନେଇ ବୁଧବାର ୯ଦିନ ବିତିଯାଇଥିବାବେଳେ ଏହାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ହ୍ୟୁମାନ୍‌ଙ୍କ ମୃତ୍ୟୁ ରହସ୍ୟକୁ ନେଇ ପ୍ରଥମ ଦିନରୁ ବିଭିନ୍ନ ମହଲରୁ କୁହୁଳିଥିବା ବିବାଦର ନିଆଁ ଅଧିକ ଘନେଇବାରେ ଲାଗିଥିବାବେଳେ ରାଜ୍ୟର ବିଭିନ୍ନ ଥାନାରେ ଏତଲା ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ହ୍ୟୁମାନଙ୍କ ମୃତ୍ୟୁରେ ୨ ମ୍ୟାନେଜର ଦୀନେଶ ବେହେରା, ପ୍ରଶାନ୍ତ ବେହେରା ଏବଂ ଜଣେ ଗାୟିକାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହେବା ସହ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି। ଅପରପକ୍ଷରେ ହ୍ୟୁମାନ୍ ବହୁ କଷ୍ଟ ଏବଂ ଚାପରେ ଷ୍ଟେଜ୍ କରୁଥିବାବେଳର ଗୋଟିଏ ପରେ ଗୋଟିଏ ଭିଡିଓ ସାମ୍ନାକୁ ଆସୁଛି। ଗତ ୯ ତାରିଖରେ ହ୍ୟୁମାନ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଷ୍ଟେଜ୍ ଶୋ' କରୁଥିବାବେଳେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସେ ବହୁ କଷ୍ଟରେ ଏବଂ ଅସ୍ୱାଭାବିକ ଅବସ୍ଥାରେ ଷ୍ଟେଜ୍‌ରେ ଗୀତ ଗାଉଥିବା ସ୍ପଷ୍ଟ ବାରି ହୋଇପଡୁଛି। ତେବେ ହ୍ୟୁମାନ ଅସୁସ୍ଥ ଥିବାବେଳେ କାହିଁକି ତାଙ୍କୁ ବାରମ୍ବାର ଷ୍ଟେଜ୍ ପ୍ରୋଗ୍ରାମ୍ କରିବାକୁ ବାଧ କରାଯାଉଥିଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏହି ଘଟଣାକୁ ନେଇ ୨ମ୍ୟାନେଜର ମୁହଁ ଖୋଲୁ ନ ଥିବାରୁ ସେମାନଙ୍କ ସମ୍ପୃକ୍ତି ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ହ୍ୟୁମାନଙ୍କ ଦୁଇ ମ୍ୟାନେଜରଙ୍କ ନାଁରେ ବୁଧବାର କଟକ ମଧୁପାଟଣା ଥାନାରେ ସିନେ ନିର୍ଦ୍ଦେଶକ ଜିତୁ ରାଉତ ଲିଖିତ ଅଭିଯୋଗ କରିଛନ୍ତି। ହ୍ୟୁମାନ୍‌ଙ୍କ ଆର୍ଥିକ କାରବାର, ସେବା, ଚିକିତ୍ସା ଓ ମୃତ୍ୟୁ ଘଟଣାର ତଦନ୍ତ, ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ହ୍ୟୁମାନ୍‌ଙ୍କ ମା'ଙ୍କୁ ନ୍ୟାୟ, ସୁରକ୍ଷା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ହ୍ୟୁମାନ୍‌ଙ୍କ ୩ ସହଯୋଗୀଙ୍କ ଆର୍ଥିକ କାରବାର ଓ ଚିକିତ୍ସାରେ ଅବହେଳା ଘଟଣାରେ ତଦନ୍ତ କରାଯାଉ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ସେହିପରି ପୂର୍ବରୁ ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଳବାଦୀ ସଙ୍ଗଠନ ଏବଂ ପାଟଣାଗଡ଼ ଥାନାରେ କୋଶଳ ମୁକ୍ତିମୋର୍ଚ୍ଚା ଏତଲା ଦେଇଥିଲା। ବୁଧବାର ପୁଣି ବଲାଙ୍ଗୀର ଓ ଟିଟିଲାଗଡ଼ ଥାନାରେ ପୃଥକ ଅଭିଯୋଗ ହୋଇଛି। ହ୍ୟୁମାନ୍‌ଙ୍କ ମା'ଙ୍କୁ ମ୍ୟାନେଜର ପପୁ ଦୁର୍ବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲାରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଖ୍ରୀଷ୍ଟିଆନ୍ ୟୁଥ୍ ଫୋରମ୍ ପକ୍ଷରୁ ସନ୍ଧ୍ୟାରେ ବ୍ଲକ ଛକଠାରୁ କଚେରୀ ଛକ ଯାଏ ମହମବତି ଶୋଭାଯାତ୍ରା କରାଯାଇ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିସହ ଏହି ଘଟଣାରେ ତଦନ୍ତ ପାଇଁ ଫୋରମ୍ ପକ୍ଷରୁ ବଲାଙ୍ଗୀର ଏସ୍‌ପି ଅଫିସରେ ଦାବିପତ୍ର ମଧ ଦିଆଯାଇଛି। ବଲାଙ୍ଗୀର ଏସ୍‌ପିଙ୍କ ଅନୁପସ୍ଥିତିରେ ଏଏସ୍‌ପି ଅମୃତ କୁମାର ପଣ୍ଡା ଏହି ଦାବିପତ୍ର ଗ୍ରହଣ କରି ପ୍ରତିଶ୍ରୁତି ଦେଇଥିଲେ।

# ଫୋନ୍‌ରେ ଅଧିକ କଥା ହେବାରୁ ସ୍ତ୍ରୀଙ୍କୁ ହତ୍ୟା

ଜମନକିରା,୨୬।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)

ରୋଷେଇ ଛାଡ଼ି ମୋବାଇଲ ଫୋନ୍‌ରେ କଥା ହେଉଥିଲେ ସ୍ତ୍ରୀ। ରୋଷେଇ କରିବାକୁ କହିବାରୁ ନ ଶୁଣି ଫୋନ୍‌ରେ ଗପିଚାଲିଥିଲେ। ଏଥିରେ ରାଗି ଯାଇ ସ୍ୱାମୀ ଚୁଲିଫୁଙ୍କା ନଳରେ ପିଟିବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏହିଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ପାଲୋଖମନ ଗାଁରେ। ମୃତା ମହିଳା ହେଲେ ମମତା ମାଝୀ(୫୦)। ବୁଧବାର ସକାଳେ ଏହି ଘଟଣା ଜଣାପଡିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଶ୍ରୀକର ମାଝୀ(୫୭)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାନଳକୁ ପୋଲିସ ଜବତ କରିଛି। ଏ ନେଇ ଜମନକିରା ଥାନାରେ ଏକ ହତ୍ୟା ମାମଲା(ନଂ.୨୧୮/୨୦୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରାତିରେ ଏହି ଘଟଣା ଘଟିଥିଲେ ହେଁ ସାହିପଡ଼ିଶା ଲୋକେ କେହି ଜାଣିପାରି ନ ଥିଲେ। ବୁଧବାର ସକାଳେ ସାହିପଡ଼ିଶା ମମତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଦେଖି ଶ୍ରୀକରଙ୍କୁ ପଚରାଉଚରା କରିଥିଲେ। ରାତିରେ ତାଙ୍କୁ ପିଟି ମାରିଦେଇଥିବା ସେ କହିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ଲୋକଙ୍କଠାରୁ ଖବର ପାଇ ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଶ୍ରୀକରଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଘଟଣା ସମ୍ପର୍କରେ ସ୍ୱୀକାର କରିଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ମମତାଙ୍କ ୨ପୁଅ ଅଛନ୍ତି। ଉଭୟେ କାମ କରିବା ପାଇଁ ଅନ୍ୟତ୍ର ରହୁଥିବାବେଳେ ମମତା ଓ ଶ୍ରୀକର ଘରେ ରହୁଥିଲେ।

# ମହିଳାଙ୍କୁ ହତ୍ୟା ଘଟଣା, ହୋମ୍‌ଗାର୍ଡ ଗିରଫ

ଦେବଗଡ଼,୨୬।୧୧
(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଜିଲା ଲଇମୁରା ଥାନାଞ୍ଚଳରେ ଗତ ୨୧ ତାରିଖ ରାତିରେ ଜଣେ ମହିଳାଙ୍କୁ ହତ୍ୟା ଘଟଣାରେ ବୁଧବାର ପୋଲିସ ମହିଳାଙ୍କ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲଇମୁରା ଥାନାରେ କାର୍ଯ୍ୟରତ ଥିବା ହୋମଗାର୍ଡ କଦଳୀମୁଣ୍ଡା ଗ୍ରାମର ଶ୍ରୀକର ସୁନାନୀ(୪୩)। ଅଭିଯୁକ୍ତ ଶ୍ରୀକର ମୃତା ପ୍ରତିମାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅନିଲ ମିଶ୍ର ସୂଚନା ଦେଇଛନ୍ତି।

ଲଇମୁରା ଗ୍ରାମର କେସନ ମାଝୀଙ୍କ ଝିଅ ପ୍ରତିମା ନିକଟସ୍ଥ ଡୁରିଜଙ୍ଗଲ ଗ୍ରାମରେ ବିବାହ କରିଥିଲେ। କିନ୍ତୁ ପ୍ରତିମା କିଛି ବର୍ଷ ହେବ ତାଙ୍କ ସ୍ୱାମୀଙ୍କୁ ଛାଡ଼ି ବାପା ଘରେ ଆସି ରହୁଥିଲେ। ଏହାପରେ ଲଇମୁରା ଥାନାରେ କାର୍ଯ୍ୟରତ ଥିବା ହୋମଗାର୍ଡ ଶ୍ରୀକରଙ୍କ ସହ ତାଙ୍କ ସମ୍ପର୍କ ବଢ଼ିଥିଲା। ୫ ବର୍ଷ ପୂର୍ବେ ଶ୍ରୀକରଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଶ୍ରୀକର ପ୍ରତିମାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ଆସୁଥିଲେ। କିନ୍ତୁ ଗତ ୫ ମାସ ପୂର୍ବେ ଶ୍ରୀକର ପ୍ରତିମାଙ୍କୁ ନ ଜଣାଇ ଅନ୍ୟ ଜଣଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହା ପରଠାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଗତ ୨୧ ତାରିଖ ବିଳମ୍ବିତ ରାତିରେ ଶ୍ରୀକର ଫୋନ କରି ପ୍ରତିମାଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକି ନେଇଥିଲେ। ସେଠାରେ ଉଭୟ ମଦ୍ୟପାନ କରିବା ପରେ ପ୍ରତିମା ପୁଣିଥରେ ବିବାହ ପାଇଁ ଜିଦ୍ ଧରିଥିଲେ। ଫଳରେ ଶ୍ରୀକର ପ୍ରତିମାଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହ ଜଙ୍ଗଲରେ ଛାଡି ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ସମୟରେ ପ୍ରତିମାଙ୍କ ଫୋନ କଲକୁ ଯାଞ୍ଚ କରିବାରୁ ହୋମଗାର୍ଡ ଶ୍ରୀକରଙ୍କ ସଂପୃକ୍ତି ଥିବା ଜଣାପଡ଼ିଥିଲା।

# ଜାତୀୟ ରାଜପଥରେ ଡକାୟତି ଯୋଜନା: ଧରାପଡ଼ିଲେ ନାବାଳକ

ବ୍ରହ୍ମପୁର, ୨୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ବୋମା, କାତି ଜବତ**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ରେ ଥିବା ଏକ ଲଜ୍ ନିକଟରେ ମଙ୍ଗଳବାର ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ତାହାକୁ ପଣ୍ଡ କରିଛି। ସେଠାରୁ ଜଣେ ନାବାଳକ(୧୬) ଧରାପଡିଥିବା ବେଳେ ମାଷ୍ଟରମାଇଣ୍ଡଙ୍କ ସମେତ ୫/୬ଜଣ ଚମ୍ପଟ ମାରିଛନ୍ତି। ଘଟଣାସ୍ଥଳରୁ ଗୋଟିଏ ବୋମା, ୩ କାତି ଓ ମଦ ବୋତଲ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ ୫୯୦/୨୫) ରୁଜୁ ହୋଇଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ତାଙ୍କ ବୟାନ ଅନୁଯାଇ ରାତିରେ ଜାତୀୟ ରାଜପଥ ଦେଇ ଚଳାଚଳ କରୁଥିବା ଟ୍ରକ୍‌ରେ ଡକାୟତି ପାଇଁ ସେମାନେ ଯୋଜନା କରୁଥିଲେ। ଫେରାର ଅଭିଯୁକ୍ତମାନେ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

## Business

# ଖିମ୍‌ଜୀ ଜୁଏଲର୍ସର ବ୍ଲାକ୍ ଫ୍ରାଇଡେ ସେଲ୍ ଘୋଷଣା




ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସୁନା, ହୀରା ଓ ରୁପା ଗହଣା ସଂଗ୍ରହ ଉପରେ ବଡ଼ ରିହାତି ପ୍ରଦାନ ସହ ସ୍ୱତନ୍ତ୍ର ବ୍ଲାକ୍ ଫ୍ରାଇଡେ ଅଫର ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ୨୦୨୫ ନଭେମ୍ବର ୩୦ ପର୍ଯ୍ୟନ୍ତ ଖିମ୍‌ଜୀ ଜୁଏଲର୍ସର ସବୁ ଶୋ'ରୁମ୍‌ରେ ଉପଲବ୍ଧ ରହିବ। ବ୍ଲାକ୍ ଫ୍ରାଇଡେ ଉତ୍ସବର ଅଂଶ ଭାବେ ଗ୍ରାହକମାନେ ଏହି ଅଫରର ଲାଭ ଉଠାଇପାରିବେ। ଗ୍ରାହକମାନେ ସୁନାଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି, ହୀରା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଓ ରୁପା ଗହଣାର ଓଜନ ଅନୁଯାୟୀ ଆଇଟମର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୫% ରିହାତି ଓ ରୁପା ଗହଣାର ଏମ୍‌ଆର୍‌ପି ଉତ୍ପାଦ ଉପରେ ୨୦% ରିହାତି ପାଇପାରିବେ। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ବ୍ଲାକ୍ ଫ୍ରାଇଡେ ବର୍ତ୍ତମାନ ସବୁଠାରୁ ପ୍ରତୀକ୍ଷିତ ଶପିଂ ଉତ୍ସବ ଭାବେ ଉଭାହୋଇଛି। ଏହି ବିଶେଷ ଅଫର ମାଧ୍ୟମରେ ଆମର ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ପ୍ରଦାନକରି ବହୁତ ଖୁସି। ଖିମ୍‌ଜୀ ଜୁଏଲର୍ସରେ ଆମେ ସର୍ବଦା ଉତ୍କୃଷ୍ଟ କାରୁକାର୍ଯ୍ୟକୁ ସୁଲଭ ମୂଲ୍ୟ ସହ ମିଶାଇ ଗ୍ରାହକମାନଙ୍କ ପାଇଁ ଏକ ସ୍ମରଣୀୟ ଓ ଲାଭଜନକ କ୍ରୟ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛୁ।

# ହାଇଦ୍ରାବାଦରେ ସାଫ୍ରନ୍‌ର ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ କେନ୍ଦ୍ର




ଭୁବନେଶ୍ୱର,୨୬।୧୧

ଫ୍ରାନ୍ସର ବହୁଜାତିକ ବିମାନ ଓ ପ୍ରତିରକ୍ଷା କମ୍ପାନୀ ସାଫ୍ରନ୍‌ର ଲିପ୍ (ଲିପ୍) ଏରୋଇଞ୍ଜିନ ରକ୍ଷଣାବେକ୍ଷଣ ଓ ଓଭରହଲ (ଏମ୍‌ଆର୍‌ଓ) କେନ୍ଦ୍ର ବୁଧବାର ହାଇଦ୍ରାବାଦରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଏହି ଅତ୍ୟାଧୁନିକ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ, କେନ୍ଦ୍ର ନାଗର ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ, ସାଫ୍ରନ୍ ଚେୟାରମ୍ୟାନ ତଥା ସିଇଓ ଓ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସାଫ୍ରନ ଏୟାରକ୍ରାଫ୍ଟ ଇଞ୍ଜିନ ସର୍ଭିସେସ୍ ଇଣ୍ଡିଆ କେନ୍ଦ୍ର ଏୟାରବସ୍ ଏ୩୨୦ନିଓ ଓ ବୋଇଂ ୭୩୭ ମ୍ୟାକ୍ସ ବିମାନରେ ବ୍ୟବହୃତ ଲିପ ଇଞ୍ଜିନର ରକ୍ଷଣାବେକ୍ଷଣ କ୍ଷମତାକୁ ବହୁଗୁଣିତ ବୃଦ୍ଧି କରିବ। ଏହା ସହ ଦସୋ ରାଫାଲେ ଯୁଦ୍ଧବିମାନରେ ବ୍ୟବହୃତ ଏମ୍୮୮ ଇଞ୍ଜିନ ଏମ୍‌ଆର୍‌ଓ କେନ୍ଦ୍ରର ଶିଳାନ୍ୟାସ ମଧ କରାଯାଇଛି। ବିଶ୍ୱର ସବୁଠାରୁ ବଡ଼ ବିମାନ ଇଞ୍ଜିନ ଏମ୍‌ଆର୍‌ଓ ମଧ୍ୟରୁ ଅନ୍ୟତମ ଏହି କେନ୍ଦ୍ର ଭାରତରେ ପ୍ରଥମ ଥର କୌଣସି ବିଶ୍ୱସ୍ତରୀୟ ଇଞ୍ଜିନ ନିର୍ମାତା କମ୍ପାନୀ (ଓଇଏମ୍) ନିଜର ଏମ୍‌ଆର୍‌ଓ କାର୍ଯ୍ୟ ଆରମ୍ଭ କରିଛି। ଏହା ବିମାନ କ୍ଷେତ୍ରରେ ଆତ୍ମନିର୍ଭର ଭାରତର ଏକ ମାଇଲଖୁଣ୍ଟ ହେବ। ଏହି ଅବସରରେ ସାଫ୍ରନ୍ ଓ ଗତିଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ମାଧ୍ୟମରେ ଜିଏସ୍‌ଭି ନିଜର ବିମାନ ଯନ୍ତ୍ରକୌଶଳ (ଆଭିଏଶନ ଇଞ୍ଜିନିୟରିଂ) ପାଠ୍ୟକ୍ରମରେ ସାଫ୍ରନ ଲିପ୍ ଇଞ୍ଜିନର ବିଶେଷ ପ୍ରଶିକ୍ଷଣ କୋର୍ସ ଯୋଡ଼ିଛି।

# ଦିଲ୍ଲୀରେ ଆଇସିଏଲ୍ ଫିନ୍‌କର୍ପର ଜୋନାଲ ଅଫିସ



ଭୁବନେଶ୍ୱର,୨୬।୧୧

ନନ୍-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ଆଇସିଏଲ୍ ଫିନ୍‌କର୍ପ ବୁଧବାର ଦିଲ୍ଲୀରେ ଏକ ଜୋନାଲ ଅଫିସ ସହ ପାଞ୍ଚଟି ନୂଆ ଶାଖାର ଉଦ୍‌ଘାଟନ କରିଛି। କନଟ୍ ପ୍ଲେସ୍ ଶାଖାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଟିନ ଆମେରିକାନ କାରିବିଆନ୍ ଟ୍ରେଡ୍ କାଉନ୍‌ସିଲର ଗୁଡ୍‌ୱିଲ ଆମ୍ବାସାଡର, ଇଣ୍ଡିଆ-କ୍ୟୁବା ଟ୍ରେଡ୍ କମିଶନର ତଥା ଆଇସିଏଲ୍ ଫିନ୍‌କର୍ପର ଅଧ୍ୟକ୍ଷ ତଥା ମ୍ୟାନେଜିଂ ଡାଇରେକ୍ଟର ଏଡଭୋକେଟ କେ.ଜି. ଅନିଲ କୁମାର ଉପସ୍ଥିତ ଥିଲେ। କମ୍ପାନୀର ଆଜୀବନ ଡାଇରେକ୍ଟର, ଭାଇସ୍ ଚେୟାରମ୍ୟାନ ତଥା ସିଇଓ ଉମା ଅନିଲ, କମ୍ପାନୀର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡା. ରାଜଶ୍ରୀ ଅଜିତ୍ ସ୍ୱାଧୀନ ନିର୍ଦ୍ଦେଶକ ସିଏସ ଶିଣ୍ଟୋ ଷ୍ଟାନଲି ମଧ ଯୋଗଦେଇଥିଲେ। କନଟ୍ ପ୍ଲେସ୍, ମାଲବ୍ୟନଗର, କରୋଲବାଗ, ରାଜିନ୍ଦର ନଗର ଓ ରୋହିଣୀରେ ୫ ନୂଆ ଶାଖା ଖୋଲାଯାଇଛି । ଏହାଦ୍ୱାରା ଗ୍ରାହକଙ୍କ ପାଇଁ ସେବା ଆହରଣ ସହଜ ଓ ସୁବିଧାଜନକ ହେବ।

# ୨ ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

- ଉପକୃତ ହେବେ ମହାରାଷ୍ଟ୍ର, ଗୁଜରାଟର ୪ ଜିଲା
- ୨,୭୮୧ କୋଟି ବ୍ୟୟରେ ହେବ ୨୨୪ କି.ମି. ରେଳପଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବିଷୟ ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ବୁଧବାର ରେଳ ମନ୍ତ୍ରଣାଳୟର ଦୁଇଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି ଦୁଇ ପ୍ରକଳ୍ପର ମୋଟ ଆନୁମାନିକ ଖର୍ଚ୍ଚ ୨,୭୮୧ କୋଟି ଟଙ୍କା। ପ୍ରକଳ୍ପ ଦୁଇଟି ହେଲା ଦେବଭୂମି ଦ୍ୱାରକା (ଓଖା) କନାଲୁସ୍ ଡବଲିଂ ପ୍ରକଳ୍ପ (୧୪୧ କିଲୋମିଟର)ଓ ବଦଲାପୁର କରଜାତ ତୃତୀୟ ଓ ଚତୁର୍ଥ ଲାଇନ (୩୨ କିଲୋମିଟର)। ଏହି ଦୁଇ ପ୍ରକଳ୍ପ ମାଧ୍ୟମରେ ଭାରତୀୟ ରେଳର ବିଦ୍ୟମାନ ନେଟ୍‌ୱର୍କ ୨୨୪ କିଲୋମିଟର ବୃଦ୍ଧିପାଇବ। ମହାରାଷ୍ଟ୍ର ଓ ଗୁଜରାଟର ମୋଟ ୪ଟି ଜିଲା ଏହାଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପଗୁଡ଼ିକ ପିଏମ୍-ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁସାରେ ତିଆରି ହୋଇଛି ଏବଂ ମଲ୍ଟି-ମୋଡାଲ ସଂଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ପ୍ରାୟ ୫୮୫ଟି ଗ୍ରାମ ଓ ପ୍ରାୟ ୩୨ ଲକ୍ଷ ଲୋକଙ୍କୁ ଉନ୍ନତ ସଂଯୋଗ ମିଳିବ। ଦେବଭୂମି ଦ୍ୱାରକାର ଓଖା-କନାଲୁସ ଡବଲିଂ ପ୍ରକଳ୍ପ ଦ୍ୱାରା ପ୍ରସିଦ୍ଧ ଦ୍ୱାରକାଧୀଶ ମନ୍ଦିରକୁ ସୁଗମ ଯାତ୍ରା ସୁବିଧା ମିଳିବ। ଅନ୍ୟପଟେ, ବଦଲାପୁର-କରଜାତ ତୃତୀୟ ଓ ଚତୁର୍ଥ ଲାଇନ ମୁମ୍ବାଇ ଉପନଗର ରେଳ କରିଡରର ଅଂଶ ହୋଇ ଭବିଷ୍ୟତ ଯାତ୍ରୀ ଚାହିଦା ପୂରଣ କରିବ ଏବଂ ଦକ୍ଷିଣ ଭାରତ ସହ ସଂଯୋଗ ବଢ଼ାଇବ। ଏହି ରୁଟ୍ କୋଇଲା, ଲୁଣ, କଣ୍ଟେନର, ସିମେଣ୍ଟ, ପେଟ୍ରୋଲିୟମ ଭଳି ପଣ୍ୟ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷମତା ବୃଦ୍ଧି ପ୍ରକଳ୍ପ ଦ୍ୱାରା ବାର୍ଷିକ ଅତିରିକ୍ତ ୧୮ ମିଲିୟନ ଟନ୍ (ଏମ୍‌ଟିପିଏ) ମାଲ ପରିବହନ ସମ୍ଭବ ହେବ। ଏହାଦ୍ୱାରା ପ୍ରାୟ ୩ କୋଟି ଲିଟର ତୈଳ ଆମଦାନି କମିବ ଏବଂ ୧୬ କୋଟି କିଲୋଗ୍ରାମ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ, ଯାହା ୬୪ ଲକ୍ଷ ଗଛ ରୋପଣ ସହ ସମାନ।

# ଦ ୱେଲ୍‌ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡର ଏନ୍‌ଏଫ୍‌ଓ ଉନ୍ମୋଚିତ

ଭୁବନେଶ୍ୱର, ୨୬।୧୧ (ଅନୁରାଧା ମହାରଣା)

ଦ ୱେଲ୍‌ଥ କମ୍ପାନୀ ଆସେଟ ମ୍ୟାନେଜମେଣ୍ଟ ହୋଲ୍ଡିଂସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ଦ ୱେଲ୍‌ଥ କମ୍ପାନୀ ମଲ୍ଟି ଆସେଟ ଆଲୋକେଶନ ଫଣ୍ଡ'ର ଉନ୍ମୋଚନ କରାଯାଇଛି। ଏହି ମଲ୍ଟି-ଆସେଟ ଫଣ୍ଡ ସକ୍ରିୟ ଭାବେ ଇକ୍ୱିଟି, ଋଣ ଓ ସାମଗ୍ରୀ ମଧ୍ୟରେ ସନ୍ତୁଳନ ବଜାୟ ରଖିବ। ଏହି ଏନ୍‌ଏଫ୍‌ଓ ଡିସେମ୍ବର ୩ରେ ବନ୍ଦ ହେବ। ଏହି ଅବସରରେ ୱେଲ୍‌ଥ କମ୍ପାନୀ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଲିଙ୍ଗରାଜ ମହାନ୍ତିଙ୍କୁ କମ୍ପାନୀର ଆଞ୍ଚଳିକ ବିକ୍ରୟ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ମୁଖ୍ୟ ରଣନୀତି ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି, ଆମର ମଲ୍ଟି-ଆଲୋକେଶନ ଫଣ୍ଡ ଏଭଳି ସମୟ-ପରୀକ୍ଷିତ ସମ୍ପତ୍ତିରେ ନିବେଶ କରିଥାଏ । କମ୍ପାନୀର ଡେପୁଟି ସିଇଓ ପ୍ରସନ୍ନ ପାଠକ କହିଛନ୍ତି, ଇକ୍ୱିଟି ଓ ଋଣ ସହ ସାମଗ୍ରୀଗୁଡିକୁ ସେମାନଙ୍କର ଉପଯୁକ୍ତ ସ୍ଥାନ ପ୍ରଦାନକରି, ଆମେ ବିବିଧତା ନିର୍ମାଣ କରୁଛୁ ଯାହା କେବଳ କାଗଜରେ ନୁହେଁ ବରଂ ବାସ୍ତବରେ କାର୍ଯ୍ୟ କରିଥାଏ।

# ଜେସିବି ବିକ୍ରିରେ ଦେଶର ଶୀର୍ଷ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା : ଦୀପକ ଶେଟ୍ଟୀ

ଭୁବନେଶ୍ୱର,୨୬।୧୧

ଭାରତର ଅଗ୍ରଣୀ ନିର୍ମାଣ ଯନ୍ତ୍ରପାତି କମ୍ପାନୀ ଜେସିବି ଇଣ୍ଡିଆର ବଜାର ଖଣିଜ ସମ୍ପଦରେ ଭରପୂର ଓଡ଼ିଶାରେ ବେଶ୍ ଉଜ୍ଜ୍ୱଳ। ନୂଆଦିଲ୍ଲୀର ଏକ ହୋଟେଲରେ ପୂର୍ବାଞ୍ଚଳର ଖବରଦାତାଙ୍କ ସହ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ତଥା ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର ଦୀପକ ଶେଟ୍ଟୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଜେସିବି ମେଶିନ ବିକ୍ରିରେ ଓଡ଼ିଶା ଦେଶର ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଶେଟ୍ଟୀ କହିଛନ୍ତି, ଓଡ଼ିଶାରେ ଆମର ଉତ୍ପାଦନଗୁଡ଼ିକ ଖଣି କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି। ଏଠାରେ ଏକ୍ସକାଭେଟର ଓ ହୁଇଲ ଲୋଡିଂ ଶୋଭେଲର ଚାହିଦା ଅଧିକ ରହିଛି। ଗ୍ରାମାଞ୍ଚଳରେ ଜନପ୍ରିୟ ବ୍ୟାକ୍‌ହୋ ଲୋଡରର ବିକ୍ରି କିଛି କମିଛି । ମାତ୍ର ପଶ୍ଚିମ ଭାରତରେ ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ଗ୍ରାମ୍ୟ ଉନ୍ନୟନ ଯୋଜନା ଯୋଗୁ ଏହାର ଚାହିଦା ବଢ଼ିଚାଲିଛି। ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ସହ ତୁଳନାକଲେ ଓଡ଼ିଶା ବେଶି ପଛରେ ନାହିଁ। ଜେସିବି ବିକ୍ରି ପରିମାଣ ହିସାବରେ


ଦୀପକ ଶେଟ୍ଟୀ

ଦେଖିଲେ ଦେଶରେ ୭ମ, ୮ମ କିମ୍ବା ୯ମ ସ୍ଥାନରେ ଓଡ଼ିଶା ରହିଥିବା ସେ କହିଛନ୍ତି । ମାଲିକଙ୍କ ପାଇଁ ସର୍ବୋତ୍ତମ ଦୈନିକ ରୋଜଗାରର ଯନ୍ତ୍ର ଭାବେ ବ୍ୟାକ୍‌ହୋ ଲୋଡର ହିଁ ସର୍ବୋତ୍କୃଷ୍ଟ ବିକଳ୍ପ ବୋଲି ଶେଟ୍ଟୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାକୁ ଘରକୁ ନେଇ ପାର୍କିଂ କରିହେବ, ବିଭିନ୍ନ ପ୍ରକାର କାମରେ ବ୍ୟବହାର କରାଯାଇପାରିବ। ପୂର୍ବାଞ୍ଚଳ ଉପରେ କମ୍ପାନୀର ବ୍ୟବସାୟ ବିସ୍ତାର ଦିଗରେ ଶେଟ୍ଟୀ କହିଛନ୍ତି, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଗ୍ରାହକଙ୍କ ପାଇଁ କୋଲକାତାରେ ଆମର ଏକ ବଡ଼ ଗୋଦାମ ରହିଛି। କୋଲକାତା ଓ ଭୁବନେଶ୍ୱରରେ ଅଫିସ ଅଛି। ନିକଟରେ ରାଞ୍ଚି, ଜାମଶେଦପୁର ଓ ଭୁବନେଶ୍ୱରରେ ନୂଆ ଡିଲର ନିଯୁକ୍ତ ହୋଇଛନ୍ତି। ସମଗ୍ର ପୂର୍ବ ଓ ଉତ୍ତରପୂର୍ବ ଭାରତ ଆମର ପ୍ରମୁଖ ଫୋକସ ଅଞ୍ଚଳ। ଦେଶରେ ଉନ୍ନତ ରାସ୍ତା ଯୋଗୁ ଯନ୍ତ୍ରପାତି ଦ୍ରୁତ ପରିବହନ ସମ୍ଭବ ହେଉଥିବା ସେ କହିଛନ୍ତି। ଜେସିବିର ୭୦ ପ୍ରତିଶତ ଯନ୍ତ୍ର ଗ୍ରାମାଞ୍ଚଳକୁ ଯାଉଥିବା ସୂଚନା ରହିଛି। ଯେକୌଣସି ବ୍ୟକ୍ତି ହାତରେ ୩ ଲକ୍ଷ ଟଙ୍କା ରଖି ଋଣ ନେଇ ଯନ୍ତ୍ର କିଣିପାରିବେ। ଘର ଋଣରେ ୨୦ ପ୍ରତିଶତ ଡାଉନ ପେମେଣ୍ଟ ଦରକାର ହୋଇଥାଏ। ଭଲ କ୍ରେଡିଟ୍ ରେକର୍ଡ ଥିଲେ ଜେସିବି କ୍ରେତା ୯୫ ପ୍ରତିଶତ ପର୍ଯ୍ୟନ୍ତ ଫାଇନାନ୍ସିଂ ପାଇପାରିବେ। ସେ ଆହୁରି କହିଛନ୍ତି, ୧୯୭୯ ମସିହାରେ ଯେତେବେଳେ ଭାରତରେ ବିଦେଶୀ ନିବେଶ ହେଉ ନ ଥିଲା, ସେତେବେଳେ ଆମର ଚେୟାରମ୍ୟାନ ଲର୍ଡ ଜେସି ବାମଫୋର୍ଡ ଏଠାରେ ନିବେଶ କରିଥିଲେ। ଆଜି ଜେସିବି ଇଣ୍ଡିଆ ଆତ୍ମନିର୍ଭର ଭାରତର ଉଜ୍ଜ୍ୱଳ ଉଦାହରଣ। ବିଶ୍ୱର ୨୮ ଜଣ ଦିଗ୍‌ଗଜ ପ୍ରତିଦ୍ୱନ୍ଦ୍ୱୀ ଥାଇ ମଧ୍ୟ ଜେସିବି ଭାରତରେ ସ୍ଥିତି ସୁଦୃଢ଼ କରିପାରିଛି ଏବଂ ଏହାର 'ମେଡ୍ ଇନ୍ ଇଣ୍ଡିଆ' ଯନ୍ତ୍ର ୧୩୫ଟି ଦେଶକୁ ରପ୍ତାନି ହେଉଛି। ସବୁଜ ଉଦ୍ୟୋଗ ବିଷୟରେ ଶେଟ୍ଟୀ କହିଛନ୍ତି, ପୂର୍ବତନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଓ ବର୍ତ୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହଯୋଗରେ ଯନ୍ତ୍ରଗୁଡ଼ିକ ରେଳପଥ ଦେଇ ପରିବହନ ହେଉଛି। ଗତ ଏକ୍ସକନରେ ଏସିଆର ପ୍ରଥମ ହାଇଡ୍ରୋଜେନ ଚାଳିତ ନିର୍ମାଣ ଯନ୍ତ୍ର ଉନ୍ମୋଚନ କରାଯାଇଥିଲା ଏବଂ ବର୍ତ୍ତମାନ ହାଇଡ୍ରୋଜେନ ଜେନ୍‌ସେଟ୍ ମଧ ଲଞ୍ଚ ହେବ। ରାଜସ୍ଥାନର ଜୟପୁର କାରଖାନାରେ ୩୪ ପ୍ରତିଶତ ମହିଳା କର୍ମଚାରୀ ରହିଛନ୍ତି, ଯାହା ଏକ ଗର୍ବର ବିଷୟ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଜେସିବିର ସବୁଠାରୁ ବଡ଼ କାରଖାନା ନୂଆଦିଲ୍ଲୀ ନିକଟସ୍ଥ ବଲ୍ଲଭଗଡ଼ କାରଖାନା ଜେସିବି ଇଣ୍ଡିଆର ମୁଖ୍ୟାଳୟ। ୫୭ ଏକରରେ ବିସ୍ତୀର୍ଣ୍ଣ ଏହି କାରଖାନାରେ ବ୍ୟାକ୍‌ହୋ ଲୋଡର, ଡିଜେଲ ଓ ନ୍ୟାଚୁରାଲ ଗ୍ୟାସ୍ ଜେନେରେଟର ଓ ଡିଜେଲ ଇଞ୍ଜିନ ତିଆରି ହୋଇଥାଏ। ପ୍ରତିଦିନ ୧୩୦ଟି ଯନ୍ତ୍ର ଉତ୍ପାଦନ ହୁଏ। ୧୯୭୯ରେ ଯୁକ୍ତ ଉଦ୍ୟୋଗ ଭାବେ ଆରମ୍ଭ ହୋଇଥିବା ଏହି କମ୍ପାନୀ ବର୍ତ୍ତମାନ ବ୍ରିଟେନର ଜେସି ବାମଫୋର୍ଡ ଏକ୍ସକାଭେଟର୍ସ ଲିମିଟେଡ୍‌ର ସମ୍ପୂର୍ଣ୍ଣ ସ୍ୱତ୍ତ୍ୱାଧିକାରୀ ଅନୁଷ୍ଠାନ।

# ଖୋଜୁଛନ୍ତି ଜାହ୍ନବୀ


ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ଚର୍ଚ୍ଚା। ହେଲେ କାହିଁକି ଜାଣନ୍ତି ? ସେ କୁଆଡ଼େ ଗୋଟିଏ ଜିନିଷ ଖୋଜୁଛନ୍ତି। ହେଲେ ତାହା କ'ଣ ଜାଣିବେନି ? ଅସଲ କଥା ହେଲା ଜାହ୍ନବୀ ଜଣେ କମେଡି ଗୁରୁ ଖୋଜୁଛନ୍ତି। କାରଣ ଖୁବ୍‌ଶୀଘ୍ର ସେ ଏକ ସମ୍ପୂର୍ଣ୍ଣ କମେଡିଭିତ୍ତିକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଆଉ ସେଥିରେ ମିଳିଥିବା ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସେ ଏବେଠାରୁ ଲାଗି ପଡିଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ''ଜଣେ ନୂଆ ପ୍ରଯୋଜକ ଏହି ଫିଲ୍ମଟିକୁ ପ୍ରଯୋଜନା କରୁଛନ୍ତି। ସେ ଯେତେବେଳେ ମୋତେ କାହାଣୀ ଶୁଣାଇଲେ ଆଉ ମୋ ଭୂମିକା ବିଷୟରେ ସୂଚନା ଦେଲେ ସେତେବେଳେ ତାହା ମୋତେ ବେଶ୍ ଇମ୍ପ୍ରେଶ କରିଥିଲା। ହେଲେ ସମ୍ପୂର୍ଣ୍ଣ କମେଡି ରୋଲ୍‌କୁ କିପରି ତୁଲାଇବି ସେ ନେଇ ଏବେଠାରୁ ପ୍ରିପାରେଶନ ଆରମ୍ଭ କରିଦେଇଛି। କେବଳ ସେତିକି ନୁହେଁ ମୁଁ ଜଣେ କମେଡି ଗୁରୁ ସନ୍ଧାନରେ ମଧ୍ୟ ଅଛି। କାରଣ ସେ ମୋତେ ମିଳିଗଲେ ତାଙ୍କର ଟିପ୍ସ ମୋତେ ବେଶ୍ ସହାୟକ ହେବ। ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଜଣେ ନବାଗତଙ୍କୁ ସାଇନ୍ କରିବାରେ ଯୋଜନା ରହିଛି। ହେଲେ ମୋର ଏତିକି ବିଶ୍ୱାସ ରହିଛି ଏହି ଭୂମିକା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ।'' ଜାହ୍ନବୀଙ୍କ ବଲିଉଡ୍‌ର କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ୍' (୨୦୧୮)ଫିଲ୍ମରୁ। ଏଥିରେ ମଧ୍ୟ ନବାଗତ ଇଷାନ୍ ଖଟ୍ଟରଙ୍କୁ ବ୍ରେକ୍ ମିଳିଥିଲା। ସେ ଇତିମଧ୍ୟରେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ଗୁଞ୍ଜନ ସାକ୍‌ସେନା: ଦ କାର୍‌ଗିଲଗର୍ଲ', ମିଲି', 'ରକି ଔର ରାନୀ କି ପ୍ରେମ କାହାନୀ','ଉଲ୍‌ଝା' ଏବଂ ଗତ ମାସରେ ରିଲିଜ ହୋଇଥିବା 'ସନି ସଂସ୍କାରୀ କି ତୁଲସୀ କୁମାରୀ'। ଏବେ ସେ 'ପିଡ୍ଡି' ଟାଇଟଲବିଶିଷ୍ଟ ଏକ ତେଲୁଗୁ ସିନେମାରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରାମ ଚରଣ। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୨୬ରେ ରିଲିଜ ହେବାର ଯୋଜନା ରହିଛି।

## ସାମାନ୍ୟ ଭୁଲ୍ ପାଇଁ...

ଜଣେ ନିଶାଗ୍ରସ୍ତ ବ୍ୟକ୍ତି ନିଜ ପରିବାର ପାଇଁ ଅଯଥା ସମସ୍ୟାକୁ ଡାକି ଆଣିଥାଏ। ତା'ସହ ଏହାର ପ୍ରଭାବ ମଧ୍ୟ କେତେକାଂଶରେ ସମାଜ ଉପରେ ପଡିଥାଏ। ନିଶାସକ୍ତ ଅବସ୍ଥାରେ ସେ କ'ଣ କରେ ନିଜେ ଜାଣିପାରେନା। ପରିବାର ସଦସ୍ୟମାନେ ଏଥିଯୋଗୁ ଅଯଥାରେ ହଇରାଣ ହୁଅନ୍ତି। ତେଣୁ ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ପ୍ରସ୍ତୁତ କରାଯାଉଛି ଓଡ଼ିଆ ଏବଂ କୋରାପୁଟିଆ ଫିଲ୍ମ 'ଜଙ୍ଗଲ ଜଲୁଛେ'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାରଣା। ଉକ୍ତ ସିନେମାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁବ୍ରତା ନାୟକ, ଶ୍ରଦ୍ଧା ମହାରଣା, ସୀତାରଶ୍ମି ସାହୁ, ଗୋରେଖ ନାଥ ସାହୁ, ମିଟୁ ମିଥୁନ, ବିନ୍ଦୁ ମଲିକ ଏବଂ ମୁନା ମୋଦି।

## ପେଣ୍ଟିଂ ପ୍ରିୟ ସଲମାନ୍



ସଲମାନ୍ ଖାନ୍ କେବଳ ଜଣେ ଅଭିନେତା ନୁହନ୍ତି ଆଉ କେତେକ କ୍ଷେତ୍ରରେ ତାଙ୍କର ଭଲ ପାରଦର୍ଶିତା ରହିଛି। ସମୟ ମିଳିବା ମାତ୍ରେ ସେ ପେଣ୍ଟିଂ ବା ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। କୌଣସି ପ୍ରାକୃତିକ ଦୃଶ୍ୟରାଜିକୁ ସେ ଦେଖିବା ମାତ୍ରେ ତାହାକୁ କିପରି ମନଲାଖି ଚିତ୍ରରେ ରୂପାନ୍ତରିତ କରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଆନ୍ତି। କେବଳ ସେତିକି ନୁହେଁ, ସେ ଅଭିନୟ କରିଥିବା 'ଜୟ ହୋ' ଫିଲ୍ମର ପୋଷ୍ଟର ଡିଜାଇନ୍ ନିଜେ କରିଥିଲେ, ଯାହା ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। କେବଳ ସେତିକି ନୁହେଁ, ସେ ମଧ୍ୟ ଜଣେ ଲେଖକ। ସେ ଅଭିନୟ କରିଥିବା 'ବୀର' ଏବଂ 'ଦବଙ୍ଗ ୩'ର ସ୍କ୍ରିପ୍ଟ ନିଜେ ଲେଖିଥିଲେ ସଲମାନ୍। ଯେତେବେଳେ ସେ ପଢୁଥିଲେ ସେତେବେଳେ ସନ୍ତରଣ ବା ସୁଇମିଙ୍ଗରେ ବେଶ୍ ସୁନାମ ଅର୍ଜନ କରିଥିଲେ। ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ ମଧ୍ୟ କରିଥିଲେ। ତାଙ୍କର ଆଉ ଏକ ଭଲ ଗୁଣ ରହିଛି। 'ବିଇଂ ହ୍ୟୁମାନ ଫାଉଣ୍ଡେଶନ' ନାମକ ଏକ ସଂସ୍ଥା ସେ ଗଠନ କରିଛନ୍ତି। ବିଶେଷଭାବରେ ଦୁଃଖୀ, ଦରିଦ୍ରଙ୍କ ବ୍ୟତୀତ ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କୁ ସେ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିଥାଆନ୍ତି। 'ମୈନେ ପ୍ୟାର୍ କିୟା' ଫିଲ୍ମରୁ ସେ ନାୟକ ସାଜିଥିଲେ। କିନ୍ତୁ ଏହାପୂର୍ବରୁ ସେ 'ବିବି ହୋ ତୋ ଐସି' ଫିଲ୍ମରେ ଜଣେ ପାର୍ଶ୍ୱ ଅଭିନେତା ଭାବରେ କ୍ୟାରିୟର ଆରମ୍ଭ କରିଥିଲେ।

## ଅନୁତାପ କରୁଛନ୍ତି ରଶ୍ମିକା


ରଶ୍ମିକା

ରଶ୍ମିକା ମାନ୍ଦାନା ଏବେ ଅନୁତାପ କରୁଛନ୍ତି। କାରଣ ନିକଟରେ ସେ ଏଭ ଭଲ ଅଫର ହାତଛଡା କରିଛନ୍ତି। ଆଉ ଏହା ପଛରେ ସେଭଳି କାରଣ ମଧ୍ୟ ରହିଛି। ଯେହେତୁ ସେ ଏବେ ଏକ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି ଏବଂ ଏହା ଶେଷ ହେବା ପରେ ପରେ ଆଉ ଏକ ଫିଲ୍ମର ଶୁଟିଂ ଆରମ୍ଭ ହେବ,ତେଣୁ ତାଙ୍କ ହାତରେ ଏବେ ଆଦୌ ସମୟ ନାହିଁ। ଏ ବିଷୟରେ ରଶ୍ମିକା କହନ୍ତି, ''ଏବେ ମୁଁ ଏକ ଅନଟାଇଟଲଡ୍ ତେଲୁଗୁ ଫିଲ୍ମରେ ଅଭିନୟ କରୁଛି। ତା'ପରେ ଆଉ ଏକ ତାମିଲ ଫିଲ୍ମର ଶୁଟିଂ ଆରମ୍ଭ ହେବ। ହେଲେ ଠିକ୍ ଏହି ସମୟରେ ମୋତେ ଏକ ଭଲ ହିନ୍ଦୀ ଫିଲ୍ମ ଅଫର ମିଳିଥିଲା। କିନ୍ତୁ ଯେହେତୁ ମୋ ହାତରେ ସମୟ ନାହିଁ, ତେଣୁ ଏହି ସୁଯୋଗଟିକୁ ହାତଛଡା କରିଛି। କାରଣ ଏହାବ୍ୟତୀତ ମୋ ପାଖରେ ଆଉ କିଛି ଉପାୟ ନ ଥିଲା।''

## ସାନ୍ୟାଙ୍କ ନୀରବତା


ସାନ୍ୟା

'ଦଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଏହା ପଛରେ ନିଶ୍ଚୟ କିଛି କାରଣ ତ ଥିବ। କଥା କ'ଣ କି ନିଜ କ୍ୟାରିୟରକୁ ନୂଆ ମୋଡ ଦେବା ପାଇଁ ସେ ଏଭଳି ଉପାୟ ଆପଣେଇଛନ୍ତି। ଏ ବିଷୟରେ କାହାକୁ କିଛି ଅଧିକ ସୂଚନା ଦେବାକୁ ସେ ଅମଙ୍ଗ ହେଉଛନ୍ତି। ହେଲେ ଏଭଳି ନୀରବତା ବିଷୟରେ ସାନ୍ୟା କହନ୍ତି, ''ସତ କଥା ହେଲା ମୋ କ୍ୟାରିୟରକୁ ନେଇ ମୁଁ ଏବେ ଭାରି ସିରିୟସ। କାରଣ ମୋର ପ୍ରଥମ ସିନେମା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ତା'ପରେ ମଧ୍ୟ କେତୋଟି ଭଲ ଫିଲ୍ମରେ ମୁଁ ଅଭିନୟ କରିସାରିଛି। ତେଣୁ ଏଣୁତେଣୁ ଗୁଡାଏ ଫିଲ୍ମରେ ଅଭିନୟ କରିବା ଆଉ ସେଗୁଡିକ ଫ୍ଲପ୍ ହେବା–ଏକଥା ମୁଁ ଚାହେଁନା। ତେଣୁ ଫିଲ୍ମଟିଏ ସାଇନ୍ କରିବା ବେଳେ ବେଶ୍ ସତର୍କତା ଅବଲମ୍ବନ କରୁଛି। ତେବେ ମୋର ଏଭଳି ନୀରବତା ପଛରେ ଆଉ କିଛି ସ୍ପେଶାଲ କାରଣ ନାହିଁ।'' ସାନ୍ୟାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦଙ୍ଗଲ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମିର ଖାନ୍। ତେବେ ଏଥିପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ଏହି ଫିଲ୍ମ ପାଇଁ ତାଙ୍କୁ ପାଞ୍ଚ ରାଉଣ୍ଡ ଅଡିଶନ ଦେବାକୁ ପଡିଥିଲା। ଶେଷରେ ଉକ୍ତ ସିନେମାର ବବିତା ପୋଘଟ ଭୂମିକାରେ ଆକ୍ଟିଂ କରିବାର ସୁଯୋଗ ମିଳିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ଆଉ ଚରିତ୍ର ତାଙ୍କୁ ଆଶାତୀତ ସଫଳତା ଦେଇଥିଲା। ସାନ୍ୟା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି– 'ପଟାକା', 'ବଧାଇ ହୋ', 'ଫଟୋଗ୍ରାଫ', 'ଶକୁନ୍ତଳା ଦେବୀ', 'ଲୁଡୁ', 'ମୀନାକ୍ଷୀ ସୁନ୍ଦରେଶ୍ୱର', 'ଲଭ୍ ହଷ୍ଟେଲ', ' 'ଜୱାନ', 'ସାମ୍ ବାହାଦୁର', 'ବେବି ଜନ୍'ଏବଂ 'ସନି ସଂସ୍କାରି କି ତୁଲସୀ କୁମାରୀ'।

## ବୋହୂ ୪୨୦


'ବୋହୂ ୪୨୦'ର ଏକ ଦୃଶ୍ୟ

ଚଳିତ ମାସ ୩୦ ତାରିଖ (ରବିବାର)ରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି 'ବୋହୂ ୪୨୦'। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରାଶେସ ମହାନ୍ତି। ଏହି ଫିଲ୍ମଟିରେ ସସପେନ୍ସ , ଥ୍ରୀଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି। କସ୍ତୁରୀ ନାମକ ଏକ ଝିଅ ଯିଏ ପରେ ବୋହୂ ସାଜିଛି । ବିବାହ ପରେ ବାରମ୍ବାର ମିଛ କଥା କହି ସେହି ଘରକୁ ଲୁଟିବା ହେଉଛି ତାହାର ମୁଖ୍ୟ ଉଦ୍ଦେଶ୍ୟ। ପୁଣି ଲୁଟିବା ପରେ କେଉଁ ଆଡ଼େ ଅଦୃଶ୍ୟ ହୋଇଯାଏ। ଏପରି ସମାନ ମାମଲା ବାରମ୍ବାର ପୋଲିସ ସାମନାକୁ ଆସେ ଆଉ ଏଭଳି ଚୋରିର ମାଷ୍ଟରମାଇଣ୍ଡ କିଏ ତାକୁ ଧରିବାକୁ ଚେଷ୍ଟା କରେ। ତେବେ ଏଭଳି ରୋମାଞ୍ଚକର ଘଟଣାର ପରିସମାପ୍ତି କିପରି ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଶାନ୍ତନୁ ନାୟକ। କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ''ଆମର ଦୃଢ଼ ଆଶା ଯେ 'ବୋହୂ ୪୨୦' ମଧ୍ୟ ଆପଣଙ୍କୁ ଓ ଆପଣଙ୍କ ପୂରା ପରିବାରକୁ ମନୋରଞ୍ଜନ ଖୋରାକ ଯୋଗାଇବ ବୋଲି କହିଛନ୍ତି ଜୀ–ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ ।''

## ଜେଜେ ମା


କ୍ଷୁଦ୍ର ଚଳଚ୍ଚିତ୍ର 'ଜେଜେ ମା'ର ଏକ ଦୃଶ୍ୟ

ଅଧିକାଂଶ ପରିବାର ଭିତରେ ଏବେ ବୟସ୍କମାନେ ସତେ ଯେମିତି ବୋଝ ପାଲଟି ଯାଉଛନ୍ତି । ଦିନେ ଯେଉଁ ମା ବାପାଙ୍କ ହାତ ଧରି ବାଟ ଚାଲିଶିଖିଥିବା ଶିଶୁ ଯେତେବେଳେ ନିଜେ ବାପା କିମ୍ବା ମାଆ ହୋଇଯାଏ ସେତେବେଳେ କେମିତି ସେହି ବୃଦ୍ଧ ବାପା ଆଉ ବୃଦ୍ଧା ମାଆଙ୍କୁ ଅବହେଳା କରୁଛି ତାହାର ନିଛକ ଚିତ୍ର କ୍ଷୁଦ୍ର ଚଳଚ୍ଚିତ୍ର 'ଜେଜେ ମା'ରେ ଦେଖିବାକୁ ମିଳିଛି। ରତ୍ନଗିରି କ୍ରିଏସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ନବାଗତା ଅନୁସୂୟା ଜେନାଙ୍କ ପ୍ରଯୋଜିତ ଏହି ସିନେମାଟି ନିକଟରେ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ୟୁଟୁବରେ ମୁକ୍ତିଲାଭ କରି ପ୍ରଶଂସା ସାଉଁଟିବାରେ ଲାଗିଛି। କାହାଣୀ ପରିକଳ୍ପନା ସହ ନିର୍ଦ୍ଦେଶନା ଦେଇଛନ୍ତି ନଗେନ କୁମାର ଜେନା । ଏହାର ସହ ନିର୍ଦ୍ଦେଶକ ଅଛନ୍ତି ଦୁଷ୍ମନ୍ତ କୁମାର। ଡ. ଅଜୟ କୁମାର ଜେନା ଏହାର ସଂଳାପ ଏବଂ ଶୀର୍ଷକ ଗୀତ ରଚନା କରିଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବେଣୁ ଭାଇ। ପଙ୍କଜ ମହାନ୍ତି, ରେଣୁ, ଗଣେଷ ପତି, ପ୍ରଦୀପ, ସୋନାକ୍ଷୀ, ଚୈତନ୍ୟ, ନିହାର, ଶିଶୁ କଳାକାର ଦମନ ଅଭିନୟ କରିଛନ୍ତି।

## ଆଇଟମ୍ ନମ୍ବରରେ ସୂର୍ଯ୍ୟମୟୀ

ବର୍ତ୍ତମାନ ଅନ୍ୟତମ ବ୍ୟସ୍ତ ନାୟିକାଙ୍କ ମଧ୍ୟରେ ଅଛନ୍ତି ସୂର୍ଯ୍ୟମୟୀ। ଇତିମଧ୍ୟରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ପୁଣି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିସାରିଲେଣି। ଆଉ ଏବେ ତାଙ୍କୁ ନେଇ ଚର୍ଚ୍ଚା। କଥା କ'ଣ କି ସୂର୍ଯ୍ୟମୟୀ ଏକ ଫିଲ୍ମର ଆଇଟମ୍ ନମ୍ବରରେ ନାଚିଛନ୍ତି। ଆଉ ଏଭଳି ଏକ ଗୀତ ସଂଯୋଜିତ ହୋଇଛି ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'ରେ। 'ପାତଲ ଘଣ୍ଟା' ଶୀର୍ଷକ ଏହି ଆଇଟମ୍ ଗୀତଟିରେ ସମ୍ବଲପୁରୀ ଫ୍ଲେବର ଦର୍ଶକ ଅନୁଭବ କରିପାରିବେ। ଏହାକୁ ରଚନା କରିଛନ୍ତି ରଞ୍ଜନ ନାୟକ। ସ୍ୱର ସଂଯୋଜନା କରିଛନ୍ତି ଆଶିଷ ପ୍ରଧାନ। ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଗଧାଡ଼ିର ଗାୟିକା ଅସୀମା ପଣ୍ଡା। ସବୁଠାରୁ ଖାସ୍ କଥା ହେଲା ଏହାର କୋରିଓଗ୍ରାଫି କରିଛନ୍ତି ନାମୀ କୋରିଓଗ୍ରାଫର ଅମିତ ନାୟକ। ଏହି ସିନେମାଟିର ପ୍ରଯୋଜନା କରିଛନ୍ତି ଅଶ୍ରୁଜିତ ମହାପାତ୍ର ଏବଂ ଶୋଭନ ଦାସ। ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂ ଏବଂ ଶିଶିର କୁମାର ସାହୁ। ଦେଖାଯାଉ, ଏହା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି!


'ରକ୍ତ ଗୋଲାପ' ଫିଲ୍ମରେ ସୂର୍ଯ୍ୟମୟୀ

## ସୟଦ ମୁସ୍ତାକ ଅଲୀ ଟି୨୦

# ଓଡ଼ିଶାର ବଡ଼ ପରାଜୟ

### କୁନ୍ନୁମଲଙ୍କ ବିସ୍ଫୋରକ ଶତକ

**ଲକ୍ଷ୍ନୌ,୨୬।୧୧**

ଚଳିତ ଘରୋଇ ସିଜନର ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଯାଇଛି। ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୦ ଉଇକେଟରେ କେରଳଠାରୁ ପରାସ୍ତ ହୋଇଛି। ଓଡ଼ିଶା ଦ୍ୱାରା ପ୍ରଦତ୍ତ ୧୭୭ ରନ୍‌ର ଟାର୍ଗେଟ୍‌କୁ କେରଳ ୧୬.୩ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ଏହି ମ୍ୟାଚ୍ ଜରିଆରେ ବାଦଲ ବିଶ୍ୱାଳ, ଭାଗିଶ ଶର୍ମା ଓ ସୌରଭ ଗୌଡ଼ ଟି୨୦ ପଦାର୍ପଣ କରିଛନ୍ତି। ଓଡ଼ିଶା ଦଳ ଆସନ୍ତା ୨୮ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶାକୁ ସ୍ୱସ୍ତିକ୍ ସାମଲ(୨୦ ରନ, ୩ ଚୌକା ଓ ୧ ଛକା) ଓ ଗୌରବ ଚୌଧାରୀ (୨୯ ରନ୍, ୪ ଚୌକା ଓ ୧ ଛକା) ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୪.୨ ଓଭରରେ ଦଳୀୟ ସ୍କୋରକୁ ୪୮ ରନ୍‌ରେ ପହଞ୍ଚାଇଥିଲେ। ହେଲେ ଏହି ଦୁଇ ବ୍ୟାଟର ଗୋଟିଏ ଓଭରରେ ପାଭିଲିଅନ ଫେରିବାରୁ ଓଡ଼ିଶା ଦଳ ମୁମେଣ୍ଟମ୍ ହରାଇଥିଲା। ଶୁଭ୍ରାଂଶୁ ସେନାପତି(୧୫) ବିଫଳ ହୋଇଥିଲେ। ଏହାପରେ ଅଧିନାୟକ ବିପ୍ଲବ ସାମନ୍ତରାୟ ଓ ସମ୍ବିତ୍ ଏସ୍ ବରାଳ ଚତୁର୍ଥ ଉଇକେଟରେ ୫୮ ବଲ୍‌ରେ ୭୯ ରନ୍ ଯୋଡ଼ିଥିଲେ। ସମ୍ବିତ ୪୦(୪ ଚୌକା ଓ ୧ ଛକା) ରନ୍‌କରି ଆଉଟ୍ ହେବା ପରେ ବିପ୍ଲବ ଏକାକୀ ଦଳୟ ସ୍କୋରକୁ ୧୭୬ ରନ୍‌ରେ ପହଞ୍ଚାଇ ଦେଇଥିଲେ। ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିବା ବିପ୍ଲବ ୪୧ ବଲରେ ୫ ଚୌକା ଓ ୧ ଛକା ସହ ୫୩ ରନ୍ କରିଥିଲେ। ଫଳରେ ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିଥିଲା। କେରଳ ପକ୍ଷରୁ ଏମ୍‌ଡି ନିଧିଶ ୪ ଓ କେଏମ୍ ଆସିଫ୍ ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶାର କୌଣସି ବୋଲର କେରଳ ଅଧିନାୟକ ସଞ୍ଜୁ ସାମ୍‌ସନ ଓ ରୋହନଙ୍କ ଓପନିଂ ଯୋଡ଼ି ଆଗରେ ପ୍ରଭାବୀ ବୋଲିଂ କରିପାରି ନ ଥିଲେ। ଫଳରେ କେରଳ ୧୬.୩ ଓଭରରେ ବିନା ଉଇକେଟରେ ଟାର୍ଗେଟ୍ ହାସଲ କରିନେଇଥିଲା। ସାମ୍‌ସନ ୪୧ ବଲ୍‌ରେ ୫୧(୬ ଚୌକା ଓ ୧ ଛକା) ଓ ରୋହନ ୬୦ ବଲ୍‌ରେ ୧୨୧(୧୦ ଲେଖାଏ ଚୌକା ଓ ଛକା) ରନ୍‌ର ଇନିଂସ୍ ଖେଳିଥିଲେ।


ପଦାର୍ପଣକାରୀ ସୌରଭ ଗୌଡ଼, ଭାଗିଶ ଶର୍ମା ଓ ବାଦଲ ବିଶ୍ୱାଳ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୨୦ ଓଭରରେ ୧୭୬/୭ (ବିପ୍ଲବ ସାମନ୍ତରାୟ–୫୩, ସମ୍ବିତ୍ ଏସ୍ ବରାଳ–୪୦, ଗୌରବ ଚୌଧାରୀ–୨୯, ଏମ୍‌ଡି ନିଧିଶ–୪/୩୫, କେଏମ୍ ଆସିଫ୍–୨/୨୪)।
କେରଳ: ୧୬.୩ ଓଭରରେ ୧୭୭/୦(ରୋହନ କୁନ୍ନୁମଲ–୧୨୧*, ସଞ୍ଜୁ ସାମ୍‌ସନ–୫୧*)।

# ଗୌରୀ ଶଙ୍କର ବୈଷୟିକ ଅଧିକାରୀ

**ଭୁବନେଶ୍ୱର,୨୬।୧୧(ବିଜୟ ରଣା)**



### ୟୁପି ପ୍ରୋ-ହ୍ୟାଣ୍ଡବଲ୍ ଲିଗ୍

ଆସନ୍ତା ମାସ ୨୫ରୁ ସମ୍ମାନଜନକ ଉତ୍ତର ପ୍ରଦେଶ ପ୍ରୋ ହ୍ୟାଣ୍ଡବଲ୍ ଲିଗ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ର ବୈଷୟିକ ଅଧିକାରୀ ଭାବେ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ମାସରେ ସେ (୧୭ବର୍ଷରୁ କମ୍) ଭାରତୀୟ ବାଳକ ଦଳ ସହ ଜୋର୍ଡାନ ଗସ୍ତ କରିଥିଲେ। ସେ ହେଉଛନ୍ତି ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ପିତା। ଗୌରୀ ଶଙ୍କରଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ୍ ସଙ୍ଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ କୋଷାଧକ୍ଷ ଶିତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।














































# ସିରିଜ୍ ସୁଇପ୍ କଲା ଦକ୍ଷିଣ ଆଫ୍ରିକା

**ଗୁଆହାଟୀ,୨୬।୧୧(ପି.ଟି.)**

ସ୍ଥାନୀୟ ବର୍ସାପାରା ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛି। ଘରୋଇ ଦଳ ୪୦୮ ରନ୍ ବ୍ୟବଧାନରେ ପରାସ୍ତ ହୋଇଛି, ଯାହାକି ରନ୍ ଦୃଷ୍ଟିରୁ ଭାରତୀୟ କ୍ରିକେଟ୍ ଇତିହାସରେ ଏହା ସବୁଠୁ ବଡ଼ ପରାଜୟ। ଅନ୍ୟପକ୍ଷରେ ଏହା ଦକ୍ଷିଣ ଆଫ୍ରିକା ପାଇଁ ଦ୍ୱିତୀୟ ସର୍ବବୃହତ୍ ଟେଷ୍ଟ ବିଜୟ। ଏହି ପରାଜୟ ସହ ଭାରତୀୟ ଦଳ ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ୍‌ର ସମ୍ମୁଖୀନ ହୋଇଛି। ଭାରତୀୟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨୫ ବର୍ଷ ପରେ ଭାରତ ମାଟିରେ ଟେଷ୍ଟ ସିରିଜ୍ ଜିତିଛି। ଗତ ୧୩ ମାସ ମଧ୍ୟରେ ଏହା ଘରୋଇ ମାଟିରେ ଭାରତୀୟ ଦଳ ପାଇଁ ଦ୍ୱିତୀୟ ଓ ମୋଟ ଉପରେ ତୃତୀୟ କ୍ଲିନ୍ ସୁଇପ୍। ଲଗାତର ପରାଜୟ ଯୋଗୁ ଭାରତୀୟ ଦଳର ଚଳିତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲରେ ଫାଇନାଲ ଖେଳିବା ସମ୍ଭାବନା ହ୍ରାସ ପାଇଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ଭାରତ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ୫ ଟେଷ୍ଟରେ ପରାଜିତ ହୋଇଛି। ତାଙ୍କର ଅଲ୍‌ରାଉଣ୍ଡରଙ୍କ ପ୍ରତି ଅନୁରାଗ ଓ ବାରମ୍ବାର ପରିବର୍ତ୍ତନ କରିବାର ଷ୍ଟ୍ରାଟେଜି ଯୋଗୁ ଦଳରେ କୌଣସି ଖେଳାଳି ନିଜ ସ୍ଥାନ ନେଇ ନିଶ୍ଚିତ ନୁହନ୍ତି। ଏଥିଯୋଗୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତାଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି।

ବୁଧବାର ତଥା ଅନ୍ତିମ ଦିନରେ ସାମ୍ନାରେ ଅସମ୍ଭବ ୫୪୯ ରନ୍‌ର ଟାର୍ଗେଟ୍ ଥିବାରୁ ଭାରତୀୟ ଦଳ ମ୍ୟାଚ୍ ବଞ୍ଚାଇବାକୁ ଖେଳିବ ବୋଲି ଆଶା କରାଯାଉଥିଲା। ଭାରତୀୟ ବୋଲରମାନେ ରୋଡ୍ ସହ ତୁଳନା କରୁଥିବା ପିଚ୍ ୫ମ ଦିନରେ ର୍‍ୟାଙ୍କ ଟର୍ନର ଭଳି ବ୍ୟବହାର କରୁଥିଲା। ଅତ୍ୟଧିକ ସ୍ପିନ୍ ଓ ବାଉନ୍ସ କାରଣରୁ ଭାରତୀୟ ବ୍ୟାଟରମାନେ ପିଚ୍‌ରେ ଅଧିକ ସମୟ ଛିଡ଼ା ହୋଇପାରି ନ ଥିଲେ। କେବଳ ରବୀନ୍ଦ୍ର ଜାଡେଜା ୮୭ ବଲ୍‌ର ସମ୍ମୁଖୀନ ହୋଇ ୫୪(୪ ଚୌକା ଓ ୨ ଛକା) ରନ୍ କରିଥିବାବେଳେ ସାଇ ସୁଦର୍ଶନ ସର୍ବାଧିକ ୧୩୯ ବଲ୍‌ର ସମ୍ମୁଖୀନ ହୋଇଥିଲେ। ହେଲେ ସୁଦର୍ଶନ ୬ଥର ଜୀବନଦାନ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ(୨), ଅଧିନାୟକ ରିଷଭ ପନ୍ତ(୧୩), ୱାଶିଂଟନ ସୁନ୍ଦର(୧୬), ନୀତୀଶ କୁମାର ରେଡ୍ଡୀ(୦) ବିଫଳ ହୋଇଥିଲେ। ଭାରତୀୟ ଦଳ ୬୩.୫ ଓଭରରେ ମାତ୍ର ୧୪୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦ. ଆଫ୍ରିକା ପାଇଁ ସାଇମନ ହାର୍ମର ସର୍ବାଧିକ ୬ ଉଇକେଟ ନେଇଥିବା ବେଳେ କେଶବ ମହାରାଜ ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କୋ ଜାନସେନ ଓ ସେନୁରାନ ମୁଥୁସାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଥିବା ଜାନସେନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ସର୍ବାଧିକ ୧୭ ଉଇକେଟ ହାସଲକାରୀ ହାର୍ମରଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ୍: ୪୮୯/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ୍: ୨୦୧/ଅଲ୍‌ଆଉଟ। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ୍: ୨୬୦/୫(ଘୋଷଣା)। ଭାରତ ଦ୍ୱିତୀୟ ଇନିଂସ୍: ୧୪୦/ଅଲ୍‌ଆଉଟ(ରବୀନ୍ଦ୍ର ଜାଡେଜା-୫୪, ସାଇ ସୁଦର୍ଶନ-୧୪, ସାଇମନ ହାର୍ମର-୬/୩୭, କେଶବ ମହାରାଜ-୨/୩୭, ମାର୍କୋ ଜାନସେନ୍-୧/୨୩)।


ଟ୍ରଫି ସହିତ ସିରିଜ ବିଜୟୀ ଦକ୍ଷିଣ ଆଫ୍ରିକା ଦଳ।

## ଭବିଷ୍ୟତ ନିଷ୍ପତ୍ତି ବିସିସିଆଇ ନେବ

**ଗୁଆହାଟୀ,୨୬।୧୧(ପି.ଟି.)**

ଦକ୍ଷିଣ ଆଫ୍ରିକାଠାରୁ ୨-୦ରେ ଭାରତୀୟ ଦଳ କ୍ଲିନ୍ ସୁଇପ୍ ବରଣ କରିବା ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବୁଧବାର ତାଙ୍କୁ କରାଯାଉଥିବା ସମାଲୋଚନା ସମ୍ପର୍କରେ ମୁହଁ ଖୋଲିଛନ୍ତି। ତାଙ୍କ ଭବିଷ୍ୟତ ସମ୍ପର୍କରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

'ମୋ ଭବିଷ୍ୟତ କ'ଣ ହେବ, ତାହା ବିସିସିଆଇ ଉପରେ ନିର୍ଭର କରେ। ମୁଁ ମୁଖ୍ୟ କୋଚ୍ ଭାବେ କାର୍ଯ୍ୟଭାର ସମ୍ଭାଳିବା ପରେ ମୋର ପ୍ରଥମ ଖବରଦାତା ସମ୍ମିଳନୀରେ କହିଥିଲି ଯେ, ଭାରତୀୟ କ୍ରିକେଟ୍ ଗୁରୁତ୍ୱପୂର୍ଣ୍ଣ, ମୁଁ ନୁହେଁ। ମୁଁ ଏବେ ବି ସମାନ କଥା କହୁଛି। ମୋ କାର୍ଯ୍ୟକାଳରେ ହିଁ ଯୁବ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଭଲ ପ୍ରଦର୍ଶନ କରିବା ସହ ଚାମ୍ପିୟନ୍ସ ଟ୍ରଫି ଓ ଏସିଆ କପ୍ ଜିତିଥିଲା। ମୁଁ ନିଶ୍ଚିତ ଯେ, ଲୋକେ ଖୁବ୍‌ଶୀଘ୍ର ଏ କଥା ଭୁଲିଯିବେ। କାରଣ ସମସ୍ତେ ଗତବର୍ଷ ନ୍ୟୁଜିଲାଣ୍ଡଠାରୁ ମିଳିଥିବା ପରାଜୟ ସମ୍ପର୍କରେ ଖୁବ୍ ଆଲୋଚନା କରୁଛନ୍ତି' ବୋଲି ଗମ୍ଭୀର କହିଛନ୍ତି।

## ସିନ୍ଦାରୋଭ ସର୍ବକନିଷ୍ଠ ଚାମ୍ପିୟନ

**ଫିଡେ ବିଶ୍ୱକପ୍**

**ପଣଜୀ, ୨୬।୧୧(ପି.ଟି.)**

ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭ ସର୍ବକନିଷ୍ଠ ଖେଳାଳି ଭାବେ ଏଠାରେ ଫିଡେ ଚେସ୍ ବିଶ୍ୱକପ୍ ଜିତିଛନ୍ତି। ୧୯ ବର୍ଷୀୟ ଚେସ୍ ଖେଳାଳି ଫାଇନାଲରେ ଚାଇନାର ୱି ୟୁ'ଙ୍କୁ ହରାଇ ଦେଇଛନ୍ତି। ଉଜ୍‌ବେକିସ୍ତାନର ଏହି ଯୁବଖେଳାଳି ପ୍ରତିଯୋଗିତାରେ ୧୬ତମ ସିଡ୍ ମାନ୍ୟତା ଲାଭ କରିଥିଲେ। ପୁରସ୍କାର ବାବଦରେ ସେ ୧,୨୦,୦୦୦(୧ କୋଟି ଟଙ୍କାରୁ ଅଧିକ) ଆମେରିକୀୟ ଡଲାର ପକେଟସ୍ଥ କରିଛନ୍ତି। ଅନ୍ୟପକ୍ଷରେ ରନରଅପ୍ ୱି' ୮୫,୦୦୦ ଡଲାର ପୁରସ୍କାର ଲାଭ କରିଛନ୍ତି। ସିନ୍ଦାରୋଭ ଓ ୱି' ଆଗକୁ ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବେ। ବର୍ତ୍ତମାନ ସ୍ଥିତିରେ ସିନ୍ଦାରୋଭ, ୱି ୟି' ଏବଂ



ରୁଷିଆର ଆନ୍ଦ୍ରେ ଏସିପେଙ୍କୋ ପ୍ରମୁଖ ଏହି ବିଶ୍ୱକପ୍‌ରୁ ପ୍ରତିଯୋଗିତା ପାଇଁ କ୍ୱାଲିଫାୟର ହୋଇଥିବା ବେଳେ ସେମାନଙ୍କ ସହ ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନା, ନେଦରଲାଣ୍ଡ୍ସର ଆନିଶ ଗିରି ଓ ଜର୍ମାନୀର ମାଥିଆସ ବ୍ଲୁବାଏମ ପ୍ରମୁଖ ଯୋଗଦେବେ।

## ମାଲେସିଆକୁ ହରାଇଲା ଭାରତ


ମାଲେସିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

**ଇପୋ, ୨୬।୧୧(ପି.ଟି.)**

ଭାରତୀୟ ପୁରୁଷ ହକି ଦଳ ଏଠାରେ ଚାଲିଥିବା ଆଜଲାନ ଶାହା କପ୍‌ରେ ବୁଧବାର ଖେଳିଥିବା ଏକ ମ୍ୟାଚରେ ଆୟୋଜକ ମାଲେସିଆକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ସେଲ୍‌ଭାମ୍ କାର୍ଥି (୭ମ ମିନିଟ), ସୁଖଜିତ୍ ସିଂ (୨୧ତମ), ଅମିତ ରୋହି ଦାସ (୩୯ତମ) ଓ ସଞ୍ଜୟ (୫୩ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ମାଲେସିଆ ପକ୍ଷରୁ ଫେଜାଲ ସାରି (୧୩ତମ), ଫ୍ରିଡ୍ରି ସାରି (୩୬ତମ) ଓ ମାରହାନ୍ ଜଲିଲ (୪୫ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ।

# ଓଡ଼ିଶା ପାରା ଆଥଲେଟିକ୍ସ ଦଳ ସମ୍ବର୍ଦ୍ଧିତ


ପଦକଧାରୀ ଓଡ଼ିଆ ପାରା ଆଥଲେଟଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୨୬।୧୧(ଅନାଦି କର)**

ଥାଇଲାଣ୍ଡର ନାଖୋନ ରାତଚାସିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ ଗେମ୍ସରେ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଥିବା ଓଡ଼ିଶା ପାରା ଆଥଲେଟିକ୍ସ ଦଳକୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ବର୍ଦ୍ଧିତ କରିଛନ୍ତି। ଭବିଷ୍ୟତରେ ଆହୁରି ଉଚ୍ଚ ସଫଳତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ କଳିଙ୍ଗ ଷ୍ଟାଡିୟମଠାରେ ପଦକଧାରୀ ପାରା ଆଥଲେଟ୍ସଙ୍କୁ ଦରକାର ଥିବା ସମସ୍ତ ପ୍ରକାର ସୁବିଧା, ଅତ୍ୟାଧୁନିକ ଟ୍ରେନିଂ ସପୋର୍ଟ ଓ ହାଇ-ପରଫମାନ୍ସ ପରିବେଶ ଯୋଗାଇ ଦିଆଯିବ ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ଆଶ୍ୱାସନା ଦେଇଛନ୍ତି। ଏହି ଅବସରରେ କମିଶନର-କମ୍-ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦ୍ଦୁଲା ବିଜୟ ଉପସ୍ଥିତ ଥିଲେ। ଓଡ଼ିଶାର ପାରା ଆଥଲେଟ୍‌ମାନେ ମୋଟ ୧୨ ପଦକ ଜିତିଥିଲେ। ପଦକ ତାଲିକାରେ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ରହିଥିଲା।

## ପାକିସ୍ତାନ ପଛକୁ ଖସିଲା ଭାରତ

**ନୂଆଦିଲ୍ଲୀ,୨୬।୧୧**

ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଭାରତୀୟ ଦଳ ୦-୨ରେ କ୍ଲିନ୍ ସୁଇପ୍ ବରଣ କରିଛି। ଏହାର ପ୍ରଭାବ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ୨୦୨୫-୨୭ ତାଲିକାରେ ଦେଖିବାକୁ ମିଳିଛି। ଭାରତୀୟ ଦଳ ୪୮.୧୫ପ୍ରତିଶତ ପଏଣ୍ଟ ସହ ପାକିସ୍ତାନ ପଛକୁ ପଞ୍ଚମ ସ୍ଥାନକୁ ଯାଇଛି। ଅନ୍ୟପକ୍ଷରେ ଗତ ୪ ମ୍ୟାଚ୍‌ରେ ୩ ବିଜୟ ସହ ୩୬ ପଏଣ୍ଟ ପାଇଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନକୁ ଉଠିଛି। ଦ. ଆଫ୍ରିକା ଏବେ ୭୫ପ୍ରତିଶତ ପଏଣ୍ଟ ସହ କେବଳ ଅଷ୍ଟ୍ରେଲିଆ ପଛରେ ରହିଛି।

## ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମି ଆଜି

**ନୂଆଦିଲ୍ଲୀ, ୨୬।୧୧(ପି.ଟି.)**

ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ) ପାଇଁ ପ୍ରଥମଥର ଖେଳାଳି ନିଲାମି ଏଠାରେ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାରତର ବିଶ୍ୱକପ୍ ବିଜୟୀ ଷ୍ଟାର ଖେଳାଳି ଯଥା ଦୀପ୍ତି ଶର୍ମା, କ୍ରାନ୍ତି ଗୌଡ଼ ଓ ଶ୍ରୀଚାରନୀଙ୍କ ଭଳି ଖେଳାଳି ବହୁମୂଲ୍ୟରେ ବିକ୍ରୟ ହେବେ ବୋଲି ଆଶା କରାଯାଉଛି। କେତେଜଣ ବିଦେଶୀ ଖେଳାଳିଙ୍କୁ ନେବା ଲାଗି ଫ୍ରାଞ୍ଚାଇଜ୍ ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହୋଇପାରେ। ସେମାନଙ୍କ ମଧ୍ୟରେ ଲାଉରା ଓଲ୍‌ଭାର୍ଡଟ ଓ ସୋଫି ଏକ୍ଲେଷ୍ଟୋନ ଅନ୍ୟତମ। ନିଲାମିରେ ମୋଟ ୨୭୭ ଖେଳାଳି ଭାଗନେବେ। ସେମାନଙ୍କ ମଧ୍ୟରେ ୧୯୪ ଭାରତୀୟ ଓ ୮୩ ବିଦେଶୀ ଖେଳାଳି ରହିଛନ୍ତି। ୫ଟି ଦଳ ଅତିବେଶିରେ ୭୩ ଜଣ ଖେଳାଳିଙ୍କ ସ୍ଥାନ ପୂରଣ କରିବେ। ତନ୍ମଧ୍ୟରେ ୫୦ ଭାରତୀୟ ଓ ୨୩ ବିଦେଶୀ ଖେଳାଳି ଅଛନ୍ତି। ପ୍ରତ୍ୟେକ ଦଳରେ ସର୍ବନିମ୍ନ ୧୫ ଏବଂ ସର୍ବାଧିକ ୧୮ ଖେଳାଳି ରହିବେ।

## ଦ୍ୱିତୀୟ ରାଉଣ୍ଡରେ ଉନ୍ନତି

**ନୂଆଦିଲ୍ଲୀ,୨୬।୧୧**

ଟପ୍ ସିଡ୍ ଉନ୍ନତି ହୁଡା ସହଜ ବିଜୟ ସହ ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଉନ୍ନତି ୨୧-୧୩, ୨୧-୧୮ ଗେମ୍‌ରେ ଆକାର୍ଶି କଶ୍ୟପଙ୍କୁ ଆଗକୁ ବଢ଼ିଛନ୍ତି।

# ଡାଇମଣ୍ଡ ହାରବର କୋଲକତା ସେମିରେ



**ଢେଙ୍କାନାଳ,୨୬।୧୧**
**(ରତନ ନାୟାର)**

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ**

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନିୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ବୁଧବାର କ୍ୱାଟର ଫାଇନାଲ ମ୍ୟାଚରେ ଡାଇମଣ୍ଡ ହାରବର କୋଲକତା, କଟକ ଏକାଦଶ ଓଡିଶାକୁ ୩-୦ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ବିଜୟୀ ଡାଇମଣ୍ଡ ହାରବର କୋଲକତା ପକ୍ଷରୁ ପ୍ରଥମାର୍ଦ୍ଧରେ ୨୨ନଂ ଖେଳାଳୀ ଜେବି ଜଷ୍ଟିନ୍, ୬୭ନଂ ଖେଳାଳୀ ରାମଦିନ ଥାରା ଓ ଦ୍ୱିତୀୟାର୍ଦ୍ଧରେ ୧୬ନଂ ଖେଳାଳୀ ରାବିକାଲ ମାଣ୍ଡି ଗୋଟିଏ ଲେଖାଏଁ ଗୋଲ ପ୍ରଦାନ କରିଥିଲେ । ଜୁବି ଜଷ୍ଟିନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚକୁ ରେଫରୀ ଆଶିର୍ବାଦ କାନୁନଗୋ, ପ୍ରଦୀପ୍ତ ନାୟକ, ଅରୁଣ ନାୟକ ଓ ଶଶିକାନ୍ତ ଦାସିଆ ପରିଚାଳନା କରିଥିଲେ । ଅନିଲ ପ୍ରସାଦ ନନ୍ଦ ମ୍ୟାଚ କମିଶନର ରହିଥିଲେ । ଅତିଥି ଭାବେ ସଦର ତହସିଲଦାର ସ୍ୱାଧୀନ ବେହେରା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖା ଢେଙ୍କାନାଳର ମୁଖ୍ୟ ପରିଚାଳକ ସମ୍ବିତ କୁମାର ତ୍ରିପାଠୀ ଓ ବଜାର ବ୍ରାଂଚର ଶାଖା ପରିଚାଳକ ସମର ବଲ୍ଲଭ ପଣ୍ଡା ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୀୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠି, ମନୋଜ କୁମାର ପଟ୍ଟନାୟକ, ସତ୍ୟ ରଞ୍ଜନ ଭୂୟାଁ, ପ୍ରତାପ ମହାନ୍ତି, ମନୋଜ ଦାସ, ବାବୁ ପାଢୀ, ସୁନିଲ ପଣ୍ଡା, ପ୍ରତୀକ ଭଞ୍ଜ, ରାଜେନ୍ଦ୍ର ପାଣି, ବିଭୁତି ଭୂଷଣ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମୀୟ ଭୂଷଣ ସାହୁ, ସୁଶାନ୍ତ ଜେନାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ । ଗୁରୁବାର ବିଶ୍ରାମ ଦିବସ । ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲରେ ଆସାମ ରାଇଫଲ ସିଲଙ୍ଗ, ଡାଇମଣ୍ଡ ହାରବର କୋଲକତାକୁ ଭେଟିବ ।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ